

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-333 ♦BHUBANESWAR ♦SUNDAY ♦1 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୩୩ ♦ଭୁବନେଶ୍ୱର ♦ରବିବାର ♦୧ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# ଓଡ଼ିଶାରେ ପ୍ରଥମ କରୋନା ମୃତ୍ୟୁ

■ ଭୁବନେଶ୍ୱର/ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ପୁଣି ଚିନ୍ତା ବଢ଼ାଇଲାଣି କରୋନା। ଏହି ଭୂତାଣୁ ଦେଶରେ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଆଜିସୁଦ୍ଧା ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୩୩୯୫ରେ ପହଞ୍ଚିଥିବା ବେଳେ ୨୩ ଜଣ ପ୍ରାଣ ହରାଇଲେଣି। ଆଜି(ଶନିବାର) ଓଡ଼ିଶାରେ ଜଣେ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଓଡ଼ିଶାରେ କରୋନା ଏ ବର୍ଷର ପ୍ରଥମ ମୁଣ୍ଡ ନେଇଛି। ୪ ଦିନ ତଳେ କରୋନା ଚିହ୍ନଟ ହୋଇଥିବା ଖଣ୍ଡଗିରି ଅଞ୍ଚଳର ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ଆଜି ତାଙ୍କ ଘରେ ପ୍ରାଣ ହରାଇଛନ୍ତି। ବୃଦ୍ଧଜଣଙ୍କ କିଛି ଦିନ ତଳେ ଅନ୍ୟ ରାଜ୍ୟ ବୁଲି ଫେରିବା ପରେ ତାଙ୍କ ନିକଟରେ କରୋନା ଲକ୍ଷଣ ଦେଖା ଦେବାରୁ ପରିବାରଲୋକ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରୀକ୍ଷା କରାଇଥିଲେ। ସେଠାରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା ଏବଂ ତାଙ୍କୁ ସଂଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେ ଘରେ ରହି ଚିକିତ୍ସିତ ହେଉଥିଲେ। ବୃଦ୍ଧଜଣଙ୍କ ବିଭିନ୍ନ ଜଟିଳ ରୋଗରେ ମଧ୍ୟ ପୀଡ଼ିତ ଥିଲେ ବୋଲି ସୂଚନା ମିଳିଛି। ତେବେ ଏ ସଂପର୍କରେ ସ୍ୱାସ୍ଥ୍ୟ ▶ପୃଷ୍ଠା-୭

**ଦେଶରେ ଗଲାଣି ୨୩ ଜୀବନ, ୩୩୯୫ ସଂକ୍ରମିତ**

# ଧସିଲା ପାହାଡ଼: ଆସାମରେ ୫, ଅରୁଣାଚଳରେ ୯ ମୃତ

■ ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଭାରତରେ ପାଣିପାଗ ବଦଳିବାରେ ଲାଗିଛି। ଅନେକ ରାଜ୍ୟରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟର ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଥିବାରୁ ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଆସାମରେ ଅଚାନକ ବନ୍ୟା ଆସିଛି। ଏହା ସହିତ ଭୂସ୍ଖଳନ ହୋଇଛି। ଭିତ୍ତିଭୂମି ଭୁଶୁଡି ଯାଇଛି। ଏହା ଜନଜୀବନକୁ ପ୍ରଭାବିତ କରିଛି। ଅରୁଣାଚଳର ଜାତୀୟ ରାଜପଥ ୧୩ରେ ଭୂସ୍ଖଳନ ହୋଇଛି। ଏଥିଯୋଗୁଁ ଏକ ଗାଡ଼ି ଗଭୀର ଖାଇକୁ ଖସି ପଡ଼ିଥିଲା। ଏଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଭୂସ୍ଖଳନରେ ଅନ୍ୟ ଦୁଇ ଜଣ ପ୍ରାଣ ହରାଇଥିବାବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ମିଜୋରାମର ଲଙ୍ଗତିଲାରେ ଶୁକ୍ରବାର ରାତିରେ ୫ଟି ଘର ଏବଂ ଏକ ହୋଟେଲ ଭୁଶୁଡି ପଡ଼ିବାରୁ ୫ ଜଣଙ୍କ ଜୀବନ ଯାଇଛି। ଆହୁରି କିଛି ଲୋକ ଅବଶେଷ ତଳେ ଫସି ରହିଥିବା ▶ପୃଷ୍ଠା-୭

**ମିଜୋରାମ-ସିକିମରେ ଭୁଶୁଡିଲା ଅନେକ ଘର**

## ▶▶ ପୋଲାଭରମ୍ ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ

# ତେଲଙ୍ଗାନା ଜିତିଲା; ଓଡ଼ିଶା ଜଳକା


■ ଭୁବନେଶ୍ୱର, ୩୧।୫ (ସମିସ): ତେଲଙ୍ଗାନା ସରକାରଙ୍କ ପ୍ରବଳ ଚାପ ଆଗରେ ଶେଷରେ ନଇଁଛନ୍ତି କେନ୍ଦ୍ର ଓ ଆନ୍ଧ୍ର ସରକାର। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ଖୁବଶୀଘ୍ର କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ସର୍ଭେ କରାଯିବ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଅନୁରୂପ ସର୍ଭେ ପାଇଁ କେନ୍ଦ୍ର ସରକାର ବା ଆନ୍ଧ୍ର ସରକାର ଆଗ୍ରହ ପ୍ରକାଶ କରୁନାହାନ୍ତି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଥିଲେ ମଧ୍ୟ ରାଜ୍ୟର ଶାସକ ବିଜେପି ସରକାର ଏ ସମ୍ପର୍କରେ ନିରବ ରହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏ ସମ୍ପର୍କରେ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ ଯୋଗୁଁ ତେଲଙ୍ଗାନାର ଭଦ୍ରାଚଳମ୍ ସହର ଜଳମଗ୍ନ ହେବ। ଏହାକୁ ନେଇ ତେଲଙ୍ଗାନା ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରକଳ୍ପ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା। ଶେଷରେ ଉଭୟ ଆନ୍ଧ୍ର ସରକାର, ତେଲେଙ୍ଗାନା ସରକାର, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ(ପିପିଏ)ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଛୁଆ ଜଳ ସର୍ଭେ ନେଇ ସହମତି ପ୍ରକାଶ ପାଇବା ପରେ ଏନେଇ ସିଡବ୍ଲ୍ୟୁସିଙ୍କୁ ପିପିଏଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଦିଆ ଯାଇଥିଲା ଓ ଏହା ଆଧାରରେ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସଙ୍ଗରେ ନିରବ ରହିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଓଡ଼ିଶାର କ୍ରମାଗତ ଦାବି ▶ପୃଷ୍ଠା-୭

**ତେଲଙ୍ଗାନାରେ ପଛୁଆ ଜଳର ପ୍ରଭାବ ଆକଳନ କରିବ ସିଡବ୍ଲ୍ୟୁସି**

**କ୍ଷତିଗ୍ରସ୍ତ ମାଲକାନଗିରି ପାଇଁ ତୁଣ୍ଡ ଖୋଲୁନାହାନ୍ତି ଓଡ଼ିଶା ସରକାର**

**ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପାଇଁ ପରାମର୍ଶ ଦେଇଥିଲେ ସୁପ୍ରିମକୋର୍ଟ**



**ଭଡ଼ାଟିଆ ମହିଳାଙ୍କ ସଂପତ୍ତି ଲୋଭ**

# ଘର ମାଲିକକୁ ପୋଡ଼ି ମାରିଦେଲେ

■ ବ୍ରହ୍ମପୁର, ୩୧।୫(ସମିସ): ପାଖରେ ନିଜର କେହି ରହୁନଥିବା ଦେଖି ମାଲିକର ସଂପତ୍ତି ଉପରେ ଦୀର୍ଘ ଦିନରୁ ଆଖି ପକାଇଥିଲେ। ଖାଲି ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ମାଲିକକୁ କେମିତି ହତ୍ୟା କରି ପର ମୁଣ୍ଡରେ ଅଠା ବୋଳିବେ, ସେଥିପାଇଁ ବି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଥିଲେ। ଆଉ ସେଦିନ ସେ ସୁଯୋଗ ଜୁଟିଥିଲା। ମାଲିକ ଉପରେ କିରାସିନି ଢାଳି ନିଆଁ ଲଗାଇଦେବା ପରେ ଦରପୋଡ଼ା ଅବସ୍ଥାରେ ହସ୍ପିଟାଲ ନେଇଗଲେ। ଗତକାଲି (ଶୁକ୍ରବାର) କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଅବସରପ୍ରାପ୍ତ ଆର୍‌ଆଇ ହରିହର ସାହୁଙ୍କ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବା ସହ ପୁଲିସ୍ ଆଜି ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ଭଡ଼ାଟିଆ ଅଭିଯୁକ୍ତ ମହିଳା ସୁଦେଷ୍ଣା ଜେନା (୫୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ସୋରଡ଼ା ଅଞ୍ଚଳର ତଥା ବ୍ରହ୍ମପୁର ସୁବାସନଗରସ୍ଥିତ ହରିହରଙ୍କ ଘରେ ଭଡ଼ାରେ ରହୁଥିଲେ। ହରିହରଙ୍କ ସଂପତ୍ତି ହଡ଼ପ ପାଇଁ ସେ ଏପରି ସୁଚିନ୍ତିତ ହତ୍ୟାକାଣ୍ଡ ଘଟାଇଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁବାସନଗର ପ୍ରଥମ ଲାଇନ୍‌ରେ ଅବସରପ୍ରାପ୍ତ ଆର୍‌ଆଇ ତଥା ଦିବ୍ୟାଙ୍ଗ ହରିହର ସାହୁଙ୍କ ନିଜ ଘର। ଉକ୍ତ ଘରର ତଳ ଓ ତୃତୀୟ ମହଲାରେ ସୁଦେଷ୍ଣାଙ୍କୁ ଭଡ଼ା ଦେଇ ନିଜେ ହରିହର ଦ୍ୱିତୀୟ ମହଲାରେ ଏକୁଟିଆ ରହୁଥିଲେ। ଗତ ୨୮ ତାରିଖ ବିଳମ୍ବିତ ରାତିରେ ହରିହରଙ୍କୁ କିରାସିନି ଢାଳି ପୋଡ଼ି ପକାଇଥିଲେ ସୁଦେଷ୍ଣା ଏବଂ ୨୯ ତାରିଖ ସକାଳେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଜେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ହରିହରଙ୍କ ଝିଅ ଡାକ୍ତରଖାନାରେ ▶ପୃଷ୍ଠା-୭

**ପ୍ରମାଣ ନଷ୍ଟ ପାଇଁ ମୋବାଇଲ ଓ କିରାସିନି ଜାର୍‌କୁ ନିଆଁରେ ପୋଡ଼ିବାକୁ କରିଥିଲେ ଉଦ୍ୟମ**


**ଅଭିଯୁକ୍ତ ମହିଳା ଗିରଫ**











## ହସିନାଙ୍କ ଗାଦିଚ୍ୟୁତ ହେବା ପଛରେ ହାଫିଜ୍ ସୈଦ

ଇସଲାମାବାଦ, ୩୧।୫ (ଏଜେନ୍ସି): ବାଂଲାଦେଶରୁ ଶେଖ୍ ହାସିନା ବିତାଡିତ ହେବା ପଛରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଆତଙ୍କବାଦୀ ହାଫିଜ ସୈଦର ହାତ ରହିଛି । ଏହି ଆତଙ୍କବାଦୀର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ବାଂଲାଦେଶରେ ଗତ ବର୍ଷ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲା । ଏହାର ଆତଙ୍କବାଦୀ ହିଁ ଆନ୍ଦୋଳନକୁ ଉସୁକାଇ ଥିଲେ । ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଜେୟୁଡି ସଦସ୍ୟ ସୈଫୁଲା କସୁରୀ ଏବଂ ମୁଜାମିଲ ହାସିମ ଏହି ଦାବି କରିଛି । କିଛି ଦିନ ତଳେ ରହିମ ୟାର ଖାନର ଆହ୍ଲାବାଦରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି କସୁରୀ କହିଥିଲା ଯେ ସେ ୪ ବର୍ଷର ହୋଇଥିବାବେଳେ ୧୯୭୧ରେ ପାକିସ୍ତାନକୁ ଭାଗ ଭାଗ କରିଦେଇଥିବା ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଘୋଷଣା କରିଥିଲେ । କିନ୍ତୁ ଗତ ବର୍ଷ ମେ' ୧୦ରେ ଆମେ ୧୯୭୧ର ପ୍ରତିଶୋଧ ନେଇଛୁ ।

## ଅବାସଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ମାଫିଆ ଡନ୍ ମୁଖ୍ତାର ଅନସାରୀର ପୁଅ ତଥା ଏସ୍‌ବିଏସ୍‌ପି ବିଧାୟକ ଅବାସ ଅନସାରୀକୁ ବଡ଼ ଝଟ୍‌କା ଲାଗିଛି । ୨୦୨୨ର 'ଅଧିକାରୀଙ୍କ ହିସାବ-କିତାବ' ଘୃଣ୍ୟ ମନ୍ତବ୍ୟକୁ ନେଇ ମଉର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ (ଏମପି-ଏମଏଲଏ) ଅନାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲାରେ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି । ୩ ହଜାର ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି । ଆବାସଙ୍କ ଏଜେଣ୍ଟ ମନ୍‌ସୁରକୁ ମଧ୍ୟ ୬ ମାସ ଜେଲ୍ ଦଣ୍ଡ ହୋଇଛି । ତେବେ ପରେ ଉଭୟେ ଜାମିନରେ ମୁକ୍ତି ପାଇଛନ୍ତି । ଏହି ଦଣ୍ଡ ଯୋଗୁଁ ଆବାସ ବିଧାୟକ ପଦ ହରାଇପାରନ୍ତି ।

## ମସ୍କଙ୍କ ଆଖିକୁ ନେଇ ଚର୍ଚ୍ଚା

ୱାଶିଂଟନ୍, ୩୧।୫ (ଏଜେନ୍ସି): ଗୁରୁବାର ଶିଳ୍ପପତି ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କଠାରୁ ଅଲଗା ହେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରି ହଇଚଇ ସୃଷ୍ଟି କରିଥିଲେ । ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଦୁହେଁ ସାମ୍ବାଦିକ ସମ୍ମିଳନୀ କରିଥିଲେ । ମସ୍କ ମୋର ଜଣେ ଭଲ ବନ୍ଧୁ ଓ ତାଙ୍କୁ ମନେ ରଖିବୁ ବୋଲି ଟ୍ରମ୍ପ କହିଥିଲେ । ସେହିପରି ଟ୍ରମ୍ପଙ୍କୁ ପରାମର୍ଶ ଦେବା ଜାରି ରଖିବି ବୋଲି ମସ୍କ କହିଥିଲେ । ଆଖି ତଳେ ଥିବା କଳା ଦାଗ ନେଇ ମସ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହାସ୍ୟରୋଳ ସୃଷ୍ଟି କରିଥିଲେ । ଏହା ଡ୍ରଗ୍ସ ସେବନ କାରଣରୁ ନୁହଁ, ପୁଅ ସହ ଖେଳୁଥିବା ବେଳେ ତା'ର ମୁଥା ମୁହଁରେ ବାଜିବା ଫଳରେ କଳାଦାଗ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ ।

## ବିଜେପି ନେତ୍ରୀଙ୍କ ପୁଅର ୧୩୦ ଅଶ୍ଳୀଳ ଭିଡିଓ ଭାଇରାଲ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ଉତ୍ତରପ୍ରଦେଶର ମେନପୁରୀ ଜିଲ୍ଲାରେ ଭାଇରାଲ ହୋଇଥିବା ଏକ ଅଶ୍ଳୀଳ ଭିଡିଓ ନେଇ ଚର୍ଚ୍ଚା ଚାଲିଛି । ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତିଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଛି । ଫଳରେ ଜିଲ୍ଲା ରାଜନୀତିରେ



ହଟଚମଟ ସୃଷ୍ଟି ହୋଇଛି । ଏ ନେଇ ସମ୍ପୃକ୍ତ ମହିଳା ବିଜେପି ନେତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେ ଫୋନ ଉଠାଇ ନାହାନ୍ତି । ବିରୋଧୀ ଦଳ ଏହାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଉପସ୍ଥାପନା କରିବାକୁ ପ୍ରୟାସ ଜାରି ରଖିଛି । ସମ୍ପୃକ୍ତ ମହିଳା ନେତ୍ରୀଙ୍କ ବୋହୂ ଅର୍ଥାତ ପୁଅର ପତ୍ନୀ ଏହି ଭିଡିଓ ଭାଇରାଲ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ସ୍ୱାମୀ ଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ମୋତେ ପ୍ରତାରିତ କରିବା ସହ ମାନସିକ ନର୍ଯାତନା ଦେଉଛନ୍ତି ବୋଲି ବହୁ ଅଭିଯୋଗ ଆଣିଛନ୍ତି । ନେତ୍ରୀଙ୍କ ପୁଅ ସହ ତାଙ୍କର ବିବାହ ୨୦୨୧ ନଭେମ୍ବର ୩୦ରେ ହୋଇଥିଲା । ନେତ୍ରୀ ଓ ତାଙ୍କ ପୁଅ ମୋତେ ଯୌତୁକ ଜନିତ ନିର୍ଯାତନା ଦେବା ସହ ଅକଥନୀୟ ବ୍ୟବହାର କରୁଥିଲେ ବୋଲି ସେ କହିଛନ୍ତି । ଏହି ପାରିବାରିକ କଳି ଓ ଝଗଡାରେ ମୋର ପ୍ରତିଷ୍ଠା ଓ ସମ୍ମାନହାନୀ ହୋଇଛି ଭାଇରାଲ ଭିଡିଓରେ ଥିବା ଯୁବତୀ ଅଭିଯୋଗ ଆଣିଛନ୍ତି । ଏଥିପାଇଁ ସେ ନେତ୍ରୀଙ୍କ ବହୁ, ତାଙ୍କ ଭଉଣୀ ଓ ଭିଣୋଇଙ୍କୁ ଦାୟୀ କରିଛନ୍ତି ଓ ସେ ଏମାନଙ୍କ ବିରୋଧରେ ମାମଲା ଦାଏର କରିଛନ୍ତି ।

# ଯୁଦ୍ଧ ବିମାନ ହରାଇଛୁ, କିନ୍ତୁ...

## ତ୍ରୁଟି ସୁଧାରିଛୁ, ପୁଣି ମାଡ଼ ମାରିଛୁ: ଜେନେରାଲ୍ ଚୌହାନ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି)

ଅପରେସନ୍ ସିନ୍ଦୂର ବେଳେ ଆମେ କିଛି ଲଢୁଆ ବିମାନ ହରାଇଛୁ । କେତେ ହରାଇଛୁ, ତାହା ବଡ଼ କଥା ନୁହେଁ । କିନ୍ତୁ କାହିଁକି ହରାଇଲୁ ଏବଂ ତ୍ରୁଟି କେଉଁଠି ରହିଲା? ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସେ ଯାହା ହେଉ, ସେହି ତ୍ରୁଟି ଉପରେ ସମୀକ୍ଷା କରିଛୁ । ତ୍ରୁଟିର ସମାଧାନ ବାଟ ବାହାର କଲୁ । ଦୁଇ ଦିନ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଗଲା ଏବଂ ଏଥିରେ ଆମେ ଶତ ପ୍ରତିଶତ ସଫଳ ରହିଲୁ । ଆମର ଆଉ କୌଣସି କ୍ଷତି ହେଲାନାହିଁ, ଦୂରଗାମୀ ଲକ୍ଷ୍ୟଭେଦ କରି ସମସ୍ତ ବିମାନ ସୁରକ୍ଷିତ ଭାବେ ଫେରିଲେ ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସଂପର୍କରେ ଏଭଳି ବୟାନ ଦେଇଛନ୍ତି ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ । କାର୍ଯ୍ୟାନୁଷ୍ଠାନ ବେଳେ ଭାରତୀୟ ସେନା ବିମାନ ହରାଇଛି ବୋଲି କୌଣସି ସେନା ଅଧିକାରୀ ପ୍ରଥମ ଥର ଲାଗି ସୂଚନା ଦେଇଛନ୍ତି । କିନ୍ତୁ ଭାରତୀୟ ସେନାର କେତୋଟି ଲଢୁଆ ବିମାନ ଖସିଛି ତାହାର ସଂଖ୍ୟା ଜଣାଇବାକୁ ସେ ମନାକରିଦେଇଛନ୍ତି । ଭାରତର ୬ଟି ବିମାନକୁ



ପାକିସ୍ତାନ ଖସାଇଥିବା ପାକ୍ ପ୍ରଧାନମନ୍ତ୍ରୀ ସରିଫ ଦେଇଥିବା ବୟାନ ସଂପର୍କରେ ଜେନେରାଲ ଚୌହାନ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ । କେବଳ ସେ ଏତିକି କହିଲେ, ଆମର କିଛି ତ୍ରୁଟି ଥିଲା ଏବଂ ଏହାକୁ ତତକ୍ଷଣାତ୍ ସୁଧାରିବାରେ ସଫଳ ହୋଇଥିଲୁ ।

ସିଙ୍ଗାପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେରାଲ ଚୌହାନ କହିଲେ ଯେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିହତ କରିବାରେ ଚୀନ ନିର୍ମିତ ଏୟାର ଡିଫେନ୍ସ ସମର୍ଥ ହୋଇଛି ବୋଲି ପାକିସ୍ତାନ କରିଥିବା ଦାବିକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ଯେ ସେଗୁଡ଼ିକୁ କିଛି କାମ ଦେଇନି । ଆମେ ଆମର ମିସନରେ ସଫଳ ହୋଇଛୁ । ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନକୁ ଚୀନ ଏୟାରଡିଫେନ୍ସ ଏବଂ ଉପଗ୍ରହ ସହାୟତା ଦେଇଥିଲା । କିନ୍ତୁ ସେବୁକୁ ଭାରତୀୟ କ୍ଷେପଣାସ୍ତ୍ର ଚକ୍‌ମା ଦେଇ ଧ୍ୱଂସ ରଚାଇଥିଲା । ପାକିସ୍ତାନ ସୀମା ଭିତରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାକୁ ସକ୍ଷମ ହୋଇଛି ବୋଲି ଜେନେରାଲ ଚୌହାନ କହିଛନ୍ତି ।

ସେ ଅହୁରି କହିଲେ ଯେ ଚାରି ଦିନ ଚାଲିଥିବା ସଂଘର୍ଷରେ ଭାରତ ଓ ପାକିସ୍ତାନ କେବେହେଲେ ପରମାଣୁ ଯୁଦ୍ଧର ନିକଟତର ହୋଇନାହାନ୍ତି । ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବୟାନକୁ ଖଣ୍ଡନ କରି ସେ କହିଲେ ଯେ ସେମିତି ପରିସ୍ଥିତି ଉପୁଜିନଥିଲା । ଟ୍ରମ୍ପ କହିଥିଲେ, ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିଲେ ଏବଂ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଏହାକୁ ଏଡ଼ାଇ ଦିଆଯାଇପାରିଛି ।

## ୬ ରାଜ୍ୟରେ 'ଅପରେସନ ସିଲ୍ଡ' ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଅପରେସନ ଶିଲ୍ଡ ପ୍ରକ୍ରିୟାରେ ଶନିବାର ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଜମ୍ମୁ-କଶ୍ମୀରରେ ମକ୍ ଡ୍ରିଲ ଚାଲିଛି । ପୂର୍ବରୁ ଗୁରୁବାର ମକ୍ ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଥିଲା । ଜମ୍ମୁ-କଶ୍ମୀରର ଅନନ୍ତନାଗ, ଜମ୍ମୁ, ବାରାମୂଲା ଓ ଅନ୍ୟ ଜିଲ୍ଲାଗୁଡିକରେ ମକ୍ ଡ୍ରିଲ



କରାଯାଇଛି । ଜମ୍ମୁରେ ରାତି ୮ଟାରେ ପୂରା ବ୍ଲାକ ଆଉଟ ହୋଇଥିଲା । ଜମ୍ମୁର ଅଖନୁର ସେକ୍ଟରରେ ଏୟାର ଷ୍ଟ୍ରାଇକ୍‌ର ଡ୍ରିଲ କରାଯାଇଥିଲା । ଗୁଜରାଟ୍‌ରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ ଚାଲିଛି ।

- ବ୍ଲାଷ୍ଟ କରି ଉଦ୍ଧାର କରାଗଲା
- ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ବ୍ଲାକ୍ ଆଉଟ୍ ହେବ
- ମକ୍ ଡ୍ରିଲ ବେଳେ ମହୁମାଛି ଆକ୍ରମଣ

ଗୁଜରାଟର ପାଟଣ ଓ ବ୍ଲାସାଡ୍‌ରେ ସାଇରନ ବାଜିଥିଲା । ପାଟଣ ତହସିଲ ଅଫିସ୍‌ରେ ନିଆଁ ଲାଗିଥିଲା ଓ ସେଥିରେ ଫସିଥିବା ୩ ଜଣ ଲୋକଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛି । ରାଜସ୍ଥାନର ଜୟପୁରରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ କରାଯାଇଥିଲା । ଏଠାରେ ଅଚାନକ ବିସ୍ଫୋରଣ କରାଯାଇଥିଲା ଓ ବାୟୁରୁ ଫାୟାର କରାଯାଇଥିଲା । ଲୋକେ ଦୌଡ଼ାଦୌଡ଼ି କରିଥିଲେ । ଘଟଣାସ୍ଥଳରେ ମେଡିକାଲ ଏଡ୍ ପହଞ୍ଚିଥିଲା ଓ ଏସ୍‌ଡିଆରଏଫ୍ ସମେତ ଅନ୍ୟ ଟିମ ସ୍ଥିତି ସମ୍ଭାଳିଥିଲେ । ସେହିପରି ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ରେ ମଧ୍ୟ ମକ୍ ଡ୍ରିଲ କରାଯାଇଥିଲା । ମକ୍ ଡ୍ରିଲ୍ ଚାଲିଥିବା ବେଳେ ରାଜସ୍ଥାନର ଝାଲାବଡ଼ରେ ମହୁମାଛି ଆକ୍ରମଣର ଦୃଶ୍ୟ ସାମାଜିକ ଗଣମାଧ୍ୟରେ ଭାଇରାଲ ହୋଇଛି । ମହୁମାଛିଙ୍କ ଦଳ ପୁଲିସ ଓ ପ୍ରଶାସନର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ଜିଲ୍ଲାପାଳ ଓ ଏସ୍‌ପି ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦୌଡ଼ିବାରେ ଲାଗିଥିଲେ ।

## ସୀମା ବିବାଦକୁ ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ

କାବୁଲ, ୩୧।୫ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ପୁଣି ଅଶାନ୍ତ ହୋଇପଡ଼ିଛି । ସୀମା ବିବାଦକୁ ନେଇ ଏହି ଦୁଇ ଦେଶ ପୁଣି ମୁହାଁମୁହିଁ ହୋଇଛନ୍ତି । ଏଥିଯୋଗୁ ସୀମାରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି । ଏହା ସଶସ୍ତ୍ର ସଂଗ୍ରାମର କେନ୍ଦ୍ର ପାଲଟି ଯାଇଛି । ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ମାଡ଼ ଚାଲିଛି । ଆଫଗାନିସ୍ତାନର ହେଲମନ୍ଦ ପ୍ରଦେଶରେ ଥିବା ବହରାମ ଚହରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଏହି ଅଞ୍ଚଳ ପାକିସ୍ତାନର ଚଗଇ ଜିଲ୍ଲାକୁ ଲାଗିଛି । ସୀମାରେ ତାଲିବାନ ନିଜ ସୁରକ୍ଷା ପାଇଁ ସେନା ପୋଷ୍ଟ ନିର୍ମାଣ ପ୍ରୟାସ କରିବାରୁ ଏହି ନୂଆ ବିବାଦ ଆରମ୍ଭ ହୋଇଛି । ପାକିସ୍ତାନ ସୁରକ୍ଷାବାହିନୀ ଏହାକୁ ବିରୋଧ କରିଛି । ଏହାକୁ ଚୁକ୍ତିର ଉଲ୍ଲଙ୍ଘନ ବୋଲି କହି ଅଫଗାନିସ୍ତାନ ଉପରେ ଗୁଳିଗୋଳା ମାଡ଼ ଆରମ୍ଭ କରିଦେଇଥିଲା । ଫଳରେ ତାଲିବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ସେନା ପୋଷ୍ଟ ଉଡାଇ ଦେଇଥିଲା । ତାଲିବାନ ଆକ୍ରମଣ ଦେଖି ପାକିସ୍ତାନ ଛାନିଆ ହୋଇ ଯାଇଥିଲା । ଏହାର ଯବାନ ଭୟଭୀତ ହୋଇ ୪ଟି ପୋଷ୍ଟରୁ ହଟି ଯାଇଛନ୍ତି । ଏଥିରୁ ତିନୋଟି ପୋଷ୍ଟ ବହରମ୍ ଚାହ ନିକଟରେ ରହିଛି । ସୂଚନାଯୋଗ୍ୟ ଯେ ସଂଘର୍ଷରତ ଚଗଇ ଜିଲ୍ଲା ପାକିସ୍ତାନର ସର୍ବବୃହତ ପ୍ରଦେଶ ବେଲୁଚିସ୍ତାନରେ ରହିଛି । ଆଫଗାନିସ୍ତାନ ଏବଂ ଇରାନକୁ ସୀମା ଲାଗି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହି ସଂଘର୍ଷ ବିରାଟ ରୂପ ଧାରଣ କରିବ ବୋଲି କୁହାଯାଉଛି । ଏହି ସ୍ଥିତିକୁ ଦେଖି ଶାହବାଜ ସରିଫ ସରକାର ଚଗଇ ଜିଲ୍ଲାରୁ ଅଢେଇ ଲକ୍ଷ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାଲିବାନ ମଧ୍ୟ ଏହାର ନାଗରିକମାନଙ୍କୁ ଅଞ୍ଚଳ



- ଅଢେଇ ଲକ୍ଷ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ପାକିସ୍ତାନ ପୋଷ୍ଟ ଉଡ଼ାଇଦେଲା ତାଲିବାନ
- ଭୟରେ ୪ ପୋଷ୍ଟ ଛାଡ଼ି ପଳାଇଲେ ପାକିସ୍ତାନ ଯବାନ

ଖାଲି କରିବାକୁ କହିଛି । ଏହି ସ୍ଥିତି ପାକ୍-ଆଫଗାନ ସମ୍ପର୍କକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛି ।

ବହରମ ଚାହ ଚେକପୋଷ୍ଟ ଡୁରାଣ୍ଡ ଲାଇନରେ ଅବସ୍ଥିତ । ଏହାକୁ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର ଧରାଯାଉଛି । ଏହା ଚଗଇ ଏବଂ ହେଲମନ୍ଦ ମଧ୍ୟରେ ସାମରିକ କାର୍ଯ୍ୟକଳାପକୁ ବି ନିୟନ୍ତ୍ରଣ କରୁଛି । ତାଲିବାନ ଏହାକୁ ନଷ୍ଟ କରିଦେଇଥିବାରୁ ପାକିସ୍ତାନୀ ସେନା ପାଇଁ ସଙ୍କଟ ସୃଷ୍ଟି ହୋଇପାରେ ।

ଦୁଇ ଦେଶର ସେନା ମଧ୍ୟରେ ଚାଲିଥିବା ସଂଘର୍ଷର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସ୍ଥିତିକୁ ଦେଖି ତାଲିବାନ ଆତ୍ମଘାତୀ ଦଳ ଏବଂ ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିଛି । ଦୁଇ ଦେଶ ସାମରିକ ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରିଛି । ତାଲିବାନ କାନ୍ଦାହାରର ୨୦୫ତମ କର୍ପସ ନିୟୋଜିତ କରିଛି । ଏଥିରେ ୫୦ ଜଣିଆ ଆତ୍ମଘାତୀ ଦଳ ରହିଛି । ଏହି ସ୍କ୍ୱାଡ୍ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି । ଏହା ସ୍ଥିତିକୁ ଅଧିକ ବିପଜ୍ଜନକ କରିଦେଇଛି । ସେହିପରି ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ବେଲୁଚିସ୍ତାନକୁ ମଧ୍ୟ ଶକ୍ତିଶାଳୀ କରିଛି । ତାଲିବାନ ସହିତ ମୁକାବିଲା କରିବା ପାଇଁ ସୀମାରେ ଟ୍ୟାଙ୍କ ନିୟୋଜିତ କରିଛି । ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାରୁ ଯୁଦ୍ଧ ସ୍ଥିତି ଦେଖି ସାଧାରଣ ଲୋକ ଭୟରେ ବଞ୍ଚୁଛନ୍ତି । ପାକିସ୍ତାନ ପ୍ରଶାସନ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ବନ୍ଦ କରିଦେଇଛି । ହସ୍ପିଟାଲକୁ ହାଇ ଆଲର୍ଟରେ ରଖିଛି । ଏପରି ସ୍ଥଳେ ବଲୁଚି ବିଦ୍ରୋହୀ ତାଲିବାନକୁ ସମର୍ଥନ କରିଛନ୍ତି ।

## ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

## ନିଆଁ ଲାଗିବା ପରେ ଷ୍ଟୋରରୁମ୍‌ରୁ ଟଙ୍କା ହଟାଇଥିଲେ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିବା ମାମଲା ନେଇ ଏବେ ନୂଆ କଥା ସାମ୍ନାକୁ ଆସିଛି । ଯେଉଁ ଷ୍ଟୋରରୁମ୍‌ରେ ଅଧଜଳା ଟଙ୍କା ମିଳିଥିଲା ତାହା, ବର୍ମା ଓ ତାଙ୍କ ପରିବାର ଲୋକଙ୍କ ଅଧିନରେ ରହିଥିଲା । ତଦନ୍ତ କରୁଥିବା କମିଟି ବାସଭବନର ଇଲେକଟ୍ରୋନିକ ସାକ୍ଷୀ, ପ୍ରମାଣ ଓ ତଦନ୍ତକୁ ଆଧାର କରି ଏହି ନିଷ୍କର୍ଷରେ ପହଞ୍ଚିଛି । କମିଟି ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି । ଏଥିରେ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଓ ଦମକଳ ବିଭାଗର ମୁଖ୍ୟ ସାମିଲ ରହିଛନ୍ତି । ଟଙ୍କାରେ ନିଆଁ ଲାଗିବା ପରେ ଏହି ଦୁଇଜଣ ଅଧିକାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗତ ମାର୍ଚ୍ଚ ୧୪ ତାରିଖ ରାତି ୧୧.୩୫ରେ ନିଆଁ ଲଗାଇବା ପରେ ଷ୍ଟୋର ରୁମ୍‌ରୁ ଅଧାଜଳା ଟଙ୍କା ହଟାଇବାକୁ ପ୍ରୟାସ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଏହି ମାମଲାର ଯାଞ୍ଚ୍ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ । ଏହି କମିଟି ମେ ୪ରେ ଖାନ୍ନାଙ୍କୁ ତା'ର ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ବିଚାରପତି ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏବେ ତାଙ୍କ ବିରୋଧରେ ଦେଶର ସଂସଦରେ ମହା ଅଭିଯୋଗ ଆଣିବାକୁ ବିଚାର କରାଯାଉଛି । ବର୍ମା ନିଜ ପଦରୁ ଆପେ ଇସ୍ତଫା ଦିଅନ୍ତୁ ବୋଲି ସରକାର ଅପେକ୍ଷା କରିଛନ୍ତି । ଏବେ ବର୍ମା ଆହ୍ଲାବାଦ ହାଇ କୋର୍ଟରେ ଦାୟିତ୍ୱ ବହନ କରୁଛନ୍ତି । ଘଟଣା ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ ନିୟୋଜିତ ଥିଲେ । ପରେ ତାଙ୍କର ବଦଳି କରାଯାଇଥିଲା । ତେବେ କୌଣସି ନ୍ୟାୟିକ କାର୍ଯ୍ୟ ସମ୍ପାଦନରୁ ତାଙ୍କୁ ବାରଣ କରାଯାଇଛି । ଉଲ୍ଲେଖଥାଉ କି, ୨୦୧୮ ରେ ବର୍ମାଙ୍କ ବିରୋଧରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସୁଗାର ମିଲ୍‌ରେ ୯୭.୮୫ କୋଟି ଟଙ୍କାର ଘୋଟାଲା କରିଥିବାର ଅଭିଯୋଗ ଆସିଥିଲା ।

## ଶାଳୀର କଟାମୁଣ୍ଡ ଧରି ବୁଲିଲା ଭିଣୋଇ

କୋଲକାତା, ୩୧।୫ (ଏଜେନ୍ସି): ପଶ୍ଚିମବଙ୍ଗର ସାଉଥ ୨୪ ପରଗନା ଜିଲ୍ଲାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଭିଣୋଇ ନିଜ ଶାଳୀର କଟାମୁଣ୍ଡ ଧରି ବୁଲୁଥିବା ଦେଖାଯାଇଥିଲା । ସ୍ଥାନୀୟ ଲୋକ ଏ ନେଇ ସୂଚନା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି । ଏହି ଘଟଣାକ୍ରମର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି । ବ୍ୟକ୍ତିଜଣକ ଡାହାଣ ହାତରେ ଧାରୁଆ ହତିଆର ଓ ବାମହାତରେ କଟାମୁଣ୍ଡ ଧରିଥିବାର ଦେଖାଯାଇଥିଲା । ସେ ମଧ୍ୟ ଏକ ମନ୍ଦିର ସାମ୍ନାରେ ଜୟକାର ଲଗାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଏହି ଘଟଣା ବସନ୍ତୀ ଥାନର ଭରତଗଡ଼ ଗାଁରେ ଘଟିଛି । ଶାଳୀଙ୍କ ସହ ଅଭିଯୁକ୍ତ ବ୍ୟକ୍ତିଙ୍କର ଶୁକ୍ରବାର ଝଗଡ଼ା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ବ୍ୟକ୍ତିଜଣକ ଧାରୁଆ ଅସ୍ତ୍ରରେ ଶାଳୀର ମୁଣ୍ଡକୁ ହାଣି ଶରୀରରୁ ଅଲଗା କରିଦେଇଥିଲେ । ଘଟଣାର ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି । ଘଟଣାସ୍ଥଳକୁ ଫରେନସିକ୍ ଟିମ୍‌କୁ ପଠାଯାଇଛି । ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

# ଚୀନ୍‌ର ନୂଆ ଚାଲ୍: ଅନ୍ତର୍ଜାତୀୟ ବିବାଦରେ ଏଥର ମୁଣ୍ଡ ପୂରାଇବ

ବେଜିଂ, ୩୧।୫ (ଏଜେନ୍ସି): ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ ନୂଆ ଚାଲ୍ ଚଳାଇଛି । ଏହି କମ୍ୟୁନିଷ୍ଟ ଦେଶ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ନୂଆ ସଂଗଠନ ଗଠନ କରିଛି । ଏହାର ନାମ ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର୍ ମିଡିଏସନ (ଆଇଓଏମଇଡି) ରଖାଯାଇଛି । ଏହାକୁ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ) ଏବଂ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟେସନ ଭଳି ସଂସ୍ଥାର ବିକଳ୍ପ ଭାବେ ଉପସ୍ଥାପନ କରାଯାଇଛି । ଏହାକୁ ଚୀନ୍‌ର ଶକ୍ତି ପ୍ରଦର୍ଶନ ଭାବେ ମଧ୍ୟ ଦେଖାଯାଉଛି । ଆମେରିକା ଏବଂ ଜାତିସଂଘକୁ ଅଣଦେଖା କରିବା ପାଇଁ ଚୀନ୍ ଏଭଳି କୁଟୀଳ ଖେଳ ଖେଳିଥିବା କୁହାଯାଉଛି । କାରଣ ଆଇଓଏମଇଡି କାର୍ଯ୍ୟକ୍ରମରେ ୮୫ ଦେଶ ଏବଂ ପ୍ରାୟ ୨୦ ଅନ୍ତର୍ଜାତୀୟ ସଂଗଠନର ୪୦୦ ବଡ଼ ଅଧିକାରୀ ସାମିଲ ହୋଇଥିଲେ । ଏଗୁଡିକ ମଧ୍ୟରୁ ୩୩ ଦେଶ ତୁରନ୍ତ ସ୍ୱାକ୍ଷର କରି ଆଇଓଏମଇଡିର ପ୍ରତିଷ୍ଠାତା ସଦସ୍ୟ ହୋଇଛନ୍ତି । ଚୀନ୍‌ର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଏହାକୁ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ କରୁଥିବା ବିଶ୍ୱର ପ୍ରଥମ 'ଆନ୍ତଃ ସରକାରୀ ଆଇନଗତ ସଂଗଠନ' କହିଛି । ତେବେ ଆମେରିକା ଏହାକୁ ତୀବ୍ର ବିରୋଧ କରିଛି । ଏସିଆର ସନ୍ତୁଳନ ବିଗାଡିବାକୁ ଚୀନ୍ ପ୍ରୟାସ କରୁଛି ବୋଲି ଆମେରିକା ଅଭିଯୋଗ କରିଛି ।

ହଂକଂରେ ଆୟୋଜିତ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ଆଇଓଏମଇଡିର ପ୍ରତିଷ୍ଠାକୁ ଔପଚାରିକ





ଭାବେ ଉଦ୍‌ଘାଟନ କରିଥିଲେ । ଇଣ୍ଡୋନେସିଆ, ପାକିସ୍ତାନ, ବେଲାରୁଷ, କ୍ୟୁବା ଏବଂ କମ୍ବୋଡିଆ ସହିତ ୩୩ ଦେଶର ଏହାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ । ଏହି ସଂଗଠନର ମୁଖ୍ୟାଳୟ ହଂକଂରେ ରହିବ । ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ବିବାଦର ସମାଧାନ କିପରି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ ହଂକଂ ତାହାର ଉଦାହରଣ । ଚୀନ୍ ଯୁଦ୍ଧ ଦ୍ୱାରା ନୁହେଁ, ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବିଶ୍ୱର ସମସ୍ୟାର ସମାଧାନ କରିବାକୁ ଚାହୁଁଛି । 'ତୁମେ ହାରିବ, ମୁଁ ଜିତିବି' ଚିନ୍ତାଧାରାକୁ ଏହା ଛାଡିବାରେ ସାହାଯ୍ୟ କରିବ । ଦେଶ ଏବଂ ଅନ୍ୟ ଦେଶର ନାଗରିକଙ୍କ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ବ୍ୟବସାୟୀକ ସଂଗଠନ ମଧ୍ୟରେ ବିବାଦର ସମାଧାନ କରିବା ଏହାର ଉଦ୍ଦେଶ୍ୟ । କେବଳ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଏହାକୁ ଗଠନ କରାଯାଇଛି । ସେହିପରି ହଂକଂ ସରକାରର ମୁଖ୍ୟ ଜନ୍ ଲି କହିଛନ୍ତି ଯେ ଶୀଘ୍ର ଏବଂ ଭରସାଯୋଗ୍ୟ ସମାଧାନ ଦେବା ପାଇଁ ତାଙ୍କ ସରକାର ଆଇଓଏମଇଡିକୁ ସବୁ ପ୍ରକାରର ସମର୍ଥନ କରିବ ।

ଅନ୍ୟପକ୍ଷରେ ଆମେରିକା ଚୀନ୍‌ର ଏଭଳି ପଦକ୍ଷେପକୁ ନେଇ ଚିନ୍ତିତ ହୋଇପଡ଼ିଛି । ଏହି ଦେଶ ଏସିଆରେ କ୍ଷମତାର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍ କହିଛନ୍ତି । ସେ ସିଙ୍ଗାପୁରରେ ଜାରି ସାଙ୍ଗରି-ଲା ଡାଏଲଗରେ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ଚୀନ୍ ୨୦୨୭ ସୁଦ୍ଧା ତାଇୱାନ ଉପରେ ଆକ୍ରମଣ କରିପାରେ । ଚୀନ୍ ଯଦି ଜବରଦସ୍ତି ତାଇୱାନକୁ କବ୍‌ଜା କରେ ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱ ଉପରେ ଏହାର ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ । ସେ ଚୀନ୍ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି । ଚୀନ୍ ପଡୋଶୀଙ୍କୁ ଭୟଭୀତ କରିବାରେ ଲାଗିଛି । ପଡୋଶୀ ରାଷ୍ଟ୍ର ଉପରେ ସାଇବର ଆକ୍ରମଣ ଏବଂ ଦକ୍ଷିଣ ଚୀନ୍ ସାଗରକୁ ବେଆଇନ ଭାବେ କବ୍‌ଜା କରୁଛି । ତାଇୱାନ ଚାରିପାଖରେ କ୍ରମାଗତ ଭାବେ ଯୁଦ୍ଧାଭ୍ୟାସ ମଧ୍ୟ କରୁଛି । ଏଥିରୁ ଚୀନ୍ କୌଣସି ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ମନେ ହେଉଛି । ଚୀନ୍ ଠାରୁ ବିପଦ ବାସ୍ତବ ଏବଂ ଏହା ଯେକୌଣସି ସମୟରେ ସାମ୍ନାକୁ ଆସିପାରେ । ହେଗସେଥ୍ ଦାବି କରିଛନ୍ତି ଯେ ଚୀନ୍‌ର ଲକ୍ଷ୍ୟ ୨୦୭ ସୁଦ୍ଧା ତାଇୱାନକୁ କବ୍‌ଜା କରିବା । କିନ୍ତୁ ଏପରି ହେବାକୁ ଦେବୁନାହିଁ । ଆମେରିକା ଏବଂ ଏହାର ସହଯୋଗୀମାନେ ମିଳିତ ଭାବରେ ଚୀନ୍‌ର ଆକ୍ରମଣର

- ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଗଢ଼ିଲା ନୂଆ ସଂସ୍ଥା
- ସଦସ୍ୟ ହେଲେ ପାକିସ୍ତାନ ସମେତ ୩୩ ଦେଶ
- ତୀବ୍ର ବିରୋଧ କଲା ଆମେରିକା
- ଏସିଆର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ଚୀନ୍
- ୨୦୨୭ ସୁଦ୍ଧା ଚୀନ୍ ତାଇୱାନ ଉପରେ ଆକ୍ରମଣ କରିପାରେ

ମୁକାବିଲା କରିବେ । ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍‌କୁ ରୋକିବା ପାଇଁ ବାଣିଜ୍ୟ ଏବଂ ପ୍ରତିରକ୍ଷା ଉଭୟ ମୋର୍ଚ୍ଚାରେ କାମ କରୁଛି । ଆମେରିକା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ଚାହୁଁଛି । ଆମେରିକା ଏହାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସହଯୋଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି । ଏହି ରାଷ୍ଟ୍ରଙ୍କ ସହାୟତାରେ ଆମେରିକା ଏହି ଅଞ୍ଚଳକୁ ଅଧିକ ଧ୍ୟାନ ଦେବ । ଆମେରିକା ଏବଂ ଏହାର ସହଯୋଗୀଙ୍କ ସୁରକ୍ଷା ଓ କଲ୍ୟାଣ ପରସ୍ପର ସହିତ ଜଡିତ । ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଦାୟିତ୍ୱ ନିଜେ ନିଅନ୍ତୁ ବୋଲି କହିଛନ୍ତି । ଏପରି କରି ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବ । ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚୀନ୍ ଏବଂ ରୁଷ୍‌କୁ ତୀବ୍ର ସମାଲୋଚନା କରିଥିଲେ । କିଛି ଦେଶ ଜୋର ଜବରଦସ୍ତି ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ ।

■ କାୟା ମେଲାଉଛି କରୋନା

# କଟକ ଓ ଭୁବନେଶ୍ୱରରେ ୭ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୩୧।୫(ସମିସ): ରାଜ୍ୟରେ କାୟା ମେଲାଉଛି କରୋନା। ଦିନେ ଦୁଇ ଦିନ ବ୍ୟବଧାନ ପରେ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର-କଟକର ବିଭିନ୍ନ ଅଞ୍ଚଳରେ ଏବେ ସୁଦ୍ଧା ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କଟକରୁ ଚିହ୍ନଟ ହୋଇଥିବା ଦୁଇ ଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜଣା ପଡ଼ୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଚିହ୍ନଟ ହେଉଥିବା ଭେରିଏଣ୍ଟ୍‌କୁ ନେଇ ବିଶେଷ ଭୟଭୀତ ହେବାର କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ

ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ କହିଛନ୍ତି ଯେ ଏବେ ମୌସୁମୀ ଆସିଛି, ତେଣୁ ସମସ୍ତେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଯେତିକି ରୋଗୀ ଚିହ୍ନଟ ହେଉଛନ୍ତି, ସେମାଙ୍କର ଚିକିତ୍ସା ମଧ୍ୟ ଚାଲିଛି। ସେମାନେ ସୁସ୍ଥ ହେଉଛନ୍ତି। କୋଭିଡ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ରୋଗୀମାନେ ସ୍ୱାସ୍ଥ୍ୟ ବିଭାଗ ନଜର୍‌ରେ ଅଛନ୍ତି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଉଲ୍ଲେଖ କରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ମାନିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

କଟକରେ ମଧ୍ୟ ଗତକାଲି ଦୁଇ ଜଣ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। କଟକ ସିଡିଏମଓ ପ୍ରଶାନ୍ତ ହୋତାଙ୍କ ସୂଚନା ମୁତାବକ ପ୍ରଥମ ଆକ୍ରାନ୍ତ ହେଉଛନ୍ତି ୪୪ ବର୍ଷୀୟ ବ୍ୟକ୍ତି। ତାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନ ଥିବା ବେଳେ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ କୋଭିଡ୍ ଟେଷ୍ଟ କରାଇଥିଲେ। ତେବେ ଟେଷ୍ଟ କରିଲା ପରେ କୋଭିଡ ପଜିଟିଭ ଥିବା ଜାଣିବାକୁ ମିଳିଥିଲା। ସଂପୃକ୍ତ ଆକ୍ରାନ୍ତ ଏବେ ନିଜ ଗୃହରେ ସଂଗରୋଧ ହୋଇ ରହିଛନ୍ତି।

# ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର: କଂଗ୍ରେସ

ଭୁବନେଶ୍ୱର,୩୧।୫(ସମିସ): ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର ଚାଲିଛି। ଓଡ଼ିଆଙ୍କୁ ଶୋଷଣ ଓ ଓଡ଼ିଶାକୁ ଲୁଟ୍ କରିବା ବର୍ତ୍ତମାନ ରାଜ୍ୟ ସରକାରଙ୍କର ଏକମାତ୍ର କାମ ହୋଇଛି ବୋଲି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ।

ଶନିବାର ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରକୁ ବର୍ଷେ ହେବାକୁ ଆଉ ୧୨ଦିନ ବାକିଅଛି। ସରକାରର ପ୍ରଥମ ବର୍ଷରେ ଉଭୟ ମନ୍ତ୍ରୀ, ଯନ୍ତ୍ରୀ, ସଚିବ ଓ ବାବୁମାନେ ଖୁଲମଖୁଲା ଦୁର୍ନୀତି କରିବାରେ ଲାଗିପଡ଼ିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀ। ଧରା ପଡ଼ିଥିବା ମୁଖ୍ୟଯନ୍ତ୍ରୀ କେବଳ ଏକ ଉଦାହରଣ, ରାଜ୍ୟର ସବୁ ସରକାରୀ ଅଫିସ ଏବେ ବଟି ଆଦାୟର କେନ୍ଦ୍ରସ୍ଥଳ ପାଲଟିଛି ଓ ୩୦% ପିସି ନ ଦେଲେ କୌଣସି



■ ଓଡ଼ିଆଙ୍କୁ ଶୋଷଣ, ଓଡ଼ିଶାକୁ ଲୁଟ ଏବେ ସରକାରଙ୍କ ଏକମାତ୍ର କାମ
■ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପଛରେ କିଏ

କାମ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେଦୁଇଦିନ ତଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୨କୋଟି ୫୭ ଲକ୍ଷ ୨୯ ହଜାରରୁ ଅଧିକ ଟଙ୍କା ସହିତ ୧୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ଗଠନ ପ୍ରତିଶ୍ରୁତି ଦେଇ ସରକାକୁ ଆସିଥିବା ବିଜେପି ଏବେ ଓଡ଼ିଶାକୁ ଲୁଟ୍ କରିବାରେ ଲାଗି ପଡ଼ିଛି। ସରକାରୀ ଅଧିକାରୀ ଓ ମନ୍ତ୍ରୀ ବହୁ ମାତ୍ରାରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୧୨ ମାସର ସରକାର ରହିଲା ପରେ ମଧ୍ୟ ଏହି ବ୍ୟକ୍ତି ଏତେ ଦୁର୍ନୀତିଖୋର ହୋଇଥିଲେ ମଧ୍ୟ କାଣିଚାଏ ଖବର ମନ୍ତ୍ରୀ ଓ ସଚିବଙ୍କ ପାଖରେ କିପରି ପହଞ୍ଚିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ତଥା ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ବର୍ଷ ବର୍ଷ ଧରି ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆ ସରକାର ପ୍ରଥମ ଦିନରୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସେମାନଙ୍କ ପାଖରୁ ମୋଟା ଅଙ୍କର ପାଣ୍ଠି ଦଳ ପାଇଁ ସଂଗ୍ରହ କରିବା ପାଇଁ ସଲାସୁତୁରା ହୋଇଛି। ଏ ସରକାର ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କୁ ନିଜ ବେକରେ ମାଳା କରି ପିନ୍ଧୁଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଏମାନଙ୍କ ଏଜେଣ୍ଡାରେ ନାହିଁ ବୋଲି ସେ କହିଛନ୍ତି।

■ ଆୟଠାରୁ କଳାଧନ ୪୮୩ ପ୍ରତିଶତ ଅଧିକ

# ଜେଲ ଗଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର,୩୧।୫(ସମିସ): ଆୟଠାରୁ ୪୮୩ ପ୍ରତିଶତ କଳାଧନ ଅର୍ଜନ କରିବା ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରି ଜେଲ ପଠାଇଛି ଭିଜିଲାନ୍ସ। ଏହା ସହ କଳାଧନ ଅର୍ଜନରେ ସହଯୋଗ କରିଥିବା ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। କୋର୍ଟ ବୈକୁଣ୍ଠଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ଗତକାଲି ଚଢଉ ସମୟରେ ତାଙ୍କ ଘରୁ ସମୁଦାୟ ୨.୫୬କୋଟିର ନଗଦ ଟଙ୍କା ଠାବ କରାଯାଇଥିଲା। ଅନୁଗୁଳସ୍ଥିତ କାରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଓ ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ ହୋଇଥିଲା। ସେହିପରି କାରଡ଼ାଗାଡ଼ିଆ ଓ ଅନୁଗୁଳ ମାଟିଆସାହିରେ ଅନ୍ୟ ଦୁଇଟି ଦୁଇ ମହଲା କୋଠା, ଡୁମୁଡୁମାରେ ଓ ପିପିଲିରେ ଦୁଇଟି ଫ୍ଲାଟ, ଭୁବନେଶ୍ୱର ଓ ଅନୁଗୁଳରେ ୭ଟି ଦାମୀ ପ୍ଲଟ, ଘରୁ ୧.୧କେଜିର ସୁନା ଗହଣା, ସେୟାର ମାର୍ଗେଟରେ ୨.୭ କୋଟି ଟଙ୍କା ଓ ବ୍ୟାଙ୍କରେ ପ୍ରାୟ ଜମା ଦେଢ଼ କୋଟି ଟଙ୍କା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆସବାବପତ୍ର, ଦୁଇଚକିଆ ଓ ଚାରଚକିଆ ଯାନ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା।

ମୁଖ୍ୟ ଯନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ

ଦାଦନ ଯନ୍ତ୍ରଣା

# ପ୍ରୟାଗରାଜରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ନୂଆପଡ଼ା, ୩୧।୫ (ସମିସ): ନୂଆପଡ଼ା ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କୁ ପ୍ରୟାଗରାଜରେ ହତ୍ୟା କରାଯାଇଛି। ମୃତକ ହେଲେ, ନୂଆପଡ଼ା ସଦରଥାନା ଅନ୍ତର୍ଗତ ସାରାବଙ୍ଗ ଗାଁର ଭୋକ ସିଂ ରାଉତ(୩୨)। ସେ ସେଠାରେ ଏକ ଇଟଭାଟିରେ କାମ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଇଟାଭାଟିରେ ହତ୍ୟା କରିବା ପରେ ଶବକୁ ରେଳଲାଇନ୍ ଫିଙ୍ଗି ଦେଇଛନ୍ତି। ଏହି ଘଟଣାରେ ପ୍ରୟାଗରାଜ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଭୋକସିଂଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ପରିବାରଲୋକ ଆଜି ସେଠାରେ ଭୋକସିଂଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ମ୍ରିୟମାଣ ପରିବାର

ସୂଚନାନୁଯାୟୀ, ସାରାବଙ୍ଗ ଗାଁର ଚୈନ ସିଂ ରାଉତଙ୍କ ପୁଅ ଭୋକସିଂ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କ ସହ ମିଶି ଗତବର୍ଷ ଅକ୍ଟୋବରରେ ଜଗତ ଗୁପ୍ତା ନାମକ ଦଲାଲଙ୍କ ଜରିଆରେ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଖଟୋଲୀ ଗାଁସ୍ଥିତ ଜଣେ ଇଟାଭାଟି ସର୍ଦ୍ଦାରଙ୍କ ନିକଟରେ ଇଟାଗଢ଼ା କାମରେ ନିୟୋଜିତ ଥିଲେ। ଗରମ ଯୋଗୁଁ ଗୁରୁବାର ରାତିରେ ସେ କୁଡ଼ିଆ ବାହାରେ ଶୋଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ଭୋକସିଂ ଶୋଇଥିବା ଜାଗାରେ ରକ୍ତ ପଡ଼ିଥିବା ବେଳେ ମଶାରୀରେ ମଧ୍ୟ ରକ୍ତଛିଟା ଲାଗିଥିଲା।

ଶୋଇଥିବା ବେଳେ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ

ଶୁକ୍ରବାର ସକାଳେ କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଶବକୁ ଜବତ କରିଥିଲା। ଖବର ପାଇ ସାରାବଙ୍ଗରୁ ସମ୍ପର୍କୀୟମାନେ ଟ୍ରେନ୍ ଯୋଗେ ସେଠାରେ ଯାଇ ପହଞ୍ଚିଥିଲେ। ପ୍ରୟାଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟରେ ମୃତଦେହକୁ ପ୍ରୟାଗରାଜଠାରେ ଅନ୍ତିମ ସତ୍କାର କରାଯାଇଛି।

# ହତ୍ୟାକାରୀକୁ ୨୦ବର୍ଷ ଜେଲ୍

ସମ୍ବଲପୁର, ୩୧।୫ (ସମିସ): ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବୁର୍ଲା ଥାନା ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ କିଷାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦୋଷୀକୁ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୦ ରାତିରେ ବୁର୍ଲା ଥାନା ଅନ୍ତର୍ଗତ ଧୁଡ଼ିଆପଡ଼ାରେ ବିନୋଦ ଓରାମଙ୍କୁ ହତ୍ୟା କରାଯାଇଥିଲା। ସେଦିନ ବିନୋଦ ତା' ମା'ଙ୍କଠାରୁ ୫୦୦ ଟଙ୍କା ନେଇ ରାତି ପ୍ରାୟ ୯ଟା ବେଳେ ବାହାରକୁ ଯାଇଥିଲେ। କୌଣସି କଥାକୁ କେନ୍ଦ୍ର କରି ସୂରଜ ଏକ ପଥରରେ ବିନୋଦଙ୍କ ମୁଣ୍ଡକୁ ଛେଚିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିନୋଦଙ୍କ ଭାଇ ମନୋଜ ବୁର୍ଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ସୂରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

ନୟାଗଡ଼ରେ ଜଘନ୍ୟ ହତ୍ୟାକାଣ୍ଡ

# ବନପାଳଙ୍କୁ ହତ୍ୟା କରି ପୋଡ଼ିଦେଲେ ପତ୍ନୀ, ପୁଅ

ନୟାଗଡ଼, ୩୧।୫(ସମିସ): ପରକୀୟା ପ୍ରୀତିକୁ ନେଇ ନୟାଗଡ଼ରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଜିଲ୍ଲାର ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳ ଶିଶିର କୁମାର ସାହୁଙ୍କୁ ତାଙ୍କ ପତ୍ନୀ ଓ ପୁଅ ପିଟିପିଟି ହତ୍ୟା କରିଥିବାର ଅଭିଯୋଗ ହୋଇଛି। ପ୍ରମାଣ ନଷ୍ଟ ପାଇଁ ତଥା ଏହାକୁ ଆତ୍ମହତ୍ୟା ରୂପ ଦେବାଲାଗି ସେମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ପୁଲିସ ଶିଶିରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିବା ସହିତ ତାଙ୍କର ପତ୍ନୀ ଓ ପୁଅଙ୍କୁ ଅଟକ ରଖିଛି। ଏହି ହତ୍ୟାକାଣ୍ଡ ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।



■ ଘର ଭିତରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର
■ ପିଟିପିଟି ହତ୍ୟା କଲେ, ପ୍ରମାଣ ନଷ୍ଟ ପାଇଁ ନିଆଁ ଲଗାଇଦେଲେ
■ ପତ୍ନୀ ଓ ପୁଅକୁ ଅଟକ ରଖିଛି ପୁଲିସ
■ ପରକୀୟା ପ୍ରୀତିରୁ ପାରିବାରିକ ଅଶାନ୍ତି

ସୂଚନାନୁସାରେ, ଶୁକ୍ରବାର ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଜଣେ ଆଦିବାସୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଯାଞ୍ଚ କାର୍ଯ୍ୟରେ ବନପାଳ ଶିଶିର ଦିନତମାମ ବ୍ୟସ୍ତ ରହିବା ସହ ରାତି ୧୦ଟାରେ ଘରକୁ ଫେରିଥିଲେ। ଫେରିବା ସମୟରେ ସେ ମଦ୍ୟପାନ କରିଥିବା ତାଙ୍କ ବନ୍ଧୁ ଓ ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ରାତି ୧୦ଟା ୩୦ରେ ସେ ପୁଣି ମଦ୍ୟପାନ କରିବାକୁ ଯାଇ ସେଠାରୁ ଫେରିବା ପରେ କୌଣସି କାରଣକୁ ନେଇ ସ୍ତ୍ରୀ ଓ ପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ସ୍ତ୍ରୀ ଓ ପୁଅ ତାଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ହୋଇ ବନପାଳ ଶିଶିର ଅଚେତ ହୋଇପଡ଼ିଥିଲେ। ସେ ମରିଯାଇଥିବା ଭାବି ତାଙ୍କୁ ଟେକି ନେଇ ବେଡ୍ ଉପରେ ଶୁଆଇ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ସହିତ ପ୍ରମାଣ ନଷ୍ଟ ପାଇଁ ଘରର ଆସବାବପତ୍ର ଓ ଏକ ସ୍କୁଟି ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯାଇଥିବା ସ୍ତ୍ରୀ ନମିତା ବାହାନା କରିବା ପରେ ସ୍ଥାନୀୟ ଲୋକେ ଦମକଳ ଓ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିବା ବେଳକୁ ବନପାଳ ଶିଶିରଙ୍କ ମୃତ୍ୟୁ ହୋଇ ସାରିଥିଲା। ନିଆଁରେ ସ୍ତ୍ରୀ ନମିତା ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।

ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସ୍ତ୍ରୀ ନମିତା ପ୍ରଥମେ କହିଥିଲେ। ପୁଲିସ ନମିତାଙ୍କୁ ଡାକ୍ତରଖାନା ପଠାଇବା ସହ ପୁଅକୁ ଅଟକ ରଖିଥିଲା। ପଚରାଉଚରା ପରେ ପୁଅ ସତ ମାନିଥିବା ପୁଲିସ ନିକଟରୁ ସୂଚନା ମିଳିଛି। ଶନିବାର ସକାଳୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଖୋଳତାଡ଼ ଆରମ୍ଭ କରିଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଶବ ଜବତ କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପାରିପାର୍ଶ୍ୱିକ ଅବସ୍ଥା ଏବଂ ତଦନ୍ତରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୂଚନା ମିଳିଛି।


କୁହାଯାଉଛି ଯେ ଶିଶିର ଦୀର୍ଘଦିନ ଧରି ଜଣେ ମହିଳା ବନରକ୍ଷୀଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ଯାହାକୁ ନେଇ ସେ ନିଜ ପରିବାରକୁ ଅଣଦେଖା କରୁଥିଲେ। ପୁଅ ଓ ସ୍ତ୍ରୀ ଏହି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଘରେ ଅଶାନ୍ତି ଲାଗିରାହିଥିଲା। ତେବେ ଶୁକ୍ରବାର ଘଟିଥିବା ଗଣ୍ଡଗୋଳ ପୂରା ପରିବାରକୁ ଛାରଖାର୍ କରିଦେଇଛି। ଶିଶିରଙ୍କ ବଡ଼ଭାଇ ଶରତ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ସ୍ତ୍ରୀ ଓ ପୁଅଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଅଭୟାରଣ୍ୟ କୋର୍ ଏରିଆରେ ଯିବ ରିଂ ରୋଡ୍

## ଚିନ୍ତାବ୍ୟକ୍ତ ସହ ଆପତ୍ତି ଉଠାଇଲେ ପରିବେଶବିତ୍

ଭୁବନେଶ୍ୱର,୩୧।୫(ସମିସ): କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ଦେଇ ଅତିକ୍ରମ କରିବାକୁ ଥିବା କ୍ୟାପିଟାଲ ରିଜିଓନ୍ ରିଙ୍ଗ୍‌ରୋଡ୍‌ର ସମ୍ପୃକ୍ତ ଷ୍ଟ୍ରେଚ୍‌କୁ ପରିବେଶ ମନ୍ତ୍ରଳାୟର ଅନୁମତି ମିଳିଛି। ପରିବେଶ ମନ୍ତ୍ରଣାଳୟ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଏହି ୬ ଲେନ୍ ବିଶିଷ୍ଟ ରାସ୍ତାର ପ୍ରସ୍ତାବିତ ଅଂଶକୁ ଅନୁମତି ଦେଇଛି। ଏହି ରାସ୍ତାର ଗୋଟିଏ ଷ୍ଟ୍ରେଚ୍ ପ୍ରାୟ ୧ କିଲୋମିଟର ରାସ୍ତା ଗୋବିନ୍ଦପୁର-ଟାଙ୍ଗି କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ମଧ୍ୟ ଦେଇ ଅତିକ୍ରମ କରିବ। ପରିବେଶ ମନ୍ତ୍ରଣାଳୟର ଏହି ଅନୁମତି ପରେ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରକଳ୍ପକୁ ନେଇ ଆପତ୍ତି ଉଠାଇଛନ୍ତି।

ଭାରତମାଳା ଯୋଜନା ଅଧୀନରେ ୧୧୧ କିଲୋମିଟର ବିଶିଷ୍ଟ ଏହି କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପରିବେଶ ମଞ୍ଜୁରି ପାଇଁ ସୁପାରିସ କରିଥିଲା। ଏହି ପ୍ରକଳ୍ପଟି ଖୋର୍ଦ୍ଧାର ରାମେଶ୍ୱରରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରିବ। ଏହା ଢେଙ୍କାନାଳର ଗୋବିନ୍ଦପୁର ଗ୍ରାମରୁ କଟକର ଟାଙ୍ଗି ନିକଟବର୍ତ୍ତୀ ବନ୍ଧାଲୋ ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ମୋଟ ୪୦.୩୩ କିଲୋମିଟର ଲମ୍ବ ହେବ। ଏଥି ମଧ୍ୟରୁ ଅତି କମରେ ୧ କିଲୋମିଟର ରାସ୍ତା ଢେଙ୍କାନାଳର କପିଳାଶ ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଯିବ। ଏଥିପାଇଁ ପ୍ରାୟ ୩୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଆବଶ୍ୟକତା ରହିଛି। ତେବେ ଏହି ପ୍ରକଳ୍ପ ନିର୍ମାଣରେ ହାତୀମାନଙ୍କ ଯିବା ଆସିବା ପାଇଁ ପାଇଁ ୧.୬୫ କିଲୋମିଟର ଓ ୮୫୦ ମିଟର ଲମ୍ବ ବିଶିଷ୍ଟ ଦୁଇଟି ହାତୀ ଅଣ୍ଡରପାସ୍ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ଯାହାର ଉଚ୍ଚତା ୧୦ ମିଟର ରଖିବା ପାଇଁ କୁହାଯାଇଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ୬,୭୫୩ କୋଟି ଟଙ୍କାର ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାମ କରାଯିବ। ପ୍ୟାକେଜ-୧ ରେ ପ୍ରାୟ ୪୦୨୬ କୋଟି ଟଙ୍କା ବିନିଯୋଗରେ ରାମେଶ୍ୱରରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ୭୧ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ୟାକେଜ-୨ ରେ ପ୍ରାୟ ୨୨୮୭ କୋଟି ଟଙ୍କା ବିନିଯୋଗରେ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ୪୦ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଛି। ଏହି ୬ ଲେନ୍ ଏକ୍ସପ୍ରେସ ୱେ ଏନ୍‌ଏଚ୍-୧୬ ରେ ଯାନବାହାନଗୁଡ଼ିକୁ ଖୋର୍ଦ୍ଧା ସହର, ଭୁବନେଶ୍ୱର ଏବଂ କଟକ ସହର ରାସ୍ତାରେ ଭିଡ଼ ହ୍ରାସ କରି ବାଇପାସ୍ କରିବାକୁ ଯୋଜନା କରାଯାଇଛି। ସୂଚନା ଥାଉ କି ରାଜ୍ୟର ଏହି ବହୁ ପ୍ରତିକ୍ଷିତ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ ବିଳମ୍ବିତ ହେତୁ ଗତ ଏପ୍ରିଲ୍ ମାସରେ ଏନ୍‌ଏଚ୍‌ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଚିନ୍ତା ପ୍ରକଟ କରିବା ସହ ରାଜ୍ୟ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହି ପ୍ରକଳ୍ପ ପାଇଁ ଶୀଘ୍ର ମଞ୍ଜୁରୀ ପ୍ରଦାନ ଦିଗରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଅନୁରୋଧ କରଥିଲେ।



## ଖଲ୍ଲିକୋଟ ବଡ଼ ଘାଟିରେ ରାସ୍ତା ଧସୁଛି



ଖଲ୍ଲିକୋଟ,୩୧।୫(ସମିସ): ଗାଡି ଚାଳକ ସାବଧାନ ହୋଇ ଯାଆନ୍ତୁ। ଖଲ୍ଲିକୋଟ ବଡ଼ ଘାଟିରେ ରାସ୍ତା ଧସୁଛି। ବର୍ଷା ପାଣିରେ ଖାଇ ଗଲାଣି ମୁଖ୍ୟ ରାସ୍ତା। ୧୬ ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱର ପଟୁ ବ୍ରହ୍ମପୁର ଆଡକୁ ଯାଉଥିବା ରାସ୍ତା ବଡ଼ ଘାଟି ଉପରେ ଧସୁଥିବା ଦେଖାଯାଇଛି। ମୁଖ୍ୟରାସ୍ତାର ପ୍ରାୟ ଦୁଇ ଫୁଟ ଭିତରକୁ ବର୍ଷା ପାଣି ଖାଇ ଗଲାଣି। ତଳକୁ ପ୍ରାୟ ୪ ମଣିଷ ଖାଲ ହୋଇଗଲାଣି। ରାସ୍ତା କଡ଼ରେ ଯାଉଥିବା କୌଣସି କାର୍ କିମ୍ବା ବାଇକ ସେହି ଖାଲରେ ପଡିଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାର୍ ଏବଂ ବାଇକ ଚାଳକଙ୍କୁ ବିପଦ ଯେମିତି ହାତ ଠାରି ଡାକୁଛି। ସେହି ସ୍ଥାନଠାରୁ ଅନତି ଦୂରରେ ଜେସିବି ଦ୍ୱାରା ମୁଖ୍ୟ ରାସ୍ତାକୁ ରାମ୍ପୁଡି ଦିଆଯାଇଛି। ରାସ୍ତା ମରାମତି ହେବ ବୋଲି ପ୍ରାୟ ଦୁଇ ବର୍ଷ ତଳେ ଜେସିବି ଦ୍ୱାରା ମୁଖ୍ୟ ରାସ୍ତାକୁ ରାମ୍ପୁଡି ଗାର ଗାର ହେଲା ଭଳି କରି ଦିଆଯାଇଥିବା ବେଳେ ଏ ଯାଏଁ କୌଣସି ମରାମତି କାମ ଆରମ୍ଭ ହୋଇନାହିଁ। ସେହି ରାସ୍ତାରେ ବାଇକ କିମ୍ବା ସ୍କୁଟି ଗଲା ବେଳେ ଭାରସାମ୍ୟ ରହୁନାହିଁ। ଫଳରେ ବାଇକ ଓ ସ୍କୁଟି ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଥିବା ନଜିର ରହିଛି। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷାଙ୍କ ଅବସର**

# ପ୍ରଫେସର ଶୂନ୍ୟ ହେଲା ଶିକ୍ଷାନୁଷ୍ଠାନ

ବ୍ରହ୍ମପୁର,୩୧।୫(ସମିସ)



ପୁଣି ଶ୍ରୀହୀନ ହୋଇପଡିଛି ରାଜ୍ୟର ଅନ୍ୟତମ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ। ଏଠାରେ ସ୍ଥାନୀୟ କୁଳପତି ନଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତୁଲାଉଛନ୍ତି ଅତିରିକ୍ତ ଦାୟିତ୍ୱ। ଏଭଳି ପରିସ୍ଥିତିରେ ଶିକ୍ଷାନୁଷ୍ଠାନର ଏକମାତ୍ର ପ୍ରଫେସର ତଥା ପିଜି କାଉନ୍‌ସିଲର ଅଧ୍ୟକ୍ଷା ତଥା ଇଂରାଜୀ ବିଭାଗର ପ୍ରଫେସର ଡଃ ପଦ୍ମିନୀ ସାହୁ ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରଫେସର ପଦ୍ମିନୀ ସାହୁଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଯୋଗଦେଇ ପ୍ରଫେସର ସାହୁଙ୍କ କାର୍ଯ୍ୟ ଓ ନିଷ୍ଠା ସମ୍ପର୍କରେ ନିଜର ମତ ରଖିଥିଲେ। ତେବେ ଦୀର୍ଘବର୍ଷ ଧରି ଯେତେବେଳେ ଜଣେ ସେବା ପ୍ରଦାନ କରୁଛନ୍ତି ଆଉ ତାଙ୍କୁ ଅବସର ସମୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି ଏହାକୁ ବିଦାୟକାଳୀନ ନୁହେଁ ବରଂ ଧନ୍ୟବାଦ ଅର୍ପଣ ସଭା ଭାବେ ବିବେଚିତ ମଧ୍ୟ କରାଯାଇପାରେ ବୋଲି ବ୍ୟକ୍ତିଗତ ମତ ଦେଇଥିଲେ। ଯାହାକୁ ସଭାରେ ଉପସ୍ଥିତ ସମସ୍ତେ ସ୍ୱାଗତ କରିଥିଲେ। ନିଜର କାର୍ଯ୍ୟକାଳ ସମୟରେ ବିଭିନ୍ନ ଗୁରୁଦାୟିତ୍ୱରେ ରହିବା ସହିତ ପିଲାଙ୍କ ଶିକ୍ଷାଦାନ ଓ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରି ବେଶ ସୁନାମ ଅର୍ଜନ କରିଛନ୍ତି ପ୍ରଫେସର ପଦ୍ମିନୀ ସାହୁ। ତାଙ୍କର ଅବସର ପରେ ଶିକ୍ଷାନୁଷ୍ଠାନର ଇଂରାଜୀ ବିଭାଗରେ ରହିଛନ୍ତି ମାତ୍ର ୪ଜଣ ଠିକା ଅଧ୍ୟାପକ। ସେମାନଙ୍କ ଭରସାରେ ଚାଲିବ ୫ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଇଂରାଜୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ପ୍ରଫେସର ପଦ୍ମିନୀ ସାହୁଙ୍କ ଅବସର ଗ୍ରହଣ ସହିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭଳି ଦକ୍ଷିଣଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ବର୍ତ୍ତମାନ

- **ଠିକା ଅଧ୍ୟାପକଙ୍କ ଭରସାରେ ଇଂରାଜୀ ବିଭାଗ**
- **'ବିଦାୟକାଳୀନ' ପରିବର୍ତ୍ତେ 'ଧନ୍ୟବାଦ ଅର୍ପଣ' ସଭା ଆୟୋଜନ ହେବା ଉଚିତ: କୁଳପତି**

ପ୍ରଫେସର ଶୂନ୍ୟ ହୋଇଯାଇଛି। ଏହି ଦିଗରେ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ଧ୍ୟାନ ଦେବା ଜରୁରୀ ହୋଇପଡିଛି। ପ୍ରଫେସର ପଦ୍ମିନୀ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅବସରରେ ଆୟୋଜିତ ସଭାରେ କୁଳପତି ପ୍ରଫେସର ଦାଶଙ୍କ ସମେତ ପ୍ରଫେସର ପଦ୍ମିନୀ ସାହୁ, ପରୀକ୍ଷା ନିୟନ୍ତ୍ରକ ଡଃ ମନୋଜ କୁମାର ପଟ୍ଟନାୟକ ଓ ହଷ୍ଟେଲ ସମୂହର ୱାର୍ଡେନ ଦୀପକ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଫେସର ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା। ନିଜର ଦୀର୍ଘ ବର୍ଷର ଅଧ୍ୟାପନା ଓ ପ୍ରଶାସନିକ ଦାୟିତ୍ୱ ସମ୍ପାଦନ ପରେ ଅବସର ଗ୍ରହଣ ସମୟରେ ଆୟୋଜିତ ସଭାରେ ଉପସ୍ଥିତ ସହକର୍ମୀ ତଥା ବୁଦ୍ଧିଜୀବୀଙ୍କୁ ସମ୍ବୋଧିତ କରିବା ସମୟରେ ଭାବବିହ୍ୱଳ ହୋଇପଡିଥିଲେ ପ୍ରଫେସର ସାହୁ। ତାଙ୍କୁ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନରେ ପ୍ରତ୍ୟେକଙ୍କ ଠାରୁ ମିଳିଥିବା ସହଯୋଗକୁ ସେ କଦାପି ଭୁଲିପାରିବେ ନାହିଁ ବୋଲି କହି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଆହାର କେନ୍ଦ୍ର ପରିଦର୍ଶନ କଲେ ନିର୍ବାହୀ ଅଧିକାରୀ



ଦିଗପହଣ୍ଡି,୩୧।୫(ସମିସ): ଦିଗପହଣ୍ଡି ବସଷ୍ଟାଣ୍ଡ ପାଶ୍ୱର୍ରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି ନବ ନିଯୁକ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର। ଶନିବାର ସେ ଅଚାନକ ଆହାର କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସାଧାରଣ ଲୋକମାନଙ୍କ ସହ ଲାଇନ୍‌ରେ ଯାଇ ଡାଇନିଂ ହଲକୁ ୫ ଟଙ୍କିଆ ମିଲ୍ ଆଣି ଲୋକଙ୍କ ସହ ବସି ଖାଇବା ସହ ଖାଦ୍ୟର ଗୁଣବତ୍ତା ପରଖିଥିଲେ। ଖାଦ୍ୟର ସଠିକ ଯାଞ୍ଚ କରିବା ପରେ ଆହାର କେନ୍ଦ୍ର ପରିଚାଳନା ପାଇଁ ନିୟୋଜିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ଡାକି ଲୋକଙ୍କୁ ଉନ୍ନତ ମାନର ଖାଦ୍ୟ ପ୍ରସ୍ତୁତ କରି ଯୋଗାଇବା ସହ ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିମନ୍ତେ ତାଗିଦ୍ କରିବା ସହ ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟନୁଷ୍ଠାନ ଚେତାବନୀ ଦେଇ ଫେରିଥିଲେ। ଏହି ଯାଞ୍ଚ ସମୟରେ ଏନଏସିର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ।

**ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି**

## ଉପଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘର ଦାବିପତ୍ର



ବେଲଗୁଣ୍ଠା,୩୧।୫(ସମିସ): ଗତ କିଛି ଦିନ ହେବ ରାଜ୍ୟରେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। କିଛିଦିନ ତଳେ ବଲାଙ୍ଗୀର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୂଳଥପଲ୍ଲୀ ଗ୍ରାମରେ ଗଣମାଧ୍ୟମ ପ୍ରତିନିଧି ବିଜୟ ପ୍ରଧାନଙ୍କ ହାତଗୋଡ ବାନ୍ଧି ତାଙ୍କ ଉପରେ ବର୍ବରୋଚିତ ଅତ୍ୟାଚାର କରାଯିବା ନେଇ ସମଗ୍ର ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆକ୍ରମଣକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ମାନେ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ରଙ୍କ ନେତୃତ୍ୱରେ ସାମ୍ବାଦିକ ମାନେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ସାକ୍ଷାତ କରି ସାମ୍ବାଦିକଙ୍କୁ ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ପ୍ରେସକ୍ଲବ ଉପସଭାପତି ପ୍ରଭାତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠି, ଭଞ୍ଜନଗର ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସଂଯୋଜକ ବିଶ୍ୱମ୍ଭର ଜେନା, ସମ୍ପାଦକ ରାଜେଶ୍ ପଣ୍ଡା, ଭଞ୍ଜନଗର ପ୍ରେସକ୍ଲବ ସଭାପତି ଲୋକନାଥ କର, ଉପସଭାପତି ସୁଶାନ୍ତ ସାହୁ, ସମ୍ପାଦକ ବାବୁଲା ପ୍ରଧାନ, ବେଲଗୁଣ୍ଠା ପ୍ରେସକ୍ଲବ ସଦସ୍ୟ ନବ କିଶୋର ମହାରଣା, ତୋଫାନ ସାହୁ, ଶିବରାମ ଚୌଧୁରୀ, ବୀରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପଜିଲ୍ଲାପାଳ ଶ୍ରୀ ବେହେରାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ଜଳିଗଲା ଗୁହାଳ; ୩୦ରୁ ଊର୍ଦ୍ଧ୍ୱ ଛେଳି ମେଣ୍ଢା ଜୀବନ୍ତ ଦଗ୍ଧ

ସାନଖେମୁଣ୍ଡି,୩୧।୫(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି କୁମ୍ଭାର ସାହିରେ ନିଆଁ ଲାଗି କେଶବ ଗୌଡ଼ଙ୍କ ଗୁହାଳ ଜଳି ଯାଇଛି। ଗୁହାଳ ମଧ୍ୟରେ ଥିବା ୩୦ରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ଏବଂ ଅନ୍ୟ ଛେଳି, ମେଣ୍ଢା ଗୁଡ଼ିକ କେଉଁଆଡେ ପଳାଇଥିବା ବେଳେ କିଛି ଛେଳି ଓ ମେଣ୍ଢା ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ହୁତହୁତ ହୋଇ ନିମିଷକ ମଧ୍ୟରେ ଗୁହାଳରେ ନିଆଁ ଲାଗିଯାଇଥିଲା। ସୂଚନା ମୁତାବକ ଶୁକ୍ରବାର ରାତ୍ର କେଶବଙ୍କ ପରିବାର ଲୋକେ ଶୋଇଥିବାବେଳେ ବିଳମ୍ବିତ ରାତ୍ର ଗୁହାଳରେ ନିଆଁ ଲଗାଯାଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସାନଖେମୁଣ୍ଡିରୁ ଦମକଳ ବାହିନୀ ଆସି ନିଆଁ ଲିଭାଇଥିବା ବେଳେ ପାଟପୁର ପୁଲିସ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛି। ଗୁହାଳରେ ଥିବା ଜିନିଷପତ୍ର ମଧ୍ୟ ପୋଡ଼ିଯାଇଛି। ସରକାରୀ ସହାୟତା ପାଇଁ ଅନୁରୋଧ କରିଛନ୍ତି ଚାଷୀ। ବିଳମ୍ବିତ ରାତ୍ର କାଳ ବୈଶାଖୀ ପ୍ରଭାବରେ ହୋଇଥିବା ଘଡ଼ ଘଡି ବିଜୁଳି ଆଘାତରେ ଗୁହାଳରେ ନିଆଁ ଲାଗି ଯାଇଥିବା ସନ୍ଦେହ କରାଯାଉଛି।

## ଚାରିମାସ ପୂରିନି; ବର୍ଷାରେ ଭୁଶୁଡ଼ିଲା ଗିଲିଣ୍ଡା ରାସ୍ତା



କୋଦଳା,୩୧।୫(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବେଗୁନିଆପଡା ବ୍ଲକର ଅଙ୍ଗାରଗାଁ ଠାରୁ ଗିଲିଣ୍ଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାରଣ ରାସ୍ତା ନିର୍ମାଣକୁ ୪ ମାସ ପୂରିନି କିନ୍ତୁ ରାସ୍ତା ବର୍ଷାରେ ଭୁଶୁଡି ଗଲାଣି। ଗତ ୧୦ ମାର୍ଚ୍ଚ ୨୦୨୪ରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗିଲିଣ୍ଡା ଠାରୁ ଅଙ୍ଗାରଗାଁ ଦେଇ ତାଳସର, କୁମାରିପାରି, ଖିଡିଙ୍ଗି, ଭାବିନିପୁର ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବା ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପରିତାପର ବିଷୟ ଏହାଯେ ଅଙ୍ଗାରଗାଁଠାରୁ ଗିଲିଣ୍ଡା ପର୍ଯ୍ୟନ୍ତ ହୋଇଥିବା ରାସ୍ତାର ଏକ କଲଭର୍ଟ ପାଖରେ ଏହି ରାସ୍ତା ଭୁଶୁଡି ଯାଇଛି। ଯାହାକି ରାସ୍ତା ନିର୍ମାଣର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ ସରିବାର ଅଳ୍ପ ଦିନ ପରେ ଏହି ପ୍ରକାର ଅବସ୍ଥା ଦେଖି ଆଗକୁ ରାସ୍ତା ଅବସ୍ଥା କଣ ହେବ ସେ ଦିଗରେ ଲୋକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଘରୋଇ କଳିରୁ କୁରାଢ଼ୀରେ ଆକ୍ରମଣ; ଜଣେ ଗିରଫ

ବୁଗୁଡା,୩୧।୫(ସମିସ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମରେ ମୁନା ନାଇକ(୨୪)ଙ୍କୁ କୁରାଢ଼ିରେ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଗିରଫ ବ୍ୟକ୍ତି ହେଲେ ସୋରଡ ଗ୍ରାମ ଖଦାଳ ସାହିର ପ୍ରକାଶ ନାଇକ (୨୭)। ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଚନ୍ତି। ଗତ ୨୮ ତାରିଖ ଦିନ ମୁନାଙ୍କ ପରିବାର ଏବଂ ପଡ଼ୋଶୀ ପ୍ରକାଶଙ୍କ ପରିବାର ମଧ୍ୟରେ କଳି ହୋଇଥିଲା। ୨୯ ତାରିଖ ସକାଳେ ପ୍ରକାଶ ମୁନାଙ୍କ ପରିବାରକୁ ଗାଳିଗୁଲଜ କରିଥିଲା। ମୁନା ସନ୍ଧ୍ୟାରେ ପ୍ରକାଶର ଘରକୁ ଯାଇ ଗାଳି କରି ଫେରିବା ବେଳକୁ ପ୍ରକାଶ ପଛପଟୁ କୁରାଢ଼ୀରେ ବେକ ପାଖକୁ ଏକ ଚୋଟ ପକାଇଥିଲା। ମୁନା ତଳେ ପଡ଼ିଯାଇ ଚିତ୍କାର କରିବାରୁ ତା'ର ଭଉଣୀ ଓ ଅନ୍ୟମାନେ ଯାଇ ଉଦ୍ଧାର କରିଥିଲେ। ବାଲିପଦର ଫାଣ୍ଡି ଅଧିକାରୀ ଏନ୍.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ।

**● ହୁମ୍ମା ଶୁଖୁଆ ହାଟରେ ଓଜନରେ ଠକେଇ**

## କେଜିଏ କିଣିଲେ ମିଳୁଛି ୮୦୦ ଗ୍ରାମ୍

ଗଞ୍ଜାମ,୩୧।୫(ସମିସ): ଗଞ୍ଜାମ ବ୍ଲକ ୧୬ନମ୍ବର ଜାତୀୟରାଜପଥ ପାଶ୍ୱର୍ରେ ରହିଛି ଜିଲ୍ଲାର ପ୍ରସିଦ୍ଧ ହୁମ୍ମା ଶୁଖୁଆ ହାଟ। ସେଠାରେ ପ୍ରତ୍ୟକ ରବିବାର ଦିନ ହାଟ ବସୁଥିଲେ ମଧ୍ୟ ଶନିବାର ରାତିରୁ ସୋରଲ, ସୋନପୁର, ସୁମାଣ୍ଡି, ଏପରିକି ଆନ୍ଧ୍ରପ୍ରଦେଶ ଆଦି ସ୍ଥାନରୁ ଶୁଖୁଆ ବେପାରୀ ଆସି ସେଠାରେ ଡ଼େରା ପକାନ୍ତି। ବିଭିନ୍ନ ରକମର ଶୁଖୁଆ ତଥା ଗୋଲରା, ଶାବଳା, ଖଇଙ୍ଗା, ପତୁଆ, କାବଲା, ମରାଣ୍ଡି ଚିଙ୍ଗୁଡ଼ି ଶୁଖୁଆ ଆଦି ଏଠାରେ ହୋଲସେଲ ଏବଂ ରିଟେଲରରେ ବିକ୍ରି ହୁଏ। ଗୋଲରା ବିଷା ପ୍ରତି ୧୪୦ ଖଇଙ୍ଗା ୨୫୦ ଏବଂ ଅନ୍ୟାନ୍ୟ ଶୁଖୁଆ ପ୍ରାୟ ୨୦୦ ଟଙ୍କାରେ ବିକ୍ରି ହେଉଛି। ବର୍ତ୍ତମାନ ଉକ୍ତ ହାଟରେ ଶୁଖୁଆ ବେପାରୀମାନେ ଓଜନରେ ଠକେଇ କରୁଥିବା ଅଭିଯୋଗ ହୋଇଛି। କିଲେ ଶୁଖୁଆ ଅନ୍ୟ ସ୍ଥାନରେ କିମ୍ବା କମ୍ପୁଟର କଣ୍ଟାରେ ଓଜନ କଲେ ତାହା ୮୦୦ ଗ୍ରାମ ହେଉଥିବା ପୁଇଁତୋଳା ଗ୍ରାମର ଶିବରାମ ଜେନା ଅଭିଯୋଗ କରିଛନ୍ତି। ଉକ୍ତ ହାଟ ଏବେ ମତ୍ସ୍ୟ ବିଭାଗ ଅଧୀନରେ ରହିଛି। ପ୍ରତ୍ୟେକ ମାସରେ ଓଜନ ମାପ ଦଣ୍ଡ କରିବା ନିୟମ ଥିଲେ ମଧ୍ୟ ତାହା କରାଯାଉନି ଫଳରେ ବେପାରୀମାନେ ମନଇଚ୍ଛା ବିକ୍ରି କରୁଛନ୍ତି।

## ମମତା ଯୋଜନାରେ ଟଙ୍କା ଆସିଛି କହି ଠକିନେଲେ ୯୫ ହଜାର

ଛତ୍ରପୁର,୩୧।୫(ସମିସ): ଛତ୍ରପୁର ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ସରକାରୀ ଟଙ୍କା ଆସିଛି କି ଯାଞ୍ଚ କରିବା ବାହାନାରେ ୩ ଥରରେ ୯୫ ହଜାର ୮୯୮ ଟଙ୍କା ଖାତାରୁ କଟିଯାଇଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ଏପରିକି ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରେ ଥିବା ସାଇବର ସେଲ ଓ ୧୯୦୩ ସାଇବର କ୍ରାଇମ ହେଲପଲାଇନରେ ମଧ୍ୟ ଅଭିଯୋଗ କରାଯାଇଥିବା ଜଣାପଡିଛି। ସୂଚନା ଥାଉକି, ଛତ୍ରପୁର ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ମମତା ସହାୟତା ରାଶି ଆସିଛି କି ନାହିଁ ଯାଞ୍ଚ ଆଶା ଦିଦି ଜଣକ କହିବା ପରେ ସେ ଫୋନ ପେରେ ବାଲାନ୍ସ ଯାଞ୍ଚ କରିବା ପରେ ପରେ ତାଙ୍କ ଖାତାରୁ କିଛି ସମୟ ମଧ୍ୟରେ ୩ ଥରରେ ୯୫ ହଜାର ୮୯୮ ଟଙ୍କା କଟିଗଲା। ପ୍ରଥମେ ୪୮ ହଜାର ୨୯୭, ପରେ ୪୬ ହଜାର ଏକ ଟଙ୍କା ଓ ପୁଣି ୧୬ଶହ ଟଙ୍କା କଟିଲା। ଏନେଇ ସେ ଅଭିଯୋଗ କରିବା ପରେ ତାଙ୍କ ଖାତାକୁ ୧୬ଶହ ଟଙ୍କା ଫେରିଥିବା ଜଣାପଡିଛି। ତେବେ କିପରି ବଳକା ଟଙ୍କା ଫେରିପାଇବେ ସେନେଇ ଚିନ୍ତାରେ ରହିଛନ୍ତି। ଏନେଇ ଥାନାରେ ଏତଲା ହୋଇଛି, ଯାଞ୍ଚ କରାଯାଉଛି ବୋଲି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି।

## ମହିଳା ହଷ୍ଟେଲରୁ ମୋବାଇଲ ଚୋରି; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୧।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପଭା ସାହି ଠାରେ ଥିବା ଏକ ଘରୋଇ ମହିଳା ହଷ୍ଟେଲରୁ ଏକାଧିକ ଛାତ୍ରୀଙ୍କ ମୋବାଇଲ ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଅଞ୍ଚଳର ସଞ୍ଜୟ କୁମାର ସୁବଦ୍ଧି(୨୭)। ପୁଲିସ ସଞ୍ଜୟ ନିକଟରୁ ଚୋରି ହୋଇଥିବା ମୋବାଇଲ ଜବତ କରିଛି। ସୂଚନାପ୍ରକାରେ, ଗୋଲପଲ୍ଲୀ ସାହି ଦ୍ୱିତୀୟ ଲାଇନର ସୁଲଗ୍ନା ରାଉତଙ୍କ ଏକ ବହୁତଳ କୋଠା ରହିଥିବା ବେଳେ ତାହାକୁ ମହିଳା ହଷ୍ଟେଲ ଭାବେ ଭଡ଼ାରେ ଦେଇଛନ୍ତି। ୧୩ ତାରିଖ ଭୋରୁ କୌଣସି ଦୁର୍ବୃତ୍ତ ହଷ୍ଟେଲରେ ପଶି ୩ଟି ମୋବାଇଲ ଫୋନ, ୩ଟି ଚାର୍ଜର ଓ ଗୋଟିଏ ଏଟିଏମ୍ କାର୍ଡ ଚୋରିକରି ନେଇଥିଲା। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଘଟଣାକୁ ନେଇ ସୁଲଗ୍ନା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଆକ୍ରମଣରେ ବୃଦ୍ଧା ଆହତ

ଦିଗପହଣ୍ଡି,୩୧।୫(ସମିସ): ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ନବରଙ୍ଗପୁର ଗ୍ରାମର ବୃଦ୍ଧା ଅନ୍ନପୂର୍ଣ୍ଣା ଗୌଡ଼ଙ୍କୁ ତାଙ୍କ ପଡୋଶୀ ସିଲୁ ଗୌଡ଼ ଓ ଫିଲୁ ଗୌଡ଼ ଦୁଇ ଭାଇ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବୃଦ୍ଧାଙ୍କ ଏତଲା କ୍ରମେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ଦୁଇ ଭାଇଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ନିମନ୍ତେ ଏଏସଆଇ ଅଜୟ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଟାରେ ପଡୋଶୀ ଘର ଲୋକେ ଅନ୍ନପୂର୍ଣ୍ଣାଙ୍କ ଘର ସମ୍ମୁଖରେ ସଜନାଗଛ ଓ ନଡ଼ିଆ ଗଛର ଡାଳ ଗଦା କରିଥିଲେ। ଘରକୁ ଯା ଆସରେ ଅସୁବିଧା ହେବାରୁ ବୃଦ୍ଧା ଜଣକ ପ୍ରତିବାଦ କରିବାରୁ ଦୁଇ ଭାଇ ତାଙ୍କୁ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି।

**ମୁନିସପେଣ୍ଠ ଗ୍ରାମରେ ପାନୀୟଜଳ ସଂକଟ**

# ହାଣ୍ଡି ମାଠିଆ ଧରି ମହିଳାଙ୍କ ରାସ୍ତାରୋକ

ଛତ୍ରପୁର,୩୧।୫(ସମିସ)



ପାଣି ପାଇଁ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କଲେ ସାହି ବାସିନ୍ଦା ଏହିପରି ଘଟଣା ଛତ୍ରପୁର ବ୍ଲକ ମୁନିସପେଣ୍ଠ ଗ୍ରାମରେ ଦେଖିବାକୁ ମିଳିଛି। ଗୋଟିଏ ସାହିରେ ପାଣି ଆସୁଥିବା ବେଳେ ଅନ୍ୟ ଏକ ସାହିକୁ ଦୀର୍ଘ ୧୫ ଦିନ ହେବ ପାଣି ଆସୁନଥିଲା। ଫଳରେ ପାଣି ଆସୁନଥିବା ସାହି ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ଶନିବାର ସେହି ସାହିର ମହିଳାମାନେ ହାଣ୍ଡି, ମାଠିଆ ଧରି ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ଗୋଟିଏ ସାହି ପାଣି ପାଇବ ଅନ୍ୟ ସାହି କାହିଁକି ପାଣି ମିଳିବ ନାହିଁ ବୋଲି କହିଥିଲେ। ପାଣି ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ କରାଯିବ ବୋଲି ମହିଳାମାନେ କହିଥିଲେ। ଏପରିକି ପାଣି ଆସୁଥିବା ପମ୍ପକୁ ବନ୍ଦ କରିଥିଲେ। ଶେଷରେ ଘଟଣାସ୍ଥଳକୁ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଛତ୍ରପୁର ପୁଲିସ ଯାଇ ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଇଥିଲେ। ତୁରନ୍ତ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ହଟିବା ସହ ପମ୍ପ ଚାଲୁ ହୋଇଥିଲା। ଆଗାମୀ ଦିନରେ ଗୋଟିଏ ସାହିକୁ କିଛି ସମୟ ପାଣି ଛଡା ଯିବା ପରେ ଅନ୍ୟସାହି ପାଣି ଛଡାଯିବ ଯାହାଫଳରେ ପାଣି ସମସ୍ୟା ରହିବ ନାହିଁ ବୋଲି ଜଳ ଓ ପରିମଳ ଯନ୍ତ୍ରୀ କହିଥିଲେ।

## ବିଶିଷ୍ଟ ଶ୍ରମିକ ନେତାଙ୍କ ଦ୍ୱାଦଶାହରେ ସାମୂହିକ ଦୀପଦାନ



ବ୍ରହ୍ମପୁର,୩୧।୫(ସମିସ): ବିଶିଷ୍ଟ ଶ୍ରମିକ ନେତା ତଥା ଆଇଏନଟିୟୁସିର ପୂର୍ବତନ ବରିଷ୍ଠ ନେତା ସ୍ୱର୍ଗତ ଅଜୟ କୁମାର ଚୌଧୁରୀଙ୍କର ଶନିବାର ଦ୍ୱାଦଶାହ ପାଳିତ ହୋଇଯାଇଛି। ଏହି ଅବସରରେ ଗଜପତି ନଗର ଉନ୍ନୟନ କମିଟି ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ସାମୁହିକ ଦୀପଦାନ କରାଯାଇଥିଲା। ପରେ ସ୍ୱର୍ଗତ ନେତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଗଜପତି ନଗର ଉନ୍ନୟନ କମିଟିର ଉପଦେଷ୍ଟା ଥଥା ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, ସମ୍ପାଦକ ରାଜେଶ କୁମାର ସାହୁ, ଭିକାରୀ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ରାମମୋହନ ପଟ୍ଟନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ବିଷ୍ଣୁ ପଣ୍ଡା, ସୁରେନ୍ଦ୍ର କୁମାର ମହାନ୍ତି, ରମେଶ ଦାଶ, ସଂଜୟ ତ୍ରିପାଠୀ, ପୂର୍ଣ୍ଣ ମହାରଣା ଓ ଦିଗାମ୍ବର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

■ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଯାତ୍ରା

# ଅସ୍ଥାୟୀ ମଣ୍ଡପରେ ଦର୍ଶନ କଲେ ଶ୍ରଦ୍ଧାଳୁ

ବ୍ରହ୍ମପୁର, ୩୧।୫(ସମିସ): ଲାଞ୍ଜିପଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ମା' ତାରାଦେବୀଙ୍କ ଠାକୁରାଣୀ ଯାତ୍ରା ଦିନ ବଢ଼ିବା ସହ ଭକ୍ତଙ୍କ ଭିଡ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶନିବାରେ ମା' ବିଶ୍ରାମ ନେଇଥିବା ବେଳେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତିଦିନ ପରି ମା'ଙ୍କ ଲାଗି ପ୍ରତ୍ୟହ ଭୋର ସମୟରେ ପ୍ରଭାତ ଆଳତୀ, ବାଳଭୋଗ, ହୋମ, ଚଣ୍ଡିପାଠ କରାଯିବା ସହ ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ୧୦୮ ଆଳତୀ ହୋଇଥିଲା। ଅନ୍ୟପକ୍ଷରେ ସହରର ଲାଞ୍ଜିପଲୀ ଅଞ୍ଚଳର ବିଭିନ୍ନ ସାହିରେ କଳାକୁଞ୍ଜ ଉନ୍ମୋଚିତ ହୋଇଥିବା ବେଳେ ଗଞ୍ଜାମର ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟକ୍ତି ସାହି ସାହି ବୁଲି କଳାକୁଞ୍ଜ ଦେଖୁଛନ୍ତି।

# ବିକଶିତ କୃଷି ପାଇଁ ମୃତ୍ତିକା ଶୋଧନ ଜରୁରୀ



ରଙ୍ଗେଇଲୁଣ୍ଡା, ୩୧।୫(ସମିସ): ଦେଶର ଆର୍ଥିକ ବିକାଶର ମେରୁଦଣ୍ଡ ଓ ବିକଶିତ କୃଷି ପାଇଁ ଉନ୍ନତ ଶୋଧିତ ମୃତ୍ତିକା ଜରୁରୀ ବୋଲି ଆଜି ଶୀତଳାପଲ୍ଲୀଠାରେ ଅନୁଷ୍ଠିତ କୃଷକ ସଭାରେ ବୈଜ୍ଞାନିକ ଓ ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ସଭାପତିତ୍ୱ କରି କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁରର ମୁଖ୍ୟ ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥ ବୈଜ୍ଞାନିକ ଭିତ୍ତି ଭୂମିରେ ଚାଷ କରି ଆୟ ବୃଦ୍ଧି କରିବା ପାଇଁ ପ୍ରତ୍ୟେକ ଗ୍ରାମରେ ନୂତନ ଜ୍ଞାନ କୌଶଳ ପହଞ୍ଚିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ୨୨୦୦ବୈଜ୍ଞାନିକ ଦଳ ସେଥିପାଇଁ ଦେଶର ସବୁ ଜିଲ୍ଲାର ବ୍ଲକ ଗୁଡ଼ିକୁ ଗସ୍ତ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ସୁମନ୍ତ କୁମାର ମିଶ୍ର ଓ ଯନ୍ତ୍ରୀ ଡ. ବୀର କିଶୋର ସେଠୀ ଜଳ ପରିଚାଳନା ଆଗାମୀ ବର୍ଷ ମାନଙ୍କରେ ସମୃଦ୍ଧ କୃଷିର ମୁଖ୍ୟ ଉପାଦାନ ହେବ ବୋଲି କହିଥିଲେ। କେନ୍ଦ୍ରୀୟ ମଧୁର ଜଳ ଗବେଷଣା ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ, ଡ ଶୈଳେଶ ସୌରଭ ମତ୍ସ୍ୟ, ଚିଙ୍ଗୁଡ଼ି, ମୁକ୍ତା ଚାଷ ଦ୍ୱାରା ଚାଷୀ ଲାଭ ଜନକ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ମିଶନ ପ୍ରଦୀପ ପଟ୍ଟନାୟକ ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ସୁରେଶ ମଲ୍ଲିକ ସରକାରୀ ଯୋଜନା ମାନଙ୍କ ଉପରେ ତଥ୍ୟ ରଖିଥିଲେ। ଶସ୍ୟ ବିଜ୍ଞାନୀ ସସ୍ମିତା ପ୍ରିୟଦର୍ଶିନୀ ଖରିଫ ଫସଲ ପାଇଁ ଉନ୍ନତ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏହି ସଭାରେ ପ୍ରାୟ ତିନିଶହ ମହିଳା ପୁରୁଷ ଚାଷୀ ଯୋଗ ଦେଇଥିବା ବେଳେ ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ଜେନା ସଭା ପରିଚାଳନା କରିଥିଲେ। ଶେଷରେ ବିକଶିତ କୃଷି ସଂକଳ୍ପ ଅଭିଯାନ ରଥ ଗ୍ରାମ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପି କମଳା ରେଡ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

■ ଜିଲ୍ଲାସ୍ତରୀୟ 'ସିଏମ୍ ଟ୍ରଫି' ଫୁଟ୍‌ବଲ୍

# ୪ର୍ଥ ଦିବସରେ ନବରଙ୍ଗପୁର ବିଜୟୀ




ବ୍ରହ୍ମପୁର, ୩୧।୫(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ବର୍ଷୀୟ ଆନ୍ତଃଜିଲ୍ଲା ସିଏମ ଟ୍ରଫି ଫୁଟବଲ ୪ର୍ଥ ଦିନରେ ପହଞ୍ଚିଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ହକି ଖେଳାଳି ରଞ୍ଜନ କୁମାର ସାମଲ ଓ ପୂର୍ବତନ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ ଯୋଗ ଦେଇଥିଲେ। ଶନିବାର କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ନବରଙ୍ଗପୁର(୧-୦) ଗୋଲ କରି କୋରାପୁଟକୁ ପରାସ୍ତ କରିଥିଲା। ନବରଙ୍ଗପୁର ଦଳର ରୁତୁରାଜ ମାଝୀ ମେନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ, ବିଜୟକୁମାର ପଟ୍ଟନାୟକ, ଦୁର୍ଗା ପଟ୍ଟନାୟକ, ତାରିଣୀ ସାମନ୍ତରାୟ, ଡି. ଆପ୍ପା ରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ଏଲ୍. କେ ରାଓ, ଗୋପାଳ ପଣ୍ଡା, ରାଜେନ୍ଦ୍ର ସାହୁ, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର ଓ ରାଜେନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଖେଳାଳି ଯୋଗ ଦେଇଥିଲେ।

# ବାଇକ୍ ଚୋରି ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, ୩୧।୫(ସମିସ): ଗୋପାଳପୁର ପୁଲିସ ଆଜି ବାଇକ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଛତ୍ରପୁର ବଳରାମପୁର ଅଞ୍ଚଳର ବିଶ୍ୱନାଥ ପ୍ରଧାନ। ସୂଚନା ପ୍ରକାରେ ଟାଟା କୋଲାନି ପାତ୍ରପୁର ଗ୍ରାମର ମୋହନ ରଣା ଚଳିତ ମାସ ୧୩ ତାରିଖ ରାତିରେ ସାନକୁଶସ୍ଥଳୀ ଯାତ୍ରା ଦେଖିବାକୁ ବାଇକ (ନଂ.ଓଡ଼ି୦୭ଏଫ-୨୩୯୧)ରେ ଯାଇଥିଲେ। ସ୍କୁଲ ସମ୍ମୁଖରେ ବାଇକ୍ ରଖି ଯାତ୍ରା ଦେଖି ଫେରିବା ଦେଖିବା ବେଳକୁ ବାଇକ ସେହି ସ୍ଥାନରେ ନଥିବାରୁ ଖୋଜା ଖୋଜି କରିଥିଲେ। କିନ୍ତୁ ବାଇକ ନମିଳିବାରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପଥରା ଛକରେ ଚେକିଂ ଚାଲିଥିବା ସମୟରେ ଚୋରି ଗାଡ଼ିକୁ ଜବତ କରି ଅଭିଯୁକ୍ତ ବିଶ୍ୱନାଥକୁ କୋର୍ଟ ଚାଲାଣ କରିବା ସହ ବାଇକ ମାଲିକ ମୋହନ ରଣାକୁ ଚୋରି ବାଇକ ହସ୍ତାନ୍ତର କରିଥିବା ପୁଲିସ କହିଛି।

ବ୍ରହ୍ମପୁର ପୁଲିସକୁ ପୁଣି ସଫଳତା

# ଅପରେସନ 'ଖୋଜ୍'ରେ ୭ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ବ୍ରହ୍ମପୁର, ୩୧।୫(ସମିସ)




ଅପରାଧୀ ଯେତେ ଚତୁର ହୁଅନ୍ତୁ ନା କାହିଁକି ଦିନନେ ନା ଦିନେ ଧରାପଡ଼ିବେ। ଲୋକଙ୍କ ଧନଜୀବନର ସୁରକ୍ଷା ଦାୟିତ୍ୱ ପୁଲିସର। ଏଣୁ ଲୋକେ ପୁଲିସ ଉପରେ ବିଶ୍ୱାସ ରଖନ୍ତୁ ଆଉ ସହଯୋଗ କରନ୍ତୁ। ଜନସାଧାରଣଙ୍କ ଠାରୁ ମିଳୁଥିବା ତଥ୍ୟ ଓ ସୂଚନା ଆଧାରରେ ହିଁ ପୁଲିସକୁ ଅଧିକାଂଶ ମାମଲାରେ ସଫଳତା ମିଳୁଛି। ଏଭଳି କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍। ବ୍ରହ୍ମପୁର ପୁଲିସ ପକ୍ଷରୁ ଜାରି ରହିଥିବା ଅପରେସନ 'ଖୋଜ୍' ଜରିଆରେ ମିଳୁଛି କ୍ରମାଗତ ସଫଳତା। ଉଭୟ ଗୋଷାଣିନୂଆଗାଁ ଓ ବୈଦ୍ୟନାଥପୁର ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରି ମୋଟ ୭ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଲକ୍ଷ୍ମୀନୃସିଂହ ସାହିର ସୁରଜ ପାଢ଼ୀ(୩୯), ଭଞ୍ଜନଗର କୁଲାଡି ଗ୍ରାମର ଗୋବର୍ଦ୍ଧନ ପାତ୍ର(୩୮), ଜଟଣି ଥାନା ଅନ୍ତର୍ଗତ ତିରୁମାଳା ଗ୍ରାମର ସୁମନ୍ତ ପାତ୍ର(ଏଟିଏମ ଲୁଟେରା), ଗୋଷାଣିନୂଆଗାଁ ଶାସ୍ତ୍ରୀନଗରର ସୁନୀଲ କୁମାର ସାହୁ ଓରଫ୍ 'ସାନି'(୩୪) ଏବଂ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହାଡପଡ଼ା ଗ୍ରାମର ରବୀନ୍ଦ୍ର ମହାରଣା(୫୦)ଙ୍କୁ ଗୋଷାଣିନୂଆଗାଁ ଥାନା ଗିରଫ କରିଛି। ସେହିଭଳି ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଜରଡା ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ରଞ୍ଜନ ଗୌଡ(୪୦) ଓ କେ. ନୂଆଗାଁ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ସୁଶୀଲ କୁମାର ପଣ୍ଡା(୪୭)ଙ୍କୁ ଗିରଫ କରାଯାଇଛି। ଗୋଷାଣିନୂଆଗାଁ ଥାନା ପକ୍ଷରୁ ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ସହିତ ୯ଟି ଜୀବନ୍ତ ଗୁଳି, ଗୋଟିଏ ଦେଶୀ ଏୟାର ଗନ୍, ୫ଟି ଅଫୁଟା ବୋମା, ବିଭିନ୍ନ ବ୍ୟାଙ୍କର ୨୨ଟି ଏଟିଏମ କାର୍ଡ ଓ ୬ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେହିଭଳି ବୈଦ୍ୟନାଥପୁର ଥାନା ଦ୍ୱାରା ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୁଲିସ ୩ଟି ପିସ୍ତଲ, ୬ଟି ମାଗାଜିନ୍, ୩୪ରାଉଣ୍ଡ ଗୁଳି, ଗୋଟିଏ ଟିଭିଏସ-୩୦୦ ଗାଡି ଓ ନଗଦ ୧ଲକ୍ଷ ୧୧ହଜାର ୫ଶହ ଟଙ୍କା ଜବତ କରାଯାଇଥିବା ବ୍ରହ୍ମପୁର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ଅପରାଧ ଓ ଅପରାଧୀମୁକ୍ତ କରିବା ଲକ୍ଷ୍ୟରେ ଗତ ଏକମାସ ଧରି ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଅପରେସନ 'ଖୋଜ୍'ରେ ମୁଖ୍ୟତଃ ଦୁର୍ଦ୍ଧାନ୍ତ ଅପରାଧିଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରେ ଗଚ୍ଛିତ ଥିବା ମାରଣାସ୍ତ୍ରକୁ ଜବତ କରିବା ଲକ୍ଷ୍ୟ ରଖାଯାଇଛି। ଏହି ଅପରେସନରେ ୨ଟି ପର୍ଯ୍ୟାୟରେ ବିଭିନ୍ନ ଥାନାକୁ ମିଳିଛି ବଡ଼ ସଫଳତା। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏସ୍‌ପି ସର୍ବଣା ବିବେକଙ୍କ ନିର୍ଦ୍ଦେଶ କ୍ରମେ ଜାରି ରହିଥିବା ଅପରେସନ 'ଖୋଜ୍'ରେ ବିଭିନ୍ନ ଥାନା ପକ୍ଷରୁ ମୋଟ ୨୦ଜଣ ଦୁର୍ଦ୍ଧାନ୍ତ ଅପରାଧି ଗିରଫ ହୋଇସାରିଛନ୍ତି। ସେହିଭଳି ଗିରଫ ଅପରାଧିଙ୍କ ଠାରୁ ୧୧ଟି ପିସ୍ତଲ, ୬ଟି ମାଗାଜିନ୍, ୫୨ଟି ଗୁଳି ସମେତ ବହୁ ଧାରୁଆ ମାରଣାସ୍ତ୍ର ଓ ବୋମା ଜବତ ହୋଇପାରିଛି। ବ୍ରହ୍ମପୁର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପିଙ୍କ ସମେତ ଟାଉନ ଏସଡିପିଓ ପ୍ରିୟରଞ୍ଜନ ଛୋଟରାୟ, ଗୋଷାଣିନୂଆଗାଁ ଇନ୍ସପେକ୍ଟର ସ୍ମୃତିପ୍ରଭା ପ୍ରଧାନ ଓ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏହି ଅପରେସନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି।

- ୪ ପିସ୍ତଲ, ୬ ମାଗାଜିନ୍, ୪୩ ଗୁଳି, ୫ ବୋମା ଓ ଲକ୍ଷାଧିକ ଟଙ୍କା ଜବତ
- 'ଖୋଜ୍'ରେ ବର୍ତ୍ତମାନ ସୁଦ୍ଧା ୨୦ଅପରାଧୀ ଗିରଫ, ୧୧ଟି ପିସ୍ତଲ ଓ ୫୨ରାଉଣ୍ଡ ଗୁଳି ଜବତ
- ଅପରାଧୀଙ୍କୁ ମିଳିବନି ନିସ୍ତାର, ଜାରି ରହିବ ଅପରେସନ 'ଖୋଜ୍': ଏସ୍‌ପି

# 'ସେନାପତି ଗ୍ୟାଙ୍ଗ୍' ମୁଖ୍ୟ ଜୁଲିର ୨ଟି ଜାମିନ ଆବେଦନ ଖାରଜ

ବ୍ରହ୍ମପୁର, ୩୧।୫(ସମିସ): ଲୋକଙ୍କ ଝଗଡ଼ାର ସମାଧାନ କରିବା ଆଳରେ ମଧ୍ୟସ୍ଥି ସାଜି ଟଙ୍କା ଆଦାୟ କରିବା, ବନ୍ଧୁକ ସହ ଦଳବଳ ଧରି ଲୋକଙ୍କ ଘରେ ପଶି ଘର ଖାଲି କରିବାକୁ ଧମକାଇବା ଅଭିଯୋଗରେ ଟାଉନ ଥାନା ପୁଲିସ ସେନାପତି ଗ୍ୟାଙ୍ଗର ମୁଖ୍ୟ ତଥା ଭାପୁରବଜାର ଆକୁଳ ସାହିର ଜୁଲି ସେନାପତି ଓରଫ ରତିକାନ୍ତ ସେନାପତି(୪୫)କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରେ ପୁଲିସ ଆଉ ୨ଟି ମମାଲା ଜୁଲିଙ୍କ ନାମରେ ଯୋଡି ରିମାଣ୍ଡ ଦେଇଥିଲା। ଦୁଇଦିନ ପୂର୍ବେ ଗୋଟିଏ ମାମଲାରେ ଏସ୍‌ଡିଜେଏମ କୋର୍ଟ ତାଙ୍କ ଜାମିନ ଆବେଦନକୁ ମଞ୍ଜୁରୀ ଦେଇଥିବା ବେଳେ ବର୍ତ୍ତମାନ ଜୁଲିଙ୍କ ବିରୁଦ୍ଧରେ ଥିବା ଅନ୍ୟଦୁଇଟି ମାମଲାରେ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ଜଣାପଡ଼ିଛି। ଟାଉନ ଥାନା ଅନ୍ତର୍ଗତ ଅର୍ବାନବ୍ୟାଙ୍କ ରୋଡ ସ୍ଥିତ ରାଜକମଲ ଏଜେନ୍ସି ଦୋକାନକୁ ନେଇ ଗୃହମାଲିକ ଇ. ଦ୍ୱାରିକାନାଥ ଓ ଦୋକାନୀ ତଥା ରାଜକମଲ ଏଜେନ୍ସିର ମାଲିକ ପି. ରାଜା ପ୍ରଭାକର ରାଓଙ୍କ ମଧ୍ୟରେ ଲାଗିରହିଥିବା ବିବାଦକୁ ନେଇ ଉଭୟପକ୍ଷ ମଧ୍ୟରେ ଏକାଧିକ ମାମଲା ଥାନାରେ ଓ କୋର୍ଟରେ ଚାଲୁ ରହିଛି। ଏହି ମାମଲାରେ ରତିକାନ୍ତ ସେନାପତି ଓରଫ୍ ଜୁଲି ଓ ତାର ସହଯୋଗୀମାନେ ପ୍ରବେଶ କରିଥିଲେ। ଗତ ୧୭ ତାରିଖରେ ବିବାଦୀୟ ରାଜକମଲ ଏଜେନ୍ସିରେ ଗଚ୍ଛିତ ଥିବା ବିଭିନ୍ନ ସାମଗ୍ରୀକୁ ଗୃହମାଲିକ, ରତିକାନ୍ତ ଓ ତାଙ୍କ ସହଯୋଗୀଙ୍କ ଉପସ୍ଥିତିରେ ଅନ୍ୟତ୍ର ନେଇଯାଇଥଇବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦ କରିବାରୁ ଦୋକାନୀ ମାଲିକ ତଥା ଅଭିଯୋଗକାରୀ ରାଜା ପ୍ରଭାକର ରାଓଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ୩୦ଲକ୍ଷ ଟଙ୍କା ଦାବି କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ୧୮୮/୨୫ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଜୁଲିକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ଏ. କିରଣ କୁମାର(୫୪)ଙ୍କ ବଡବଜାର ଅଞ୍ଚଳରେ ଏକ ଦୋକାନ ଓ ଘର ରହିଛି। ପ୍ରାୟ ୮କୋଟି ଟଙ୍କା ମୂଲ୍ୟର ସମ୍ପତି ଭାଗବଣ୍ଟାକୁ ନେଇ ତାଙ୍କ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରେ ମଧ୍ୟସ୍ଥି ସାଜି ଉକ୍ତ ମାମଲାରେ ରତିକାନ୍ତ ସେନାପତି ଓ ତାଙ୍କର ୧୦ରୁ ୧୫ଜଣ ଗୁଣ୍ଡା କିରଣଙ୍କ ଘରକୁ ଯାଇ ଘର ଛାଡିବାକୁ ବାଧ କରିଥିଲେ। ଏପରିକି ୫ଲକ୍ଷ ଟଙ୍କା ନେଇ ଘରଛାଡି ଚାଲି ଯିବାକୁ କିରଣଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନହେବା ପରେ ପୁଣି ସେ ଘଟଣାକୁ ନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ପୁଲିସ ଜୁଲିଙ୍କୁ ରିମାଣ୍ଡରେ ନେଇଥିଲା। ଅନୁରୂପ ଭାବେ ଦେଶୀବେହେରା ସାହି ନିବାସୀ ପ୍ରମୋଦ ଚନ୍ଦ୍ର ରଥଙ୍କ ଜମିକୁ ବଳପୂର୍ବକ ହଡ଼ପ କରିନେବାର ଧମକ ଦେଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। କୋର୍ଟ ଏହି ମାମଲାରେ ଅଭିଯୁକ୍ତ ଜୁଲିଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିବା ଜଣାପଡ଼ିଛି।

# କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ




ବ୍ରହ୍ମପୁର, ୩୧।୫(ସମିସ): ସ୍ଥାନୀୟ ବ୍ରହ୍ମା ନଗର ୧ମ ସରଣୀରେ କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ଏ ଅବସରରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼. ଦେବାନନ୍ଦ ଦାଶଙ୍କ ଅଧକ୍ଷତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ବିଇଏମସି ପୂର୍ବତନ ମେୟର ଶିବ ଶଙ୍କର ଦାସ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡା. ପ୍ରୀୟଜୀତ ଜେନା, ଡା. ବୀରେନ ପଲେଇ, ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସାମନ୍ତରାୟ ଏକାଡେମିର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, ୱାନ ଷ୍ଟେପ ସେଣ୍ଟରର ନିର୍ଦ୍ଦେଶିକା ମହେଶ୍ୱେତା ପାଢ଼ୀ ଓ ସମାଜସେବୀ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ତମାଖୁ ସେବନର ଭୟାବହତା ବିଷୟରେ ଅଲୋକପାନ କରିଥିଲେ। କ୍ରାନ୍ତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସହରର ବିଭିନ୍ନ ଅନୁଷ୍ଠାର ଛାତ୍ରଛାତ୍ରୀଙ୍କୁ ନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରୁ ଏକ ସଚେତନତା ପଦଯାତ୍ରା ବାହାରି ସହରର ବହୁ ସ୍ଥାନ ବୁଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଚର୍ଚ୍ଚିକା ଦାଶ, ସିଗ୍ଧାଧା ମହାରଣା, ଅନିଲ କୁମାର ସେଠୀ, ପରମାନନ୍ଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିବ ବିବାହ; ଚଳଚଞ୍ଚଳ ଶୈବପୀଠ

ବ୍ରହ୍ମପୁର, ୩୧।୫(ସମିସ): ବ୍ରହ୍ମପୁର ସହରର ବିଭିନ୍ନ ଶୈବ ପୀଠ ମାନଙ୍କରେ ପ୍ରଭୁ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ଆମ୍ବପୁଆ ନୂଆସାହି ସ୍ଥିତ ହରଗୌରୀ ମନ୍ଦିରରେ ହରଗୌରୀଙ୍କ ବିବାହ ଓ ମହୋତ୍ସବ ଅନୁଷ୍ଠିତ ହୋଇଛି। ସକାଳେ ଗୌରୀଙ୍କୁ ସ୍ୱତନ୍ତ୍ର ବୀମାନରେ ଗ୍ରାମ ପରିକ୍ରମା କରାଯାଇ କନ୍ୟା ପିତାଙ୍କ ଘରକୁ ନିଆଯାଇଥିଲା। ସେଠାରେ ମା'ଙ୍କୁ କନ୍ୟାପିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଘରେ ରଖାଯାଇଥିଲା। ସନ୍ଧ୍ୟାରେ ହରଗୌରୀ ଦୁହେଁଙ୍କୁ ଦୁହେଁଙ୍କୁ ବାଜାବାଜଣା ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବିରାଟ ଶୋଭାଯାତ୍ରାରେ ସ୍ୱତନ୍ତ୍ର ବୀମାନରେ ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିବାପରେ ବାଟବରଣ କରାଯାଇ ବିବାହ ବେଦିକୁ ନିଆଯାଇଥିଲା।

## ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା

ବ୍ରହ୍ମପୁର, ୩୧।୫(ସମିସ): ହରିହର ଭେଟ ମନ୍ଦିର ସେବା ସଂଘ ସଭ୍ୟମାନେ ବିଶ୍ୱ ତମାଖୁ ବର୍ଜନ ଦିବସରେ ନୀଳକଣ୍ଠନଗରଠାରୁ ପଦଯାତ୍ରାରେ ବାହାରି ଆମ୍ବ ମାର୍କେଟ, ରାଜାରାଣୀ ମନ୍ଦିର ଯାଏଁ ନିଶାଦ୍ରବ୍ୟର ଅପକାରିତା ସମ୍ବନ୍ଧରେ ବାର୍ତ୍ତା ଦେଇ ଭ୍ରମଣ କରିଥିଲେ। ବରିଷ୍ଠ ଡାକ୍ତର ନକୁଳ ସାହୁ ନିଶାଦ୍ରବ୍ୟ ଦ୍ୱାରା କ୍ୟାନସର୍, ଯକ୍ଷ୍ମା, ହୃଦରୋଗ, ବୃକକ୍ ରୋଗ, ଶ୍ୱାସ, କାଶ, ଆଦି ରୋଗ ଓ ପରିବାର, ପରିବେଶ ବିପର୍ଯ୍ୟସ୍ତ ହେଉଛି ଏହାକୁ ଛାଡ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସାମାଜସେବୀ ଡି ଶ୍ରୀନିବାସ, ଗଣେଶ୍ୱର ପ୍ରସାଦ ପରିଛା, ଭଗବାନ ପ୍ରସାଦ ପରିଛା, ଦୁର୍ଗା ପ୍ରସାଦ ପରିଛା, ଶ୍ରୀବତ୍ସ ପ୍ରଧାନ, ଜୀ. ଗାନ୍ଧୀ, ସହଯୋଗ କରିଥିଲେ।

## ଶିକ୍ଷାବିତ୍ ଡ. ଭରତ ପଣ୍ଡାଙ୍କ ବିୟୋଗ

ବ୍ରହ୍ମପୁର, ୩୧।୫(ସମିସ): ବୟୋଜ୍ୟେଷ୍ଠ ଶିକ୍ଷାବିତ, ସାରସ୍ୱତ ସାଧକ, ଆଦର୍ଶ ଶିକ୍ଷକ ତଥା ମହେନ୍ଦ୍ରଗିରି ପର୍ବତ ସମ୍ପର୍କିତ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରି ଡକ୍ଟରେଟ ହାସଲ କରିଥିବା ପାରଳା ମାଟିର ଗର୍ବ ଓ ଗୌରବ ବିଶିଷ୍ଟ ଶିକ୍ଷାବିତ ଡଃ ଭରତ ପଣ୍ଡାଙ୍କର ଦେହାନ୍ତ ଘଟିଛି। ଶନିବାର ଅପରାହ୍ନ ୩ଟା ୪୫ମିନିଟ ସମୟରେ ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀ ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ୮୮ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତ ପଣ୍ଡା ଗଜପତି ଜିଲ୍ଲା



ଗୋଷାଣି ବ୍ଲକ ଲାବାଣ୍ୟଗଡ଼ ଗ୍ରାମରେ ୧୯୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଶେଷଦର୍ଶନ ପାଇଁ ସ୍ଥାନୀୟ ନୀଳାଚଳନଗର ସପ୍ତମ ଲାଇନ ସ୍ଥିତ ନିଜ ବାସଭବନରେ ବହୁ ବୁଦ୍ଧିଜୀବୀ, ଅଞ୍ଚଳବାସୀଙ୍କ ସମେତ ଗଜପତି ଜିଲ୍ଲା ନାଗରିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷଶଯ୍ୟା ନିକଟରେ ସ୍ୱର୍ଗତ ପଣ୍ଡାଙ୍କର ୪ପୁତ୍ର ବ୍ରଜସୁନ୍ଦର ପଣ୍ଡା, ଶିବଶଙ୍କର ପଣ୍ଡା, ନୃସିଂହ ପ୍ରସାଦ ପଣ୍ଡା ଓ ବାଳମୁକୁନ୍ଦ ପଣ୍ଡାଙ୍କ ସମେତ ବୋହୁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଅନ୍ୟତମ ପୁତ୍ର କୃତିବାସ ପଣ୍ଡା ଲଣ୍ଡନରେ ଅବସ୍ଥାପିତ। ସ୍ୱର୍ଗତ ପଣ୍ଡା ଗଜପତି ଜିଲ୍ଲାର ଲାବଣ୍ୟଗଡ଼ର ଜଣେ ମୂଳବାସିନ୍ଦା ଅଟନ୍ତି। ତାଙ୍କର ଶେଷଇଚ୍ଛା ପ୍ରକାରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟି କରାଯିବ ବୋଲି ପରିବାର ବର୍ଗଙ୍କ ପକ୍ଷରୁ କୁହାଯାଇଛି।

ଦକ୍ଷିଣ ଓଡ଼ିଶା ରେଳ ଯାତ୍ରୀଙ୍କ ଦୁଃଖ...

# ଅଣଓସାରିଆ ପ୍ଲାଟ୍‌ଫର୍ମ; ଗଡୁନି ବ୍ୟାଟେରି ଗାଡ଼ି

ବ୍ରହ୍ମପୁର, ୩୧।୫(ସମିସ)



ଦକ୍ଷିଣ ଓଡ଼ିଶାର ପ୍ରମୁଖ ରେଳ ଷ୍ଟେସନ ହେଉଛି ବ୍ରହ୍ମପୁର। ପ୍ରତିଦିନ ଗଞ୍ଜାମ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାବାସୀ ଏହି ଷ୍ଟେସନ ଦେଇ ଦେଶର ବିଭିନ୍ନ ସ୍ଥାନକୁ ଯାତ୍ର କରିଥାନ୍ତି। ଯାତ୍ରୀଙ୍କ ସୁବିଧା ନିମନ୍ତେ ରେଳ ବିଭାଗ ପକ୍ଷରୁ ବରିଷ୍ଠ ନାଗରୀକ ଓ ଗର୍ଭବତୀ ମହିଳାଙ୍କୁ ନିମନ୍ତେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ଏକ ପ୍ଲାଟଫର୍ମ କିମ୍ବା ପ୍ଲାଟଫର୍ମର ଗୋଟିଏରୁ ସ୍ଥାନରୁ ଅନ୍ୟତ୍ର ଯାତାୟତ ଲାଗି ବ୍ୟାଟେରି ଗାଡ଼ିର ବ୍ୟବସ୍ଥା କରାଯାଇଛି। କିନ୍ତୁ ବ୍ରହ୍ମପୁର ରେଳ ଷ୍ଟେସନକୁ ଗୋଟିଏ ବ୍ୟାଟେରି ଗାଡ଼ି ପ୍ରଦାନ କରାଯାଇଥିବା ବେଳେ ତାହା ଅଚଳ ହୋଇ ପଡ଼ିଛି। ଷ୍ଟେସନର ପ୍ଲାଟଫର୍ମ ଅଣ ଓସାରିଆ କାରଣରୁ ବ୍ୟାଟେରି ଗାଡ଼ି ଚଳାଚଳ କରିବାରେ ସମସ୍ୟା ହେଉଛି। ବ୍ରହ୍ମପୁର ରେଳ ଷ୍ଟେନ ଦେଇ ପ୍ରତିଦିନ ୬୦ରୁ ଅଧିକ ଟ୍ରେନ ଦେଶର ବିଭିନ୍ନ ସ୍ଥାନକୁ ଯାତାୟତ କରୁଛି। ଉକ୍ତ ଟ୍ରେନରେ ହଜାର ହଜାର ଯାତ୍ରୀ ବିଭିନ୍ନ କାର୍ଯ୍ୟରେ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି। ଉକ୍ତ ଯାତ୍ରୀଙ୍କୁ ମଧ୍ୟରେ ବିଭିନ୍ନ ସମୟରେ ବହୁ ବରିଷ୍ଠ ନାଗରିକ ଓ ଗର୍ଭବତୀ ମହିଳା ରହିଥାନ୍ତି। ଷ୍ଟେସନରେ ଲମ୍ବା ଲମ୍ବା ପ୍ଲାଟଫର୍ମ ରହିଥିବା ବେଳେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପାଦରେ ଚାଲିଯିବା ବରିଷ୍ଠ ନାଗରିକ ଓ ଗର୍ଭବତୀ ମହିଳା ପକ୍ଷରେ କଷ୍ଟକର ହୋଇଥାଏ। ଏଭଳି ବ୍ୟକ୍ତିଙ୍କ ଯାତ୍ରା ସୁବିଧା କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ ପ୍ଲାଟଫର୍ମରେ ବ୍ୟାଟେରୀ ଗାଡ଼ିର ସୁବିଧା ରହିଥିବା ବେଳେ ତାହା ଦକ୍ଷିଣ ଓଡ଼ିଶା ଯାତ୍ରୀମାନେ ବଞ୍ଚିତ ହେଉଛନ୍ତି। ବ୍ୟାଟେରୀ ଗାଡ଼ି ଅଚଳ କାରଣରୁ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟଏକ ପ୍ଲାଟଫର୍ମରୁ ନିଜ ସାମଗ୍ରୀ ନେଇ ଯିବା ବଡ଼ କଷ୍ଟକର ହୋଇପଡ଼ିଛି। ଅନ୍ୟପକ୍ଷରେ ଅଣଓସାରିଆ କାରଣରୁ ପ୍ଲାଟଫର୍ମ ବ୍ୟାଟେରୀ ଗାଡ଼ି ଚାଲିବା ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଶତାଧିକ ଯାତ୍ରୀଙ୍କ ଯାତାୟତରେ ସମସ୍ୟା ରହୁଛି। ଉକ୍ତ ବ୍ୟାଟେରୀ ଗାଡି ଚାଳାଚଳ ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ଲାଟଫର୍ମରେ ବ୍ୟାଟେରୀ ଗାଡ଼ି ଚଳାଇବା ସମସ୍ୟା ହୋବାରୁ ସଂସ୍ଥା ପରିଚାଳନା ଦାୟିତ୍ୱରୁ ଓହରି ଯାଇଥିବା ଷ୍ଟେସନମାଷ୍ଟର ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି। ଅପରପକ୍ଷରେ ଦୀର୍ଘ ଏକ ବର୍ଷ ହେବ ବ୍ରହ୍ମପୁର ଷ୍ଟେସନରେ ଏଭଳି ସମସ୍ୟା ରହିଥିବା କେଳେ ବରିଷ୍ଠ ନାଗରିକ ଓ ଗର୍ଭବତୀ ମହିଳାଙ୍କୁ ନିମନ୍ତେ ସ୍ଥାୟୀ ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

F. No.: RECT-11015/1/2023-RECU SEC/1217 Date: 30.05.2025

**WALK-IN-INTERVIEW**

The **All India Institute of Medical Sciences (AIIMS), Bhubaneswar** invites eligible candidates for a **Walk-In Interview** for the following **Non-Faculty Post** on a **Contractual Basis** for **11 months** or until alternative arrangement is made, whichever is earlier, as per the following Schedule:

| Sl. No. | Name of the Post | Qualification/ Experience | No. of Post | Age Limit | Monthly Emoluments | Date of Interview |
|---|---|---|---|---|---|---|
| 01 | Medical Physicist (Nuclear Medicine) | 1. M.Sc. Nuclear Medicine Technology from a recognized University/ Institution<br>**Desirable**<br>1. RSO Level-II certification recognized by AERB<br>2. Ph.D. in Nuclear Medicine | 02 | 21-35 years | ₹ 86,955/- | 09/06/2025 |

| | |
|---|---|
| Reporting Time: | 10:00 A.M. to 10:30 A.M. |
| Venue for Reporting: | Room No.: 331, Recruitment Cell, 3rd Floor, Academic Block, AIIMS Bhubaneswar, Sijua, Post: Dumuduma, Bhubaneswar, Odisha- 751019 |

2. In view of the above, Candidates fulfilling the eligibility criteria may report for the **Walk-In Interview by 10:00 AM** on the scheduled date at the above designated venue, bringing their original certificates, testimonials, and other necessary documents for verification. **The candidates who report after 10.30 AM will not be considered.**

Sd/-
Senior Administrative Officer,
AIIMS, Bhubaneswar

ସୃଜନିକା

ସକାଳ
THE SAKALA
www.sakalaepaper.com

# ନଈ, ପ୍ରେମ ପାଇଁ ନାଁ'ଟିଏ



କାଶୀନାଥ ନନ୍ଦୀ



ମୁଁ ଆଜିର ଦିନରେ ଅଛି। ମୋ ଦିନସବୁ ସରି ସରି ଯାଉଛି। ଏଇ ବେଳକାଳ ମତେ କାହିଁକି କେଜାଣି ଭଲ ଲାଗୁ ନାହିଁ। ମୋ ଦେହଜୀବନ ସିନା ଏବେ ବର୍ତ୍ତମାନ କାଳରେ, ହେଲେ ମନ ସବୁବେଳେ ପଛକୁ ପଛକୁ ଚାଲି ଯାଉଛି ଆପେ ଆପେ। ଅନେକ ପଛକୁ ରହିଗଲା ସେଇ ଦିନସବୁ, ଯୋଉଠି ମୋ ବୋଉ ଓ ଆମେ ଥିଲୁ। ଆମର ଭଲ ଦିନସବୁ ଥିଲା। ବସିଥିଲେ ମୁଁ ମୋ ବୋଉକୁ ମନେ ପକାଏ। ମୋ ବୋଉର ପ୍ରିୟ ତା' ନଈକୁ ମନେ ପକାଏ। ଆମ ମାଟିଘର, ମାଟିହାଣ୍ଡିରେ ଭାତ, ଗହିରିଆ ପଲମରେ ପିଠା, ଗୁଆଘିଅ, ପାଣିଆ ହାଣ୍ଡିଗୁଡ଼ କଥା ମନେପଡ଼େ। ତାଆରି ଭିତରେ ଆମ ଜୀବନର କେତେ ଦୁଃଖ ସୁଖର କଥା । ମନକୁ ସେ ସବୁ ଆସିଗଲେ ମୋ ଭିତରେ ଦୁଃଖ ଆସେ ନା। ଖୁସି ବି ଆସେନା। ଗୋଟେ ନୀରବତା ଥାଏ ମନରେ। ଶାନ୍ତ ଥାଏ ମୋ ଶୀତଳ ମନ। ଲାଗୁଥାଏ ମୁଁ ମୁଠେଇ ଧରିଛି ସେଇ ଦିନସବୁକୁ। - ବୋଉ ଜଳିଗଲା। ପାଉଁଶ ହେଇ ଯାଇଥିବା ତା' ଦେହକୁ ମୁଁ ସେଇ ନଦୀରେ ବାହି ଦେଲି। ତା'ର ଏକାନ୍ତ ଇଚ୍ଛା ଥିଲା ସେଇଆ। ସେ କହିଥିଲା, "ବାବାରେ, ମୁଁ ମରିଗଲେ ମୋର ମୁଠେ ପାଉଁଶ ଏଇ ନଈକୁ ଦେବୁ। ଇଏ ହିଁ ମୋ ମା' କୋଳ। ମୁଁ ଏଇଠି ଶୀତଳ ହେଉଥିବି, ଶାନ୍ତ ହେଉ ଥିବି। ମୋ ଘରେ ମୁଁ ଥିବି।"

ବୋଉର ଏଇ ଇଚ୍ଛା ଏତେ ଶେଷକୁ ଜାଣିବା ଆଗରୁ ମୋ ବୋଉର ଏ ନଈ ମୋ ପ୍ରେମିକା ଥିଲା। ଦିନବେଳେ ସେ ଫୁଲେଇ ଟୋକୀ। ନୀରବ ରାତିରେ ସେ କୂଳବଧୂ। - ସେମିତି ଶୀତଳ, ସେମିତି ଧୀର ଛଳଛଳ। ମୁଁ ଛୁଇଁ ପାରେ ତାକୁ। ସେ ଧୀର ସ୍ୱର ରଖିଥାଏ ନୀରବ ରାତିରେ। ଯେମିତି ସେ ଗୁଣୁଗୁଣୁ ହେଇ ଗୀତ ଗାଉଛି। ମୁଁ ଜହ୍ନ ଆଲୁଅରେ ତାକୁ ଦେଖୁଥାଏ। ଗୋଟେ ରୂପ ଥାଏ ତା'ର। ମୁଁ ତା ରୂପରେ, ସ୍ୱରରେ ମୋହି ଯାଇଥାଏ। ଆଉ ବେଳ ଆସେ ତା'କୁ ମୋ କଥା କହିବାକୁ। ତେବେ କହୁଥାଏ, ପୁଣି କହି ପାରୁ ନ ଥାଏ। ତା' କେତେ ସମୟ ପରେ ମୁଁ ଉଠିଯାଏ ତା' ପାଖରୁ ଓ ସେଇ ସମୟ ଉପରୁ। ତା' ମଙ୍ଗଳମୟ ପ୍ରେମରୁ ବାହାରି ମୁଁ ପୁଣି ଏକୁଟିଆ ହେଉ ଥାଏ। ଫେରିଯାଉ ଥାଏ, ମତେ ଲାଗେ ମୁଁ ଯେମିତି ଗୋଟେ ଶୂନ୍ୟତା ଆଡ଼କୁ ପଶି ଯାଉଛି। ମୋର ହେଇ ଯେମିତି ଆଉ କେହି ନାହିଁ। ଅଥଚ କେମିତି କେଜାଣି ମୋ ମନ ପଛମୁହାଁ ହୁଏ। ପଛକୁ ଅନାଏ। ମତେ ଲାଗେ କିଏ ଯେମିତି ମତେ ସେଇଠୁ ଥାଇ ଅନେଇ ରହିଛି। ମତେ ଦେଖା ଯାଉଥାଏ, ସେଇଠି ଛାଇଟିଏ ଠିଆ ହେଇଛି। ସେଇ ଛାଇରେ ଝିଅଟିଏ ଠିଆ ହେଇଛି। ମତେ ଅନେଇ ରହିଛି। ହୁଏତ ହସୁଛି। ମୁଁ କିଛି ଗୋଟେ ପାଇଲା ପରି ଲାଗେ। ପୁଣି କିଛି ଗୋଟେ ହରେଇ ଦେଲା ପରି ଲାଗେ। ଲାଗେ ମୁଁ ଭ୍ରମରେ ଅଛି। ଲାଗେ ମୁଁ ସତରେ ଅଛି। ଲାଗେ ମୁଁ ଦୃଶ୍ୟରେ ଅଛି। ପୁଣି ଅଦୃଶ୍ୟରେ ଅଛି।

ପୁଣି ଥର ଥର କି ଯାଉଥାଏ ସେଇ ନଈ କୂଳକୁ। ତା' ପାଖ ସେଇ ବୁଦାମୂଳକୁ। ଖୁସି ଥାଉ, ଦୁଃଖ ଥାଉ, ମୁଁ ତା'ର ହେଇଗଲେ ମତେ ତୃପ୍ତ ଲାଗେ ମୋ ଜୀବନ। ସେଇଠି ଯେତେ ଯାହା ମୋର ହେଇ ଘଟଣା, ଯେତେ ଯାହା ମୋର ହେଇ ଜୀବନ ମୋ ଦେହ ତଳେ କୋଉଠି ଗୋଟେ ଲୁଚିଯାଏ।

ଏଇ ନଈ, ଏଇ ମୋ ପ୍ରେମିକା, ମୋ ବୋଉର ମାଆ। ତା' ଶେଷ ସମୟକୁ, ମୋ ବୋଉର ଜୀବନ ଯିବା ବେଳକୁ ମୁଁ ଜାଣିଲି ଏ କଥା। ଏଇ ନଈ ସେଇଠୁ ମୋ ଆଈ। ପୁଣି ସେ ମୋ ପ୍ରେମିକା। ମୁଁ ଆଜି ମୋ ଆଈ କୋଳରେ, ମୋ ପ୍ରେମିକାର କୂଳରେ କେତେ ଦିନ ପରେ ବସିଛି। କେତେବେଳ ହେଇ ଗଲାଣି କେଜାଣି ! ଏତିକି ବେଳେ ମୋ ପୁଅ ଆସିଲା ମୋ ପାଖକୁ। ତାକୁ ଦେଖିଲି ତ ମୋ ମଗ୍ନମନ ଭାଙ୍ଗିଗଲା। ମୁଁ କି ଗୋଟେ ଆଲିଙ୍ଗନର ମୁହୂର୍ତ୍ତଠାରୁ ଉଠିଗଲି।

"ବାପା...।" ପୁଅର ସ୍ୱରରେ ଭୟ। କିଛି ଗୋଟେ ଯେମିତି ହେଇ ଯାଇଛି।

ଆମ ମଗ୍ନ-ପ୍ରେମ ଭିତରକୁ ପୁଅର ଡାକ ପଶିଗଲା। ଭାଙ୍ଗିଦେଲା ମତେ, ମୋ ନଈକୁ ଓ ଆମ ପ୍ରମିଳ ମୁହୂର୍ତ୍ତକୁ। ମୁଁ ପୁଅ ଆଡ଼କୁ ଚାହିଁଲି। ଦେଖିଲି ତା' ଆଖିରେ ଲୁହ। ତା' ଭୟ ଉପର ଦେଇ ସେଇ ଲୁହ ଗଡ଼ି ଆସୁଥିଲା, "ବାପା, ତମ ଦେହ ଏତେ ଖରାପ, ଅଥଚ ତମେ ଏଠି ? ଏଠିକୁ ଆସିପାରିଲ କିପରି ?"

ମୋ ହୋସ୍ ପଶିଗଲା, ଆରେ, ମୁଁ ଏଠିକୁ ଆସିଲି କେମିତି...? ସାହାରା ନ ନେଲେ ମୁଁ ତ ଚାଲି ପାରେ ନା ପାଦେ !

ମୋ ଆଖି ପୁଅଠୁ ଉଠି ନଈ ଉପରକୁ ଚାଲି ଗଲା। ନଈରେ ଜହ୍ନ। ନଈରେ ନଈର ମୁହଁ। ସେଇଠି ତା' ଆଖି। ସେଇଠି ତା' ହସ।

ତା' ମୋର କୋଉ ଅବସ୍ଥା ମୁଁ କହି ପାରିବି ନାହିଁ। ସେଇଠି ମୋ ମନ ମତେ କ'ଣ କହିଲା, ମୁଁ ଜାଣି ପାରୁ ନାହିଁ; ପାଦ ଉଠାଇଲି ମୋ ନଈକୁ ପଶି ଯିବାକୁ। ଅଥଚ ଆଉ ଉଠି ପାରିଲି ନାହିଁ। ମୁଁ ସେତେବେଳକୁ ସତ ହେଇ ଯାଇଥିଲି କି କ'ଣ ଜାଣି ପାରୁ ନ ଥିଲି। ମୁଁ କି ଗୋଟେ ସ୍ୱପ୍ନର ଉହାଡ଼ରୁ ଗୋଟେ ସକାଳରେ ପହଞ୍ଚିଲି ଯାଉଥିଲି।

ପୁଅ ଏଥର ମୋ ହାତ ଧରିଲା। ମତେ ଉଠାଇଲା। ଏଇଠି ମୁଁ ଆତୁର ହେଇ ପୁଅକୁ କହିଲି, "ବାବାରେ ...ମୁଁ ମରିଗଲେ, ମତେ ଏଇଠି ପୋଡ଼ିବୁ। ମୋ ପାଉଁଶରୁ ମୁଠେ ଏଇ ପାଣିରେ ଦେବୁ।"


ତା'ପରେ ମୋ ତୁଣ୍ଡରେ ଆଉ କଥା ନାହିଁ। ମୋ ପୁଅକୁ ତାହା ହିଁ ଥିଲା ମୋ ଶେଷ କଥା। ତାପରେ ମୋ କଥା ସଂସାରରେ ଆଉ କିଏ ବି ଶୁଣି ନାହିଁ। ମୋ ପଡ଼ିଯିବା ପାଟି ଆଉ ଫିଟି ନାହିଁ। ଅଥଚ ସବୁ ଦିନରେ, ସବୁ ରାତିରେ ମୁଁ କଥା ହୁଏ ମୋ ନଈ ସାଙ୍ଗେ। ମୋ ନଈ ମୋ କଥା ଶୁଣୁ ଥାଏ। କୁଳୁ କୁଳୁ ବହୁଥାଏ। ■

ସି/ ୯୩, ସେକ୍ଟର-୪
ରାଉରକେଲା-୨
ମୋ: ୯୮୬୧୭୫୫୩୫୭

# ପୁସ୍ତକ ପରିଚୟ

## ମୁକ୍ତିକାମୀ ମୋହିନୀ ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୁପୁତ୍ର ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକରେ ମୋହିନୀ ମୋହନଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ସାଧନା, ସାରସ୍ୱତ କୃତି ଆଦି ସଂପର୍କରେ ଲେଖକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ମୋହିନୀ ମୋହନ ସେନାପତିଙ୍କ ସାହିତ୍ୟ ସାଧନାର ପ୍ରେରଣା', 'ଗଦ୍ୟଶିଳ୍ପୀ ମୋହିନୀ ମୋହନ', 'ମୋହିନୀ ମୋହନଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ : ପରିବର୍ତ୍ତନର ଆହ୍ୱାନ', 'ମୋହିନୀ ମୋହନଙ୍କ ବନ୍ଧନ- ମୁକ୍ତ ସମାଜର ପରିକଳ୍ପନା', 'ବିବାହ–ସଂସ୍କାର ସପକ୍ଷରେ ମୋହିନୀ ମୋହନ', 'ଆଧୁନିକତା ଓ ମୋହିନୀ ମୋହନ-ମାନସ', 'ଫକୀରମୋହନଙ୍କ ଆତ୍ମଚରିତର ପ୍ରକାଶକ ମୋହିନୀ ମୋହନ' ଆଦି ପ୍ରବନ୍ଧଗୁଡ଼ିକରେ ମୋହିନୀମୋହନଙ୍କ ସାହିତ୍ୟ ସାଧନା, ସାହିତ୍ୟ-ଜୀବନ- ଜଗତ ପ୍ରତି ଦୃଷ୍ଟିଭଙ୍ଗୀ, ବ୍ୟକ୍ତିତ୍ୱର ଆଭା ଅତି ମାର୍ମିକ ଭାବେ ଫୁଟି ଉଠିଛି। ପ୍ରବନ୍ଧଗୁଡ଼ିକ ବସ୍ତୁନିଷ୍ଠ ନହୋଇ ବ୍ୟକ୍ତିନିଷ୍ଠ ହୋଇଛି। ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକରେ 'ମୋହିନୀ ମୋହନ ସେନାପତି: ଏକ ସଂକ୍ଷିପ୍ତ ପରିଚିତି' ସନ୍ନିବେଶିତ ହୋଇଛି। ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସମାଲୋଚକମାନେ ମୋହିନୀ ମୋହନଙ୍କ ସଂପର୍କରେ କ'ଣ କହନ୍ତି, ସେ ସଂପର୍କରେ କିଛି ମତାମତ ରହିଛି। ମୋହିନୀ ମୋହନଙ୍କ ସାହିତ୍ୟ ଓ ଜୀବନ ସମ୍ବନ୍ଧରେ ଜାଣିବା ପାଇଁ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକଟି ପାଠକ,ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ। ■

## ଷୋଡ଼ଶ

ଗଂଗାଧର ବିଶ୍ୱାଳ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର -୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ସ୍ୱପ୍ନ ମଣିଷର ମନକୁ ସତେଜ କରିଦିଏ। ଅସଜଡ଼ା ମନକୁ ସଜାଡ଼ି ଦିଏ। ନିରସ ମନକୁ ସରସ କରିଦିଏ। ଏଭଳି ଏକ ଭାବନାକୁ ନେଇ ଗତିଶୀଳ ହୋଇଛି 'ତନୁଲତା' ଗପର କାହାଣୀ। ସେଭଳି ବିବାହ ପୂର୍ବରୁ ନିଜ ଭାବି ପତ୍ନୀଙ୍କୁ ଦେଖିବାର ସ୍ୱପ୍ନ ଅନେକ ପୁରୁଷଙ୍କ ସ୍ୱପ୍ନ ଥାଏ। ଏଭଳି ଜଣେ ପୁରୁଷଙ୍କ ସ୍ୱପ୍ନ ପ୍ରତିଫଳିତ ହୋଇଛି 'ଝିଅ' ଗପରେ। ଏହି ପୁସ୍ତକରେ ସନ୍ନିବେଶିତ 'ବାର୍ଦ୍ଧକ୍ୟ ଭତ୍ତା', 'ଅନ୍ୟଜଣେ ଯୀଶୁ', 'ପ୍ରେମିକା', 'କର୍ଫ୍ୟୁରାତି', 'ଅପ୍ରାକୃତିକ', 'ଜୀବନ ଓ ପ୍ରେମ', 'ଜେଜେ', 'ଭୋକକଥା', 'ଏକ ପ୍ରେମଗଳ୍ପ', 'ବର୍ଷା ବୋଲି ଜଣେ ଝିଅ','ଦାଗ', 'ରାତି ହେଲେ', 'ବୃତ୍ତ', 'ଚରିତ୍ର', 'ମନୋରମା', 'ମଶାଣି ସ୍ୱପ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ନିମ୍ନମଧ୍ୟବିତ୍ତ ପରିବାରର ତିନି ଅଙ୍କର ଦରମା ପାଉଥିବା ଚାକିରିଆ ପୁଅ ଅବିନାଶ ନିଜ ପତ୍ନୀଙ୍କ ଦାବି ପୂରଣ କରିବାରେ ଅସହାୟ ହୋଇପଡୁଛନ୍ତି। ସେଥିପାଇଁ ସେ ପ୍ରେମିକା ଓ ପତ୍ନୀ ଭିତରେ ଥିବା ପ୍ରଭେଦକୁ ଅନୁଭବ କରୁଛନ୍ତି। ନିମ୍ନମଧ୍ୟବିତ୍ତର ପରିବାରର ବାସ୍ତବ ଚିତ୍ରକୁ ଅତି ଚମତ୍କାର ଭାବେ ଗାଳ୍ପିକ ବିଶ୍ୱାଳ 'ପ୍ରେମିକା' ଗପରେ ବର୍ଣ୍ଣନା କରିଛନ୍ତି। ସଂକଳିତ ଗପଗୁଡ଼ିକରେ ମଣିଷର ପ୍ରେମ, ବିରହ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶା, ଆକାଂକ୍ଷା, ସାମାଜିକ ବାସ୍ତବତା ପ୍ରତିଫଳିତ ହୋଇଛି। 'ଷୋଡ଼ଶ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ତମକୁ କ'ଣ ଲୋଡ଼ା ?

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ



ତମକୁ କ'ଣ ଲୋଡ଼ା ?
କିଛି ପଳ ମାଂସ
ତଟକା ରକ୍ତର ପାନୀୟ
ମୁଠାଏ ମାଟି
ନା ଥାଳିଏ ଥାଳିଏ ଗରମ ଗରମ ଭାତ ?

କୁହ, ମୁହଁ ଖୋଲି କୁହ
ଲାଜ ନ କରି କୁହ।
ଡରି ଥରି ଶଙ୍କି ନ ଯାଇ କୁହ !

ତମ ଭାଇମାନଙ୍କୁ ଡାକି ଆଣି
ଗଧିଆ କି ଭୋକିଲା କୁକୁର ପରି
ପଛକୁ ପଛ ଠିଆ ହୁଅ
ଦଧିଚି ଓ ଶିବିରାଜାର ବଂଶଧର
ଶହେ ପଚାଶ କୋଟି ଫଡ଼ିଆରୁ ଫେଡ଼େ ଫେଡ଼େ ଖୁଆଇ
ପଠେଇ ଦେବେ ତମ ଭିକାରି କୁଡ଼ିଆକୁ।

ରକ୍ତ ପିଇବ ତ କୁହ
ଏ ବି ଓ ଆଦି କୋଉ ଦଳର କେତେ ରୋଗୀ ଅଛ?
ଭର୍ତ୍ତି ହୋଇଯାଅ ତମ ଗାଁ ଡାକ୍ତରଖାନାରେ।
ଆମେ ପଠେଇ ଦେବୁ ରକ୍ତ ସହ ରୋଗର ନିବାରକ
ପଥ୍ୟ ପାଚନ ଚିକିତ୍ସକ ।
ଆମେ ଚିକିତ୍ସା କରିନେବୁ
ମଣିଷ ମନସ୍କ ହେବାଯାଏ।

କାହିଁକି ତମେ ଛଦ୍ମନାମ ଛଦ୍ମବେଶରେ ଆସି
ମାଟି କାମୁଡ଼ି ଲୁଚିଯାଉଛ ବଙ୍କର ଭିତରେ ?
ଆଗେ ନିଷ୍ପତ୍ତି ନିଅ
ମାଟି ଲୋଡୁଛ ନା ରୁଟି ଖୋଜୁଛ?
ପଟେ ପଟେ ରୁଟି ଦେବୁ ତ
ତମ ପେଟରେ ଜାଗା ନାହିଁ,
ଗୋଟିଏ ଗୋଟିଏ ଇଟା ନେବ ତ
ତମର ମାଟି ନାହିଁ ଘର କରିବାକୁ ?

ଏବେ ତମେ ହିଁ ଯୋଜନା କର।
ପସନ୍ଦ କର, ଫଇସଲା କର
କୁକୁର ସାଜି ଲହ ଲହ କରିବ ଜିଭ
ନା ଲାଞ୍ଜ ହଲ ହଲ କରି
ଫେରିଯିବ ପୂତି ଗନ୍ଧର କୁଡ଼ିଆକୁ ॥ ■

ସର୍ଜନାଳୟ
ଲିଙ୍କ ରୋଡ଼ ୨ୟ ଗଳି, ଜୟପୁର
ମୋ: ୯ ୯୩୭୦୧୪୮ ୬୩

# ବାପା

ସୁଶୀଲ କୁମାର ପାଣିଗ୍ରାହୀ



ଲଙ୍ଗଳ ମୁନକୁ
ସହିପାରିଲେ ଯାଇ ଅଙ୍କୁରୋଦଗମ ପର୍ବର
ଉସନାକି ଗହ ଗହ

ତା'ପରେ କୁରେଇ ପତର ତୋଳା
କରଡ଼ି,ହେଡୁଁଆ,ସାରୁକିଣା,ଖଲିଦନା ଟିପା
ଗୋବରଲିପା ଓ
ଗୋଡ଼ ତଳକୁ ନ ଲାଗିବାର
ଯେତେ ଆୟୋଜନ
ଧୁମ୍ ନାଟ ଓ ନାଚ...

କାନ୍ଧରେ ମାଟିଡାଲା, ଖତସାର, ଫାଓଡ଼ା
ଖଳାଏ ଧାନକେଣ୍ଡା
ଆକାଶାଏ ଉତ୍କଣ୍ଠା
ଏସବୁ ଭାରରେ ଝାଳ
ଜୀରାନଦୀ ନ ହେଲେ
କି ବୋହିହେବ କାନ୍ଧରେ
ପୁଅଝିଅ
ଦେଖାଇନେବାକୁ
ଧନୁଯାତରା।

ମୁଣ୍ଡର ତାଲୁ ପରି ନ ତାତିଲେ
ହାଡ଼ ପରି
କଡ଼ମଡ଼ କଡ଼ମଡ଼ ନ କଲେ

ରକତସୁଅ ହେଇ ନ ବହିଲେ
କେମିତି ଆଖୁରେ ଭରିବ
ରସ!

ସମୟର ଘଣାରେ
ପେଶିହେଲେ ସିନା
ଥିପିବ ଥପ୍ ଥପ୍ ବାପର ଜୀବନ
ପେଟପୂରା ସଂସାର ଲାଗିବ
ମଧୁମୟ ମଧୁମୟ। ■

କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ପୋ: ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨



# "ମୁଁ ଲେଖେ ମୋ ନିଃସଙ୍ଗତାକୁ ଏଡ଼ାଇବା ପାଇଁ"






ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମୁଁ କାହିଁକି ଲେଖେ?-ଏମିତି ଏକ ପ୍ରଶ୍ନର ଉତ୍ତର ଅନେକ ଦିଗ୍‌ଗଜ ଲେଖକ/ଲେଖିକା ଭିନ୍ନ ଭିନ୍ନ ବାଗରେ ଦେଇଛନ୍ତି। କିଏ କହିଛି - "ମୋତେ ଲେଖା ମାଡ଼େ" ଭଳି ବେଶ୍ ଗହୀରିଆ, ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟଟିଏ ତ ଆଉ କିଏ ଆପଣାର ଲେଖକୀୟ ଢମରେ ଅଲୌକିକ ପୁଟ ବୋଳିବାକୁ ଇଚ୍ଛା କରି କହିଛି - "ମୁଁ ଲେଖେ, କାରଣ ଲେଖିବା ପାଇଁ ମୋ ଉପରେ କିଏ ଜଣେ 'ସବାର' ହୋଇଯାଇଥାଏ, ସତେ ଯେପରି 'କାଳିଶୀ' ଲାଗିଯାଇଥାଏ ମତେ ସେତେବେଳେ ।" ଏମିତି ଉତ୍ତରଟି ମାନ ଯେଉଁମାନେ ଦେଇଥାନ୍ତି, ସେମାନେ ବୋଧହୁଏ ସେମାନଙ୍କ ଅନ୍ତଃକରଣରେ ବିଶ୍ୱାସ କରିଥାନ୍ତି ଯେ ଲେଖିବା କାମଟା ପୂରାପୂରି ଏକ ରହସ୍ୟଘନ ବ୍ୟାପାର ଓ ଜଣେ ଦିବ୍ୟ ପ୍ରେରଣାଯୁକ୍ତ ହୋଇ ପୂରାପୂରି ଜ୍ୱରାକ୍ରାନ୍ତ ଆବେଶଟିଏ ଭିତରେ ନ ପଡ଼ିଯିବା ପର୍ଯ୍ୟନ୍ତ ଆଦୌ ଲେଖନୀ ଧରିପାରେ ନାହିଁ କି ତୂଳୀଟିଏ ହାତରେ ଟୋକି ଧରି ପାରେନାହିଁ। କିନ୍ତୁ ଏ ଲେଖକ ସେ ଦୃଷ୍ଟିରୁ ଅଧମ, ଭାଗ୍ୟହୀନଟିଏ ନିଶ୍ଚୟ ।

ଏ ଲେଖକ ବାପୁଡ଼ା ଜଣକ ଜାଣେ ଯେ ସେ ଲେଖାଲେଖି କରେ, କାରଣ ଏ ଲେଖିବା କାମଟା ପାଇଁ ଯେଉଁ ମୁଖ୍ୟ ସମ୍ବଳଟି ଲୋଡ଼ା, ତା' ପାଇଁ ତାକୁ ଜମା କିଛି ବ୍ୟୟ କରିବାକୁ ପଡ଼େ ନାହିଁ। ସେ ସମ୍ବଳ ତା' ପାଇଁ ଭାରି ଶସ୍ତା, ପୂରାପୂରି ସହଜପ୍ରାପ୍ୟ । ତାକୁ ପାଇବା ପାଇଁ ଜମା ଲୋଡ଼ା ହୁଏ ନାହିଁ କେଉଁ 'ତୁଙ୍ଗ ଶିଖରୀ ଚୂଳ' ବା କେଉଁ 'ନୀଳାମ୍ବୁ ଚିଲିକା'ର ଶୀତ୍କାର, ରୋମାଞ୍ଚକୁ ଜବରଦସ୍ତ ଭୋଗିବା ବା ଅନୁଭବ କରିବା। ସେ ସମ୍ବଳ ହେଉଛି ତା' ଭିତରେ ସବୁବେଳେ ମଥାପିଟି ଚାଲିଥିବା ଅସୁମାରୀ ଶବ୍ଦମାନଙ୍କର ତରଙ୍ଗ । ତା'ପାଇଁ ସହଜଲଭ୍ୟ ସେଇ ଶବ୍ଦସବୁକୁ ନେଇ ସେ ଲେଖିବା ପାଇଁ ବସିଯାଏ -ବସିଯାଏ ସେତିକିବେଳେ ଯେବେ ସେ ତା'ର ସବୁ ଆବେଗ, ଆବେଶ ଓ ସବୁ ଅସମ୍ଭାଳ, ଅତର୍ଛିଆ ଭାବଭାବନାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ଚାହେଁ। ଅନ୍ୟ ଅର୍ଥରେ କହିଲେ ଏ ଲେଖାଲେଖି ତା ପାଇଁ ଗୋଟାଏ ପ୍ରକାର ସ୍ୱଚିକିତ୍ସା କର୍ମ । ବଙ୍କା, ତେଢ଼ା, ମୁନିଆ ବା ଅତି ଜଟିଳ ଭାବରେ ଛନ୍ଦାଛନ୍ଦି ଚିନ୍ତା, ଭାବନାରେ ସେ ଯୋଉ ଅବ୍ୟକ୍ତ ପୀଡ଼ାଟି ପାଇ ଚାଲିଥାଏ, ସେଇଟିର ଉପଯୁକ୍ତ ଚିକିତ୍ସା ଲୋଡ଼ା -ଏଇ ଉପଲବ୍ଧିଟି ତାକୁ 'ମାଡ଼ିବା' ମାତ୍ରେ ବା ତା' ଉପରେ 'ସବାର' ହେବା ମାତ୍ରେ ସେ ଲେଖନୀ ଧରି ବସିପଡ଼େ। ତେବେ ଆଜ୍ଞା, ଏ 'ମାଡ଼ିବା', ଏ 'ସବାର' ହେବା କଥାଟା ଗୋଟାଏ କିଛି ଅଲୌକିକ ବା ଦୈବ ବ୍ୟାପାର ବୋଲି ଏ ଲେଖକ ଜମା କେବେ ଭାବିବ ନାହିଁ । ଏଇଟା ତା ପାଇଁ ପୂରାପୂରି ତା 'ଅସ୍ତିତ୍ୱ'ର ଏକ ବିଲକ୍ଷଣୀୟ ବ୍ୟାପାର । ହଁ, ପୂରାପୂରି ଅସ୍ତିତ୍ୱଗତ, ଅସ୍ତିତ୍ୱଭିତ୍ତିକ ଓ ଅସ୍ତିତ୍ୱ ସଂପର୍କିତ ଏଇଥିପାଇଁ ଯେ, ସେ ତା'ର ସ୍ଥୂଳ ଓ ସୂକ୍ଷ୍ମ ଦୃଷ୍ଟିରେ ଯେତେବେଳେ ଦେଖେ ଯେ ତା' ମନରାଜ୍ୟ ଓ ଚିନ୍ତାରାଜ୍ୟରେ ଗୁଡ଼ାଏ ଗୁଡ଼ାଏ ଧାରଣା, ଅବଧାରଣା, ଭାବନା, ବିଭାବନା ଅରାଜକତା ସୃଷ୍ଟି କରିବା ଆରମ୍ଭ କରିଦେଲେଣି, ସେତିକିବେଳେ ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ, ସେ ସବୁକୁ ଟିକିଏ ସୁସଂହତ, ଟିକିଏ ଅଧିକ ବୋଧଗମ୍ୟ କରିବା ପାଇଁ ସେ ସେମାନଙ୍କୁ ଧାଡ଼ିରେ ବସାଇଦିଏ- ଅନ୍ଧାରରୁ ଆଣି ଟୋଫା ଆଲୁଅରେ ଠିଆ କରାଇଦିଏ। ଅବଶ୍ୟ ଏ ଲେଖକ ଜାଣେ ଯେ, ଯେତେ ଚେଷ୍ଟା କଲେ ବି ସେ ଯେଉଁ ଅରାଜକ, ବିଶୃଙ୍ଖଳ, ଅସଂହତ ଭାବନା, ଧାରଣା, ଅବଧାରଣା ଓ ଦୃଷ୍ଟିକୋଣର ବିରକ୍ତି-ବେଦନା ଭୋଗିଥାଏ ଏବଂ ସେଥିଯୋଗୁଁ ଜୀବନ ଓ ଜଗତ ପ୍ରତି ଥିବା ତାର ଆଭିମୁଖ୍ୟ ଯେପରି ଗୋଳିଆମିଶା ହୋଇଯାଇଥାଏ, ସେ ସବୁକୁ ସେ କେବେହେଲେ ପୂରାପୂରି ସଂଯତ, ସଂହତ କରିପାରିବ ନାହିଁ-ଲେଖନୀ ଧରି ସବୁକିଛିକୁ ଶତସହସ୍ର ଧାଡ଼ିରେ ବାନ୍ଧି ରଖିଦେଲେ ବି ।

ଆମ ଜୀବନର ଏଇ ଅରାଜକ ଆତ୍ମିକ, ମାନସିକ ଗୌରବ ଅଗୌରବ ବା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଆମକୁ ଯେତେ ଆକ୍ରାମାକ୍ରା, ଅଧିର ଆତୁର କରୁଥିଲେ ବି ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ ଆମ ପାଖରେ କୌଣସି 'ମାନୁଆଲ୍' ବା 'କରଣୀୟ କର୍ମସୂଚୀ' କିଛି ନାହିଁ । ତେଣୁ କେହି ଯଦି କେବେ ଏ ଲେଖକ ପରି ସୃଜନ ନିଆଁ ଉପରେ ଭିନ୍ନ ଭିନ୍ନ ପାତ୍ର ବସାଇ କିଛି ତିଆରି କରି ବାଢ଼ି ଦିଏ, ସେ ଭାବିଥାଏ ଯେ ସେ ସିଦ୍ଧ ରୋଷେଇଆଟିଏ ହୋଇଯାଇଛି ନିଶ୍ଚୟ। କିନ୍ତୁ ସତରେ ସିଏ ସେମିତି ହୋଇପାରେ କି?

ମୋ ପାଇଁ ଲେଖିବାଟା ଆଦୌ କିଛି ସ୍ୱର୍ଗୀୟ ବା ନୈସର୍ଗିକ ପ୍ରେରଣା ନୁହେଁ । ଆମର ଏଇ ଅଦ୍ଭୁତ, ବିଚିତ୍ର ଓ ଅନେକ ସମୟରେ ଭାରି ବିଭଙ୍ଗ, ବିରୂପ ମନେ ହେଉଥିବା 'ଅସ୍ତିତ୍ୱ'ଟିକୁ ଟିକେ ଅଧିକ ଅନ୍ତରଙ୍ଗତାର ସହ ବୁଝିବା ପାଇଁ ଚାହୁଁଥିବାରୁ ମୁଁ ଲେଖାଲେଖି କର୍ମରେ ବ୍ୟାପୃତ ହୋଇଥାଏ। ମୁଁ ଆଦୌ ଅନ୍ୟ କାହା ପରି ଏ ଲେଖାଲେଖି କର୍ମକୁ 'ରୋମାଣ୍ଟିସାଇଜ୍' କରିବାକୁ ଚାହେଁନା, ଜମା ଚାହେଁନା ଯେ ଶ୍ୱେତବସ୍ତ୍ର ପରିହିତା ବାଗ୍‌ଦେବୀଙ୍କ ବୀଣାବାଦନ ମୁଁ କେବେ ଶୁଣିଥାଏ ବୋଲି। ମୋ ପାଇଁ 'ଲେଖାଲେଖି' ଗୋଟାଏ ଭାରି କଷ୍ଟକର କାମ -ଝାଳବୁହା, ଲୁହବୁହା, ରକ୍ତବୁହା ପୀଡ଼ାଦାୟକ କର୍ମ । ବନ୍ଧୁମେଳରେ ଗୁଲିଖଟି କରିବା ବା ପାର୍କରେ ପଦଚାରଣ କରି ଅନ୍ୟ ପାର୍କ ପଦଯାତ୍ରୀମାନଙ୍କୁ ଗୀତା ଭାଗବତଠାରୁ ସମ୍ବିଧାନର ମୌଳିକ ଢାଞ୍ଚା ସଂପର୍କରେ ଥିବା ମୋର ଅତି ଅସ୍ୱଚ୍ଛ ଧାରଣାକୁ ଶୁଣାଇବା ବା ବଜାରରୁ ଚକ୍‌ଚକ୍ କାତିର ବିଶାଳ ରୋହିମାଛ କିଣି ଘରକୁ ଫେରିଆସି ମାର୍ବଲ ଚଟାଣକୁ ଆହୁରି ଚିକ୍କଣ କରିବା ଆଦି ସହଜ ଅଥଚ ଆବଶ୍ୟକ କର୍ମର ପ୍ରଲୋଭନରେ ପଡ଼ିବା ଅପେକ୍ଷା ଅଲେଖା ଧବଳ କାଗଜ ଉପରେ କଲମଟି ଚାଳନା କରିବାରେ ଭିନ୍ନ ଏକ ଆଶ୍ୱସ୍ତି, ଭିନ୍ନ ଏକ ସନ୍ତୋଷ ମିଳେ ବୋଲି ଭାବିଥାଏ ମୁଁ । ହଁ, ଆଉଗୋଟେ ନିରାଟ ସତ୍ୟ ଆପଣଙ୍କୁ କହିବି । ଏମିତି କିଛି ମହାର୍ଘ ଚିନ୍ତାରେ ଘାରି ହୋଇ ବା ଏମିତି କିଛି 'ସର୍ବଜନହିତାୟ' ଉଦ୍ଦେଶ୍ୟ ରଖି ମୁଁ ଲେଖେ, ଏହା ଆଦୌ ନୁହେଁ । କହିଛି ତ ମୋ ପାଇଁ ଲେଖିବାଟା ଅନେକ ସମୟରେ ମୋର ଅସ୍ତିତ୍ୱର ଉଦ୍‌ଭଟତା ସହିତ ସାହସର ସହିତ ମୁକାବିଲା କରିବା ପରି, ଗୋଟିଏ ଗୋଟିଏ ପ୍ରହେଳିକା ବା 'ଜିଗ୍‌ସ୍'କୁ ସମାଧାନ କରିବାର ଜଟିଳ ଉଦ୍ୟମଟିଏ କରିବା ପରି । ତେବେ, ମୁଁ ମୋ ବିକ୍ଷିପ୍ତ ଭାବନାକୁ ରୂପ ଦେଇଥାଏ ସିନା, ସେସବୁର ଆଦୌ ବୋଧଗମ୍ୟ ବ୍ୟାଖ୍ୟା କରିପାରେନା। ମୁଁ କାହିଁକି- ସଚରାଚର କୌଣସି ମସୀଧାରୀ ତାହା କେବେ କରିପାରେନା। ହଁ, ମୁଁ ମୋ ଭାବନାର ବର୍ଣ୍ଣରୂପ ଥୋଇ ଦେବାବେଳେ ମୋ ପାଠକମାନଙ୍କ ଭିତରୁ କେତେକ ନିଶ୍ଚୟ କହୁଥିବେ - "ଆରେ, ଏତ ଆମରି ଚିନ୍ତା, ଆମରି ଭାବନା ଓ କହୁଥିବେ ବି - "ଆହା, ଏଗୁଡ଼ିକ ଆମର ହେଲେବି ଆମେ ତ ଏପରି ଭାବରେ କହିପାରୁନାହୁଁ କି ରୂପାୟିତ କରିପାରୁନାହୁଁ !" ଏଇଠି ହିଁ ମୋର ଯାହା କିଛି ସାର୍ଥକତା, ଯାହା କିଛି ସାଫଲ୍ୟ ।

ପରିଶେଷରେ ଆଉ ଗୋଟିଏ ନିରାଟ ସତ କଥା କହିବି ମୁଁ। ମୁଁ ଲେଖେ ମୋ ନିରବତାର ଅର୍ଗଳିରୁ ଖସି ଆସିବା ପାଇଁ । ମୁଁ ଲେଖେ ମୋ ବିଜନତା, ମୋ ନିଃସଂଗତାକୁ ଏଡ଼ାଇ ଦେବା ପାଇଁ । ମୁଁ ଖୁବ୍ ସାଧାରଣ, ଖୁବ୍ ବିଚରା ମଣିଷ ଜଣେ -ଜମା ଋଷିପ୍ରତିମ ନୁହେଁ, ଜମା କେଉଁ ନନ୍ଦନବନର ଚିର ଅଧିବାସୀ ନୁହେଁ । ମୁଁ ଆପଣମାନଙ୍କ ପରି ଏଇ ହସ, ଲୁହ ବା ରକ୍ତଝରା ସଂଘର୍ଷଭରା ସଂସାରର ମଣିଷ- କେତେବେଳେ ଫ୍ରାନ୍‌ଜ କାଫ୍‌କାଙ୍କ 'ମେଟାମର୍‌ଫସିସ୍'ର ହତଭାଗ୍ୟ 'ଗ୍ରେଗାର୍ ସାମ୍‌ସା' ବା ତାଙ୍କ 'ଦି ଟ୍ରାଏଲ୍' ଉପନ୍ୟାସର 'ଜୋସେଫ୍ କେ'ଙ୍କ ପରି ତ ଆଉ କେତେବେଳେ 'ଅମାବାସ୍ୟାର ଚନ୍ଦ୍ର'ର ସେହି ଯାଯାବରୀ 'ରମେଶ କାଉଲ' ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ବଳିଦତ୍ତ' ଚରିତ୍ର ପରି । ତେବେ, ଏମିତି ଲେଖନୀ ଧରି କ୍ରମାଗତ ଭାବରେ ଶବ୍ଦର ସମୁଦ୍ରରେ ଜାଲ ପକାଇ ପକାଇ କ୍ଳାନ୍ତ, ଅବସନ୍ନ ହେଉଥିଲେ ମଧ୍ୟ 'ଦି ଓଲଡ୍ ମ୍ୟାନ୍ ଆଣ୍ଡ ଦି ସି'ର ସେ ମହାନାୟକ 'ସାଣ୍ଟିଆଗୋ' ପରି 'ମୁଁ ଅପରାଜେୟ'- ଏହା ଦିନେ ନିଶ୍ଚୟ କହିବି ବୋଲି ମହତ୍ତ୍ୱାକାଂକ୍ଷାଟିଏ ପୋଷଣ କରିଛି ମୁଁ ।

ହଁ, ମୁଁ ଲେଖେ କାରଣ ମୁଁ ମୋର ଯାବତୀୟ ଦୁଃସ୍ଥିତି, ଦୂରବସ୍ଥା, ମାନସିକ ଅସନ୍ତୁଳନ ସତ୍ତ୍ୱେ ନିଜକୁ 'ଅପରାଜେୟ ଯୋଦ୍ଧା' ବୋଲି ଭାବିବାକୁ ଚାହେଁ, 'ବନ୍ଧ୍ୟାନାରୀର ପୁତ୍ର' ପରି ତାହା ମୋ' ପାଇଁ ନିହାତି ଅସମ୍ଭବ ବୋଲି ମୁଁ ଜାଣିଥିଲେ ବି । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ଭାୟା: କାଦୁଅପଡ଼ା, ଜଗତସିଂହପୁର-୬
ମୋ: ୯୮୫୩୩୫୫୧୦୭

# ଲଘୁଚାପ ବର୍ଷାରେ ଧୋଇଗଲା ରବି ଧାନ

## ଲାଭ ଆଶା ମଉଳିଲା; ହତାଶ ଚାଷୀ

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟ ସରକାରଙ୍କ ତରଫରୁ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ସବ୍‌ସିଡି ଦିଆଯାଉଛି। ତେଣୁ ଅଧିକ ଲାଭ ପାଇବା ପାଇଁ ଖରିଫ୍ ଧାନ ବିକ୍ରି ପରେ ଚାଷୀ ରବିରେ ଦୋଫସଲୀ ଧାନ କରିଥିଲା। ଏପରିକି, ଜଳସେଚିତ ଅଞ୍ଚଳରେ ଥିବା ଜମିରେ ଧାନ ଭଲ ଥୋଡ଼ ବି ଧରିଥିଲା। ହେଲେ ବାରମ୍ବାର କାଳବୈଶାଖୀ ବର୍ଷା ଧାନ ଗଛକୁ କିଛି ମାତ୍ରାରେ ନଷ୍ଟ କରିଦେଇଥିବା ବେଳେ ଏବେ ଦୁଇ ଦୁଇଟି ଲଘୁଚାପ ବର୍ଷା ଦାଉ ସାଧିଛି। ଠିକ୍ ଅମଳ ବେଳକୁ ବର୍ଷା ଏମିତି ଲାଗି ରହିଛି ଯେ ଚାଷୀ ତା' ପରିଶ୍ରମକୁ ଖଳାକୁ ଆଣିପାରୁନି। କିଛି ସ୍ଥାନରେ ବିଲରେ କଟା ହୋଇ ପଡ଼ିଥିବା ଧାନ କେଣ୍ଡା ଭିଜୁଥିବା ବେଳେ ଧାନ ଗଦା, ମଣ୍ଡିରେ ବି ଧାନ ଭିଜୁଛି। ଉପକୂଳ ଓଡ଼ିଶା ସମେତ ସୋନପୁର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼ ପ୍ରଭୃତି ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଫଳରେ ଚାଷୀର ଚିନ୍ତା ବଢ଼ି ଯାଇଛି।

ବର୍ଷାରେ ରବି ଫସଲ କରିଥିବା ସାରା ଓଡ଼ିଶାର ଚାଷୀଙ୍କ ଅବସ୍ଥା ବେହାଲ ହୋଇଯାଇଛି। ବର୍ଷା ହେବା ନେଇ ଆଗୁଆ ସୂଚନା ପାଇଥିଲେ ମଧ୍ୟ ସବୁ ଜମିରୁ ଧାନ ଅମଳ କରିବାକୁ ଚାଷୀଙ୍କ ପାଖରେ ବେଳ ନଥିଲା। ଆଉ ଯାହା କଟାଯାଇଛି, ତାହା ଖଳାକୁ ଆସିପାରୁନାହିଁ। ସେମିତି ଜମିରେ ପଡ଼ିରହିଛି। ଲଘୁଚାପ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। କିଛି ଚାଷୀଙ୍କର ବର୍ଷକର ଦାନା ବି ଛଡ଼ାଇନେଇଛି ଏହି ଅଦିନିଆ ବର୍ଷା। ଆଉ ଯାହା କିଛି ରହିଯାଇଛି ତାହା ଅମଳ ହୋଇପାରିବ କି ନାହିଁ, ତାହାକୁ ନେଇ ଚିନ୍ତା ଘାରିଲାଣି। କେବଳ ଯେ ଜମିରେ ଧାନ ନଷ୍ଟ ହୋଇଛି, ତାହା ନୁହେଁ। ମଣ୍ଡିରେ ବି ବର୍ଷାରେ ଭିଜୁଛି ଶହଶହ ବସ୍ତା ଧାନ। ଅମଳ କରିବା ପରେ ଧାନ ବିକିବା ଲାଗି ଚାଷୀମାନେ ମଣ୍ଡିରେ ଧାନ ବସ୍ତା ପକାଇ ଅପେକ୍ଷାରେ ରହିଥିଲେ। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ତାହା ଏବେ ପାଣିରେ ବୁଡ଼ି ରହିଛି। କିନ୍ତୁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି।

ଏମିତିକି, ଧାନମଣ୍ଡିରେ ଧାନର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କିଛି କରିନାହାନ୍ତି। ଏବେ ବର୍ଷା କମିବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଓଦା ଧାନକୁ ଅମଳ କରି ଶୁଖାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛି। ଏବେ ଧାନକୁ ଖରାରେ ଶୁଖାଇ ରଖିଦେଲେ ଆଉ ଗଜା ଧରିବନି ବୋଲି ବିଶେଷଜ୍ଞ କହିଛନ୍ତି। ବର୍ଷାରେ ଧାନ ଓଦା ହୋଇଯାଇଥିବାରୁ ସରକାର ଏହାର ମାନ ନିର୍ଦ୍ଧାରଣ କୋହଳ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ଆଜିଠୁ ବଢ଼ିବ ଦିନ ତାପମାତ୍ରା

**ଭୁବନେଶ୍ୱର, ୩୧।୫ (ସମିସ):** ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ ପାଗରେ ପରିବର୍ତ୍ତନ ହେବ। କେବଳ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାବେଳେ ଅନ୍ୟ ସ୍ଥାନରେ ପାଗ ପ୍ରାୟତଃ ଶୁଖିଲା ରହିବ। ସୋମବାରଠାରୁ ଆସନ୍ତା ୫ରୁ ୬ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ ବୋଲି ଆକଳନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର। ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶା ଛୁଇଁବା ପରେ ଏହା ପ୍ରାୟତଃ ସ୍ଥିର ହୋଇଯାଇଛି। ଯାହାଫଳରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନାହିଁ। କେବଳ ଦକ୍ଷିଣ ଓଡ଼ିଶାର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବାବେଳେ ରାଜ୍ୟର ଅନ୍ୟସ୍ଥାନରେ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ପାଇବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ପ୍ରଥମ...

ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏଭଳି ଖବର ଆମ ପାଖରେ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଏଥର କରୋନାର ହଟ୍‌ସ୍ପଟ୍ କେରଳ ହୋଇଥିବା ବେଳେ ଏହାପଛକୁ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। କେରଳରେ ସର୍ବାଧିକ ୧୩୩୬ ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ମହାରାଷ୍ଟ୍ରରେ ୮୪ଟି ନୂଆ ମମାଲା ସାମ୍ନାକୁ ଆସିଛି ଓ ସଂକ୍ରମିତଙ୍କ ସଂଖ୍ୟା ୬୮୧ ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ଦେଶର ୬୦ ପ୍ରତିଶତ ମାମଲା ଦେଖିବାକୁ ମିଳିଛି। ଏହାପଛକୁ ରହିଛି ଦିଲ୍ଲୀ। ସେଠାରେ ୩୭୫ ଜଣ ସଂକ୍ରମିତ ହେଲେଣି। ଏହାପଛକୁ ଗୁଜରାଟ (୨୬୫) ରହିଥିବା ବେଳେ କର୍ଣ୍ଣାଟକର ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତର ପ୍ରଦେଶରେ ୧୧୭ ଜଣ ସଂକ୍ରମିତ ହୋଇଛନ୍ତି। ଏପର୍ଯ୍ୟନ୍ତ କରୋନାରେ ୨୩ ଜଣ ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। କେରଳ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ମୋଟ୍ ୧୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏଁ ବ୍ୟକ୍ତି କରୋନାରେ ଜୀବନ ହାରିଛନ୍ତି। ମିଜୋରାମରେ ୭ ମାସ ପରେ କୋଭିଡର ପ୍ରଥମ ମାମଲା ସାମ୍ନାକୁ ଆସିଛି।

### ଧସିଲା ପାହାଡ଼...

କୁହାଯାଉଛି। ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି।

ଭୂସ୍ଖଳନ ତ୍ରିପୁରାରେ ଜଣେ ଏବଂ ଆସାମରେ ୫ ଜଣଙ୍କ ଜୀବନ ମଧ୍ୟ ନେଇଛି। ବର୍ଷା ଯୋଗୁଁ ଆସାମରେ ୬ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଠାକାରେ ବୋନ୍ଦାରେ ଶୁକ୍ରବାର ଭୂସ୍ଖଳନ ହୋଇଥିଲା। ଏଥିରେ ୩ ମହିଳାଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ନେପାଳରେ ବର୍ଷା ଯୋଗୁଁ ବିହାରରେ ସଙ୍କଟ ସୃଷ୍ଟି ହୋଇଛି। କିଶନଗଞ୍ଜ ଜିଲ୍ଲାରେ କନକଇ, ବୁଢୀ, ମେଚି ଆଦି ନଦୀ ଫୁଲିବାରେ ଲାଗିଛି। ନଦୀ କୂଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଏଥିଯୋଗୁଁ ଫସଲ ବର୍ବାଦ ହୋଇଯାଇଛି।

### ତେଲଙ୍ଗାନା ଜିତିଲା...

ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଯାହାଫଳରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ତେଲେଙ୍ଗାନାର କଂଗ୍ରେସ ସରକାର ନିଜ ଦାବି ହାସଲ କରିବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କଣ ପାଇଁ ଫେଲ୍ ମାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ମାତ୍ର ଓଡ଼ିଶା ଏନେଇ କାହିଁକି ଦୃଢ଼ ଦାବି ଉପସ୍ଥାପନ କରୁନାହିଁ, ତାହାକୁ ନେଇ ବିଶେଷଜ୍ଞ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଏହି ବୈଠକ ସ୍ଥଗିତ ରହିଥିବା ଜଣାପଡ଼ିଛି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କଣ ପ୍ରକଳ୍ପ କାର୍ଯ୍ୟ ସରିଲେ, ଓଡ଼ିଶାର ଅପୂରଣୀୟ କ୍ଷତି ହେଲେ ଯାଇ ଓଡ଼ିଶା ସରକାର ମୁହଁ ଖୋଲିବେ ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି। ଏମିତି ଜଳକା ପରି ଅଭିନୟ ନ କରି ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ପାଇଁ ମୁହଁ ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି କରାଯାଇଛି।

### ଘର ମାଲିକକୁ...

ପହଞ୍ଚିଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ସିବିରେ ହରିହରଙ୍କର ମୃତ୍ୟୁ ହୋଇଥିଲା।

ପୁଲିସ୍ ସୂଚନାନୁଯାୟୀ, ୨୮ ତାରିଖ ମଧ୍ୟରାତ୍ରିରେ ଅର୍ଥାତ୍ ମୃତ୍ୟୁ ପୂର୍ବରୁ ହରିହର କେହି ଜଣେ ମହିଳା ତାଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଝିଅକୁ କହିଥିଲେ। ହରିହରଙ୍କ ବୟାନ ଆଧାରରେ ତଦନ୍ତ କରାଯିବା ପରେ ଘରେ ଭଡ଼ାରେ ରହୁଥିବା ସୁଦେଷ୍ଣା ହିଁ ହରିହରଙ୍କୁ କିରାସିନି ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଜଣାପଡ଼ିଥିଲା।

ହରିହର ଅଭିଯୁକ୍ତ ସୁଦେଷ୍ଣାଙ୍କ ସହିତ ୫ବର୍ଷ ହେଲା ସମ୍ପର୍କ ରଖିଥିଲେ। ସୁଦେଷ୍ଣାଙ୍କର ଗୋଟିଏ ଝିଅ ଓ ସେ ହାଇଦ୍ରାବାଦରେ କାମ କରନ୍ତି। ସୁଦେଷ୍ଣା ତାଙ୍କ ଝିଅ ଘରକୁ ଯିବାକୁ ବାହାରିବା ବେଳେ ହରିହର ତାଙ୍କୁ ବାଧା ଦେଇ ଆସୁଥିଲେ ଏବଂ ତାଙ୍କ ସହ ରହିବାକୁ ବାଧ୍ୟ କରୁଥିଲେ। ଅଧିକାଂଶ ସମୟରେ ସୁଦେଷ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ହରିହର ଯୌନସମ୍ପର୍କ ପାଇଁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି।

ଏହାସହ ମୃତକ ହରିହର ଜଣେ ଅବସରପ୍ରାପ୍ତ ସରକାରୀ ଆର୍‌ଆଇ ଏବଂ ତାଙ୍କର ବହୁ ସମ୍ପତ୍ତି ଥିବାରୁ ସୁଦେଷ୍ଣାଙ୍କ ନଜର ମଧ୍ୟ ମୃତକଙ୍କ ସମ୍ପତ୍ତି ଉପରେ ଥିଲା। ସମ୍ପତ୍ତି ହଡ଼ପ ପାଇଁ ସୁଦେଷ୍ଣା ଯୋଜନା କରି ସୁଚିନ୍ତିତ ଉପାୟରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏପରିକି, ଅପରାଧର ପ୍ରମାଣ ନଷ୍ଟ ପାଇଁ ମୋବାଇଲ୍ ଘର ଅଗଣାରେ ଥିବା କୂଅ ପାଖରେ ଫିଙ୍ଗିଦେଇଥିଲେ ଏବଂ ପ୍ଲାଷ୍ଟିକ୍ କିରାସିନି ଜାର୍‌କୁ ମଧ୍ୟ ନିଆଁରେ ଫିଙ୍ଗି ଦେଇଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ହରିହରଙ୍କୁ ଉଦ୍ଧାର କରିବାର ଅଭିନୟ କରି ୨ଜଣ ଅଜ୍ଞାତ ବ୍ୟକ୍ତି ଘରେ ପ୍ରବେଶ କରି ହରିହରଙ୍କ ଶରୀରରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତରେ ସମ୍ପୃକ୍ତ ମହିଳାଜଣଙ୍କ ହିଁ ସୁଚିନ୍ତିତ ଭାବେ ସମ୍ପତ୍ତି ଲୋଭରେ ପଡ଼ି ଏଭଳି ନାରକୀୟ କାଣ୍ଡ ଭିଆଇଥିବା ଏସ୍‌ପି କହିଛନ୍ତି।

**APPOINTMENT**

SAI RAM

ରାୟଗଡ଼ା ଏବଂ ନୟାଗଡ଼ (ଖଣ୍ଡପଡ଼ା ବ୍ଲକ୍) ରେ **Computer Teacher** ଯୋଗ୍ୟତା ଭିତ୍ତିରେ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୭ଦିନ ମଧ୍ୟରେ ନିମ୍ନ Email ଠିକଣାରେ Bio-Data ପଠାନ୍ତୁ।

ବି.ଦ୍ର.: ଏହା ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଏ। ଠକଙ୍କ ଠାରୁ ଦୂରେଇ ରୁହନ୍ତୁ। ଏହି ସଂସ୍ଥା ନିଯୁକ୍ତି ନିମନ୍ତେ କୌଣସି ଅର୍ଥ ଆଦାୟ କରେ ନାହିଁ। ଯଦି କୌଣସି ବ୍ୟକ୍ତି ଚାକିରୀ ପାଇଁ ଅର୍ଥ ଆଦାୟ କରନ୍ତି, ତେବେ ତୁରନ୍ତ ଆମ ଅଫିସ ନମ୍ବରରେ ଯୋଗାଯୋଗ କରନ୍ତୁ।

**SAIRAM TECHNOLOGY & SOLUTIONS**
Plot No. 3660, 2nd Floor, Prachi Vihar, Lane -1, Palasuni, Bhubaneswar
Web : www.srtechnologyandsolutions.com
Email: hr@srtechnologyandsolutions.com
Phone : 9776064677

**BIJAY CHAND SANSKRIT COLLEGE**
SAMAGOL, KUJANG, JAGATSINGHPUR, PIN - 754141
Mob.No.: 9861228204
Email: principalbcsc2017@gmail.com
Notice No. 25/2025 / Date: 30/05/2025

**QUOTATION CALL NOTICE**

Sealed cover quotations along with requisite documents are invited by the undersigned from GST registered firms/agencies and organization for Procurement of I.T Equipment like Desktop Computers, UPS Systems, Multifunction Printers (MFM), LED TVs (65-Inch), wireless mice, cameras for virtual meetings and Internet facilities etc. should reach in the office of the undersigned on or before 10/06/2025 at 1.00 P.M, which will be opened on the same day dt. 10/06/2025 at 2.00 P.M.The authority reserves the right to accept or reject any or all quotations without assigning any reason thereof.

Sd/- Principal
Bijay Chand Sanskrit College
Samagol, Kujang, Jagatsinghpur

**ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋଭର, ରେଢ଼ାଖୋଲ**
ବିଜ୍ଞାପନ ସଂଖ୍ୟା ୩୮୨୪ ଦେବୋଭର / ତାରିଖ ୨୮.୦୫.୨୦୨୫

ଏତଦ୍ଦ୍ୱାରା ରେଢ଼ାଖୋଲ ଉପଖଣ୍ଡ ର ସମସ୍ତ ଦୋକାନୀ ଓ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛି ଯେ ଜଗନ୍ନାଥ ମନ୍ଦିର ର ପଶ୍ଚିମ-ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ୩ ଗୋଟି ଦୋକାନ ଘର ଗୁଡ଼ିକ ଅମାନତ ରାଶି (security ) ବାବଦ କୁ ଟ ୧୦୦୦୦୦/- (ଏକଲକ୍ଷ ଟଙ୍କା) ଓ ମାସିକ ଭଡା ଟ ୧୫୦୦/- (ଏକହଜାର ପଞ୍ଚାଶହ ଟଙ୍କା) ସୂତ୍ର ରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନଘର ପାଇଁ ବିଜ୍ଞପ୍ତିପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।

ଦୋକାନଘର ଆବଣ୍ଟନ ସମ୍ପର୍କରେ ଉପଜିଲ୍ଲାପାଳ ତଥା ନିର୍ବାହୀଅଧିକାରୀ ଦେବୋତ୍ତର,ରେଢ଼ାଖୋଲ କୌଣସି କାରଣ ନଦର୍ଶାଇ ଉକ୍ତ ଦୋକାନଘର ଆବଣ୍ଟନ ପ୍ରକ୍ରିୟାକୁ ରଦ କରିପାରିବେ।

ଉପଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ
ଦେବୋତ୍ତର,ରେଢ଼ାଖୋଲ

**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Audited Financial Results For Quarter and Year Ended 31st March '2025**
(Rs in lakhs)

| Sl No. | Particulars | Quarter Ended 31.03.2025 (Reviewed) | Quarter Ended 31.03.2024 (Reviewed) | Year Ended 31.03.2025 (Audited) | Year Ended 31.03.2024 (Audited) |
|---|---|---|---|---|---|
| 1 | Total Income from Operation (including Other Income) | 1,467.84 | 1,983.65 | 6,260.56 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (19.77) | (1,052.42) | 671.34 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (19.77) | (1,052.42) | 671.34 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (15.24) | (1,055.94) | 438.51 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 39.18 | (1,108.42) | 492.93 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,180.29) | (21,673.22) | (21,180.29) | (21,673.22) |
| 8 | Earning per share (Rs) | | | | |
| | (i) Basic: | (0.02) | (1.21) | 0.50 | 0.26 |
| | (ii) Diluted: | (0.02) | (1.21) | 0.50 | 0.26 |

1. The above results of the Company were approved by the Board of Directors at their respective meetings held on 30.05.2025
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 30th May '2025

**OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST. BALANGIR (ODISHA) PIN – 767040**
Mob: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 09.06.2025 by 5 PM through Regd. Post/ Speed Post/ Email: psdegreecollegebangomunda@gmail.com the undersigned reserves the right to cancel part or hole of tender/ quotation without specifying any reason thereof.

Sd/- Principal

**GOVERNMENT OF ODISHA** A-233
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
Email: eeteldivn2022@gmail.com
**E-Procurement Notice No. EE, TID, SNP-03/2025-26**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name/Nature of the work | Canal Lining & Canal structure works |
| 2 | No of Works | 12 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -03/2025-26 |
| 5 | Estimated Cost(Approximate) | From Rs. 5.20 lakhs to Rs 11.10 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 03.06.2025 (10.00 AM) to 17.06.2025 ( 05.30 PM)** |
| 8 | Last date/time for receipt of bids in the Portal | **In portal -17.06.2025 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 18.06.2025 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Executive Engineer
Tel Irrigation Division,
Sonepur

OIPR-32362/11/0007/2526

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Prem Kumar Agarwal S/o- Late Sawarmal Agarwal, resident of ward no 18, Shri Ram colony, PO/PS- Rajgangpur Dist- Sundergarh, Pin - 770017 Odisha declare by this affidavit No.121, dtd- 30.05.2025 that now onwards I shall be known as PREM CHAND AGARWAL for all future purposes.

**AFFIDAVIT**
I, Alok Swain, aged about 47 years, S/o- Muralidhar Swain, resident of At- Plot No- 513 B, Nua Sahi, Po/Ps- Nayapalli, Bhubaneswar, Dist- Khurda, Odisha, Pin- 751012, do hereby declare by this affidavit No. 1091, dtd. 31/05/2025 that now onwards I shall be known as **ALOK KUMAR SWAIN** for all future purposes.

**AFFIDAVIT**
I, Basanti Sahu, aged about 40 years, W/o- Ganeswar Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 472, dtd- 30/05/2025 that now onwards I shall be known as **BASANTI SAHOO** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Gania on dated- 30/05/2025. I, **Umamani Sahoo,** aged about 65 year, W/o- Late Kashinath Sahoo, Address: Vill/Po/Ps- Gania, Dist- Nayagarh, Odisha that my actual name is Umamani Sahoo as per my Aadhar Card and Voter ID Card my name mentioned as Matiani Sahoo. **Umamani sahoo and Matiani Sahoo** are same and one person. Henceforth, I will be known as **Umamani Sahoo** in all future purposes.
**Umamani Sahoo**

**AFFIDAVIT**
By virtue of an affidavit sworn before The Notary Public, Swampatna, Keonjhar on dated- 31/05/2025. I, **Sabitri Mahanta,** W/o- Bata Krushna Mahanta, Address: At- Nuapada, PO- Tangarpada, PS- Patna, Dist- Keonjhar, Odisha declare that I have changed my name from **Debaki Mahanta To Sabitri Mahanta.** Henceforth, I shall be known as **Sabitri Mahanta** for all future purposes.
**Sabitri Mahanta**

**AFFIDAVIT**
I, Sk Mahasim Mohammad, S/o- Sk Nasim Mohammad, resident of Fazalpur, Po/Ps- Korei, Dist- Jajpur, Pin-755022 Odisha declare by this affidavit No.5243 dtd.- 29/05/2025 that now onwards I shall be known as **SK MOHSIM MOHAMMAD** for all future purposes.

**AFFIDAVIT**
I, Dolagobinda Sahu, aged about 85 years, S/o- Dadhi Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 471, dtd- 30/05/2025 that now onwards I shall be known as **DOLAGOBINDA SAHOO** for all future purposes.

**AFFIDAVIT**
By Virtue of an affidavit No: 1526, Dtd 30.05.2025 in the court of Executive Magistrate, Phulbani, Dist: Khandhamal, I, Baibasut Kanhar have changed my name from Mamita Kanhar to Baibasut Kanhar. Henceforth I shall be known as **Baibasut Kanhar** instead of Mamita Kanhar for all purpose.
**Sd/- Baibasut Kanhar**

**AFFIDAVIT**
I, KUNI LATA NAYAK, W/O- BABULAL NAYAK OF VILL- SUSHILADEIPUR, P.O- RAMBHILA, P.S- BHADRAK (R), DIST- BHADRAK, PIN- 756111, DECLARE BY THIS AFFIDAVIT NO-5954, 27-05-2025, THAT NOW ONWARDS . MY DAUGHTER NAME WRONGLY MENTIONED AS AADHAAR CARD NO- 9158 7012 3049 PRAGYAN NAYAK . SHE SHALL BE KNOWN AS PRIYANKA NAYAK FOR ALL PURPOSES .

**AFFIDAVIT**
I, Jyotshna Rani Sahu, W/o- Trilochan Sahu resident of At- Benagudia, Po- Radhaballavpur, Ps-Soro, Dist- Balasore, Odisha - 756045 declared by this affidavit before the Court of Executive Magistrate, Soro No.2232 / dtd-14/05/2025 that, changed my Name Jyotsna Sahu to Jyotshna Rani Sahu. I will be known as **Jyotshna Rani Sahu** instead of Jyotsna Sahu in all respect for all purpose.

**AFFIDAVIT**
By virtue of an affidavit before Executive Magistrate, Bhubaneswar, I, Mausumi Mahapatra, D/o- Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN- 751003 state that, my former name was **Mousumi Mahapatra** which has been corrected to **Mausumi Mahapatra.** So **Mousumi Mahapatra** and **Mausumi Mahapatra** is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**
I, Rashmi Agrawal W/o Rohit kumar agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.117 dtd- 30.05.2025 that now onwards I shall be known as RASHMI AGARWAL for all future purposes.

**AFFIDAVIT**
I P.UMA MAHESWARI ,W/o Peddina Shanamukha Babu, resident of at Trinath Mandir Street, Po- Jayanagar, Ps.: Jeypore, Dt.: Koraput, Odisha -764005 declare by this Affidavit No.2523, Dated - 29/05/2025, that now onwards I shall be known as **PEDDINA UMA MAHESWARI** for all future purpose.

**AFFIDAVIT**
I, Rohit Agrawal s/o Prem chand Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.118 dtd- 30.05.2025 that now onwards I shall be known as ROHIT KUMAR AGARWAL for all future purposes.

**AFFIDAVIT**
I, Mahak Agrawal D/o. Rohit kumar Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin - 751006 Odisha declare by this affidavit No.119 dtd- 30.05.2025 that now onwards I shall be known as MAHAK AGARWAL for all future purposes.

**AFFIDAVIT**
I, Ganeswar Sahu, aged about 41 years, S/o- Dolagobinda Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 475, dtd- 30/05/2025 that now onwards I shall be known as **GANESWAR SAHOO** for all future purposes.

# କାଶୀନଗର-ଗୁଣୁପୁର ମୁଖ୍ୟରାସ୍ତାରେ ବଢୁଛି ଦୁର୍ଘଟଣା

## ତ୍ରୁଟିପୂର୍ଣ୍ଣ ନିର୍ମାଣ ଓ ହମ୍ପସ୍ ନଥିବାରୁ ସାଜିଛି ବିପଦ

କାଶୀନଗର, ୩୧।୫(ସମିସ)



ଗଜପତି ଜିଲ୍ଲା କାଶୀନଗର ଠାରୁ ଗୁଣୁପୁର ସହରକୁ ଯାଇଥିବା ରାଜ୍ୟ ମୁଖ୍ୟରାସ୍ତା ଗାଡ଼ି ଚାଳକଙ୍କ ସମେତ ସ୍ଥାନୀୟଲୋକଙ୍କ ପାଇଁ ବିପଦ ସାଜିଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ କିଛିଦିନ ପୂର୍ବେ ପୂର୍ତ୍ତ ବିଭାଗ ପକ୍ଷରୁ କାଶୀନଗର ଗୁଣୁପୁର ଦେଇ ଯାଇଥିବା ରାଜ୍ୟ ମୁଖ୍ୟରାସ୍ତାକୁ ପୁନଃନିର୍ମାଣ କରାଯାଇଥିବା ବେଳେ କିଛି ସ୍ଥାନରେ ଅଧାପନ୍ତରିଆ ଭାବେ ରହିଥିବା ଓ ଆଉ କିଛି ସ୍ଥାନ ତଥା ଦୁର୍ଘଟଣା ଘଟୁଥିବା ରାସ୍ତାରେ ହମ୍ପସ କରାଯାଇନାହିଁ। ଏଥିଯୋଗୁଁ ସଡ଼କ ଦୁର୍ଘଟଣା ଆଶଙ୍କା ବଢୁଛି। କାଶୀନଗର-ଗୁଣୁପୁର ରାସ୍ତାରେ ଅଧିକ ଦୁର୍ଘଟଣା ହେଉଥିବା ବେଳେ ସର୍ବାଧିକ ଜୀବନହାନୀ ହୋଇଥିବା ତଥ୍ୟ ପୁଲିସ ଫାଇଲରେ ରହିଛି। ଅଧିକାଂଶ ଦୁର୍ଘଟଣା ଦ୍ରୁତ ଗତିରେ ଗାଡି ଚଳାଇବା ଦ୍ୱାରା ହେଉଛି। ଦ୍ରୁତ ଗତିକୁ ରୋକିବା ପାଇଁ ଜନଗହଳି ସ୍ଥାନରେ ରାସ୍ତାରେ ହମ୍ପସ ନିର୍ମାଣର ଆବଶ୍ୟକତା ରହିଛି। ହେଲେ କାଶୀନଗର ଥାନା ଅନ୍ତର୍ଗତ ଶିଆଳି ଗ୍ରାମ ନିକଟସ୍ଥ ଏକ ବୁଲାଣିରେ ଅଧିକ ଦୁର୍ଘଟଣା ହୋଇ ଜୀବନହାନି ହେଉଛି। ଏଥିଯୋଗୁଁ ପୂର୍ବେ ଉକ୍ତ ବୁଲାଣି ତଥା ଦୁର୍ଘଟଣା ସ୍ଥାନରେ ହମ୍ପସ ସାଇନ୍ ବୋର୍ଡ ସହ ହମ୍ପସ ନିର୍ମାଣ କରାଯାଇଥିଲା। ହମ୍ପସ ଯୋଗୁଁ ଗାଡ଼ି ଚାଳକ ସତର୍କ ହେଉଥିଲେ। ହେଲେ ବର୍ତ୍ତମାନ ଉକ୍ତ ରାସ୍ତା ନିର୍ମାଣ କରୁଥିବା ଠିକାଦାର ଅଧିକାଂଶ ଦୁର୍ଘଟଣା ଅଞ୍ଚଳରେ ହମ୍ପସ କରିନଥିବା ଯୋଗୁଁ ଦୁର୍ଘଟଣାର ସମ୍ଭାବନା ରହିଛି ବୋଲି କୁହାଯାଇଛି। ବର୍ତ୍ତମାନ ଏହି ବୁଲାଣୀରେ ହମ୍ପସ ନଥିବା ଯୋଗୁଁ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଛନ୍ତି। କିଛିଦିନ ପୂର୍ବେ ଏହି ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ଜୀବନହାନୀ ହୋଇଥିଲା। ସେହିପରି କାଶୀନଗର ନିକଟସ୍ଥ ରାସ୍ତାରେ ଅଧାପନ୍ତରିଆ ଭାବେ ରାସ୍ତା ନିର୍ମାଣ ହୋଇଥିବା ଯୋଗୁଁ ବହୁ ବାଇକ୍ ଚାଳକ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସମସ୍ୟାକୁ ନେଇ ପୂର୍ତ୍ତି ବିଭାଗ ଯନ୍ତ୍ରୀ ଦିବାକର ଦାସଙ୍କୁ ଯୋଗାଯୋଗ କରାଯିବାରେ କିଛି ସ୍ଥାନରୁ ହମ୍ପସ ଉଠାଇଦେବା ନେଇ ନିର୍ଦ୍ଦେଶ ହୋଇଛି। ଅଧିକ ଦୁର୍ଘଟଣା ହେଉଥିବା ସ୍ଥାନରେ ଆସନ୍ତା ୩୦ ଦିନ ଭିତରେ ଉକ୍ତ ହମ୍ପସ କରାଯିବ ବୋଲି କହିଛନ୍ତି। ହେଲେ ହମ୍ପସ ନିର୍ମାଣ ପୂର୍ବରୁ ଦୁର୍ଘଟଣା ଘଟି ଜୀବନହାନୀ ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ହୋଇଛି। ଯନ୍ତ୍ରୀଙ୍କ ଅବହେଳା ତଥା କେବେ ବି ଉକ୍ତ ରାସ୍ତା କାମ ବେଳେ ପରିଦର୍ଶନ ନ କରିବା ତଥା ତଦାରଖ ନକରିବା ଯୋଗୁଁ ଠିକାଦାର ଏହିପରି ତ୍ରୁଟି କରିଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ଉକ୍ତ ରାସ୍ତାର ତଦାରଖ କରି ଦୁର୍ଘଟଣା ଅଞ୍ଚଳରେ ହମ୍ପସ ନିର୍ମାଣ ସହ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଜି.ଉଦୟଗିରିରେ ଶୀତଳଷଷ୍ଠୀ ଯାତ୍ରା

**ଜି.ଉଦୟଗିରି, ୩୧।୫(ସମିସ):** ଜି.ଉଦୟଗିରି ସହରରେ ମହାଆଡ଼ମ୍ବର ପାଳିତ ହେଉଛି ଶୀତଳଷଷ୍ଠୀ ଯାତ୍ରା। ଯାତ୍ରା ପାଇଁ ଆନନ୍ଦେଶ୍ୱର ଏବଂ ଧବଳେଶ୍ୱର ମନ୍ଦିର ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ସାଜସଜ୍ଜା କରାଯାଇଛି। ମହାଦେବଙ୍କ ବିବାହ ଉତ୍ସବ ପାଇଁ ଶୁକ୍ରବାର ଦିନ ଗୁଆ ଅନୁକୂଳ କରାଯାଇଥିବା ବେଳେ ଶନିବାର ଦିନ ରାତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ବରଯାତ୍ରୀଙ୍କ ସହିତ ବାଣ, ବାଜା, ବିରାଟ ପଟୁଆରରେ ବିବାହ ଉତ୍ସବରେ ହୋଇଥିଲା। ଧବଳେଶ୍ୱର ମହାଦେବଙ୍କ ପିତା ଭାବେ ପ୍ରତାପ ପଣ୍ଡା, କନ୍ୟା ପିତା ଭାବେ ସୁବାସ ଦାଶ, ଆନନ୍ଦେଶ୍ୱରଙ୍କ ବରପିତା ଭାବେ ଦଣ୍ଡପାଣି ପାଢ଼ୀ, କନ୍ୟାପିତା ଭାବେ ଉମାଶଙ୍କର ସାମନ୍ତରାୟ ବିବାହ ସମ୍ପନ୍ନ କରିଥିଲେ।



ରବିବାର ଏବଂ ସୋମବାର ଦୁଇଦିନ ବ୍ୟାପି ଠାକୁରଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ବେଳେ ଯାତ୍ରା କମିଟି ତରଫରୁ ମଙ୍ଗଳବାର ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଯାତ୍ରା କମିଟି ସଭାପତି ଅଶ୍ୱିନୀ କୁମାର ନାୟକ, କୋଷାଧକ୍ଷ ମାନସ ରଞ୍ଜନ ଦାଶଙ୍କ ସହିତ ସଞ୍ଜୟ କୁମାର ଆଚାର୍ଯ୍ୟ, ସନ୍ତୋଷ ମୁନି, ସୁଧାଂଶୁ ଆଚାର୍ଯ୍ୟ, ବିଶୁ ମହାରଣା, ସନ୍ତୋଷ ଆଚାର୍ଯ୍ୟ, ସନାତନ ଦାଶ, ଲାଲୁ ପରିଛା ଓ ପ୍ରମୋଦ ନାୟକ ସହଯୋଗ କରୁଛନ୍ତି।

● ଶବ ସତ୍କାର ପାଇଁ ଯାଇ ନିଖୋଜ

# ମହେନ୍ଦ୍ରତନୟାରେ ଭାସିଗଲେ ବୃଦ୍ଧ



**ଗୋଷାଣି, ୩୧।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ମାଛମରା ଗ୍ରାମରେ ମହେନ୍ଦ୍ରତନୟା ନଦୀରେ ବୁଡି ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମାମିଡି ସାବରେୟା। ମାମିଡି ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ସତ୍କାର କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଯାଇଥିଲେ। ମୃତଦେହ ସତ୍କାର ପରେ ମହେନ୍ଦ୍ରତନୟା ନଦୀରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇ ଯାଇଥିଲେ। ପ୍ରଥମେ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ନ ମିଳିବାରୁ ଗୁରାଣ୍ଡି ଥାନା ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୁଲିସ୍ ପ୍ରାୟ ତିନି ଘଣ୍ଟା ଧରି ଖୋଜିବା ପରେ ମଧ କୌଣସି ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହୋଇଯିବାର ଖୋଜିବା କାମ ସ୍ଥଗିତ ରଖାଯାଇଛି। ଆସନ୍ତାକାଲି ପୁଣି ଥରେ ଖୋଜାଖୋଜି କାମ ହେବ ବୋଲି ସୂଚନା ମିଳିଛି।

# ୩୦ ତୋଳା ସୁନା ଅଳଙ୍କାର ଚୋରି

**ପାରଳାଖେମୁଣ୍ଡି, ୩୧।୫(ସମିସ):** ପାରଳାଖେମୁଣ୍ଡି ସହରର ନଟରାଜ ସିନେମାହଲ୍ ରାସ୍ତାରେ ଥିବା ସଞ୍ଜୁଲତା ପାଳ ନାମ୍ନୀ ଜଣେ ମହିଳାଙ୍କ ଘରୁ ୩୦ ତୋଳା ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ତାଙ୍କ ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପୁଅ, ଝିଅ, ଯାଆ ଓ ମା ସମସ୍ତେ ମିଳିମିଶି ଗୋଟିଏ ଘରେ ରହିଆସୁଛନ୍ତି। କିଛି ଦିନ ହେଲା ତାଙ୍କର କିଛି ଅତିଥି ଆସିଥିଲେ। ସେମାନେ ଆଜି ଭୋର୍ ୪ଟାରେ ଚାଲିଯାଇଥିଲେ। ଭୋର୍ ସାଢେ ୫ଟାରେ ତାଙ୍କ ମା' ମନ୍ଦିରକୁ ଯାଇଥିଲେ। ଫେରିଲା ପରେ ଆଲମିରା ଖୋଲା ହୋଇଥିବା ଦେଖିଥିଲେ। ଆଲମିରାରେ ଥିବା ୩୦ ତୋଳା ସୁନା ଅଳଙ୍କାର ନଥିଲା। କିନ୍ତୁ ଆଲମିରା ଚାବି ଯେଉଁ ସ୍ଥାନରେ ରହୁଥିଲା ସେହି ସ୍ଥାନରେ ଥିଲା। ଏହା ପରେ ସେମାନେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍‌କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାର ତଦନ୍ତ ଏସ୍.ଆଇ. ପ୍ରଫୁଲ୍ଲ ଜାଗରାଙ୍ଗା କରୁଥିବା ଥାନା ଅଧିକାରୀ ଶ୍ରୀ ଭୂପତି ସୂଚନା ଦେଇଛନ୍ତି।



# ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର, ୫ ଆହତ

**ଫିରିଙ୍ଗିଆ, ୩୧।୫(ସମିସ):** ଫିରିଙ୍ଗିଆ ବ୍ଲକରେ ଦୁଇ ପୃଥକ ଅଟୋ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଥିବା ବେଳେ ୫ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ ପାଙ୍ଗା ଉପରସାହି ପଞ୍ଚାୟତ ମାଲାଗାଁର ୬ ଜଣ ଅଟୋ ନେଇ ଜାଜେଶ ପାଙ୍ଗାରେ ହେଉଥିବା ମା ବରାଳ ଦେବୀଙ୍କ ଯାତ୍ରା ଦେଖିବାକୁ ଯାଇ ଫେରୁଥିବା ସମୟରେ ନିଜ ଗାଁ ନିକଟରେ ଭାରସାମ୍ୟ ହରାଇ ଅଟୋ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ପ୍ରାୟ ୧୧ ଫୁଟ ଖାଲକୁ ଖସି ପଡ଼ିବାରୁ ଅଟୋରେ ବସିଥିବା ୬ ଜଣଙ୍କ ମଧ୍ୟରୁ ପୁଷ୍ପିତା ଦିଗାଲ (୨୨), ଟିକିଲି ଦିଗାଲ (୧୪), ଝୁମୁରି ଦିଗାଲ (୧୬) ଗୁରୁତର ଆହତ ହୋଇଥିଲେ। ଅନ୍ୟ ୩ ଜଣ ସାମାନ୍ୟ ଆହତ ହୋଇଥିଲେ। ସମସ୍ତଙ୍କୁ ଅଟୋରେ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଭୁଙ୍ଗିଯୋଡି ପଞ୍ଚାୟତ ଶୁଣ୍ଡି ଗାଁରୁ ସୁମେରୁବନ୍ଧ ପଞ୍ଚାୟତ ମସାଣିଗଟା ଗାଁକୁ କୌଣସି କାମରେ ଯାଇ ନିଜ ଗାଁକୁ ଫେରୁଥିବା ବେଳେ ସାଡିଙ୍ଗିଆ ପାଖରେ ଥିବା ବିଏସଏଫ କ୍ୟାମ୍ପ ପାଖରେ ଭରସାମ୍ୟ ହରାଇ ଅଟୋ ଓଲଟି ପଡ଼ିବାରୁ ସେଥିରେ ବସିଥିବା ୩ ଜଣଙ୍କ ମଧ୍ୟରୁ ବାଞ୍ଛାନିଧି କହଁର (୨୫) ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସ୍ଥଳରେ ବିଏସଏଫ୍ ଯବାନ ମାନେ ପହଞ୍ଚି ନିଜ ଗାଡିରେ ଆହତଙ୍କୁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଟିକାବାଲି, ୩୧।୫(ସମିସ):** ଟିକାବାଲି ବ୍ଲକ ବଡ଼ିମୁଣ୍ଡା ପଞ୍ଚାୟତ କାଣୀଗୁଡ଼ି ଜଙ୍ଗଲରୁ ଶନିବାର ସକାଳେ ଏକ ମୃତଦେହ ଜବତ କରିଛି ପୁଲିସ। ମୃତକ ସାରଙ୍ଗଗଡ଼ ଥାନା ଗୁଟିଙ୍ଗିଆ ପଞ୍ଚାୟତ ଗୁମାଗଡ଼ ଗ୍ରାମର କପିଳେଶ୍ୱର ନାୟକ (୨୧)। କପିଳେଶ୍ୱର ଗତ ୨୯ ତାରିଖରେ ବଡ଼ିମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଲିଙ୍ଗସା ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିବାକୁ ଚାହୁଁଥିଲେ। ଝିଅ ନାବାଳିକା ହୋଇଥିବାରୁ ଘର ଲୋକ ବିବାହ ପାଇଁ ମନା କରୁଥିଲେ। କିନ୍ତୁ ସେ ଅଲିଙ୍ଗସା ଗ୍ରାମକୁ ମଝିରେ ମଝିରେ ଯିବା ଆସିବା କରୁଥିଲେ। କିନ୍ତୁ ବିବାହକୁ ନେଇ ଝିଅ ଓ କପିଳେଶ୍ୱରଙ୍କ ମଧ୍ୟରେ ବଚସା ହୋଇଥିଲା। ବିବାହ ପାଇଁ ବାଧ କରିବାରୁ ନାବାଳିକା ମନା କରିଥିଲେ ଓ ରାଗିଯାଇ କପିଳେଶ୍ୱର ଝିଅ ଗାଲକୁ ଚାପୁଡ଼ା ମାରିଥିଲେ। ଏନେଇ ଝିଅର ବାପା, ମାଆ ଓ ଭାଇଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇ ମାରପିଟ ହୋଇଥିଲା। ସେଠାରୁ କପିଳେଶ୍ୱର ପଳାଇ ଆସିଥିଲେ। ଏହା ପରେ ଏକ ମହୁଲ ଗଛରେ ଝିଅର ଚୁନିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୁଅର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି କପିଳେଶ୍ୱରଙ୍କ ବାପା। ସେ ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଟିକାବାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ, ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

# ଉମାକାନ୍ତ ରଥ ରାଇକିଆ କଲେଜ ନୂତନ ଅଧକ୍ଷ


**ରାଇକିଆ, ୩୧।୫(ସମିସ):** ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ଅଧକ୍ଷ ପ୍ରଭାକର ରାଜୁ ଶନିବାର ବୃତ୍ତିଗତ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ନୂତନ ଅଧକ୍ଷ ଭାବେ ଅର୍ଥଶାସ୍ତ୍ର ବିଭାଗର ବରିଷ୍ଠ ପ୍ରଫେସର ଉମାକାନ୍ତ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ଅବସର ଗ୍ରହଣ କରିଥିବା ଇଂରାଜୀ ବିଭାଗ ବରିଷ୍ଠ ପ୍ରଫେସର୍ ପ୍ରଭାକର ରାଜୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିସହ କଲେଜର ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକ, ଶଙ୍କର୍ଷଣ ସାହୁ, ଅବସର ପ୍ରାପ୍ତ ପ୍ରଫେସର୍ ଖଦାଳ ସାହୁଙ୍କ ସମେତ ପୂର୍ବତନ ଛାତ୍ରୀଛାତ୍ର ତାଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇଛନ୍ତି।




● ବିଏନ୍ ପ୍ୟାଲେସ୍ରୁ ମୂଲ୍ୟବାନ ସାମଗ୍ରୀ ଚୋରି ଘଟଣା

# ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଫେରାଦ ହେବ ଆପ୍

**ପାରଳାଖେମୁଣ୍ଡି, ୩୧।୫ (ସମିସ):** ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀ ପାର୍ଶ୍ୱରେ ଥିବା ବିଏନ୍ ପ୍ୟାଲେସରୁ ମୂଲ୍ୟବାନ ସାମଗ୍ରୀ ଚୋରି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଆମ୍ ଆଦମୀ ପାର୍ଟିର ଗଜପତି ଜିଲ୍ଲା ସଂଯୋଜକ ଶିଶିର କୁମାର ଭଞ୍ଜସାମନ୍ତ କହିଛନ୍ତି। ଏଥି ନିମନ୍ତେ ଜିଲ୍ଲା ପର୍ଯ୍ୟଟନ ବିଭାଗ, ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ଗୁଣଗାନ କରି କ୍ଷମତାସୀନ ହୋଇଛନ୍ତି। କିନ୍ତୁ ଓଡ଼ିଆଙ୍କ ସ୍ୱତନ୍ତ୍ର ବାର୍ତ୍ତା ବହନ କରୁଥିବା ଐତିହ୍ୟ ସମ୍ପନ୍ନ ବି.ଏନ୍.ପ୍ୟାଲେସ୍‌ରୁ ଚୋରି ଘଟଣାରେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପ୍ୟାଲେସ୍‌ରୁ ଚଳିତ ମାସ ୬ ତାରିଖ ବିଳମ୍ବିତ ରାତିରେ ଅମୂଲ୍ୟ ସାମଗ୍ରୀ ଚୋରି ହୋଇଛି। ସେଠାରେ ଜଗୁଥିବା ଜଣେ ଲୋକ ବିଭାଗୀୟ ଅଧିକାରୀଙ୍କୁ ଚୋରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ଜଣକ ଥାନାରେ ଏତଲା ନ ଦେଇ ଜଗୁଆଳୀକୁ ଥାନାରେ ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇ ଚୁପ ବସିଛନ୍ତି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ଗଜପତି ଜିଲ୍ଲା ଗସ୍ତରେ ଆସିଥିବା ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ କଲ୍ୟାଣ ଆନନ୍ଦ କହିଛନ୍ତି ଯେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଏନ୍ ପ୍ୟାଲେସ୍‌ରୁ ଚୋରି ଘଟଣା ନିମନ୍ତେ ସରକାରୀ ଉଦାସୀନତ ଦାୟୀ। ଓଡ଼ିଶାର ଗର୍ବ ବିଏନ୍. ପ୍ୟାଲେସର ଏଭଳି ଦୁରାବସ୍ଥାକୁ ଦେଖିଲେ ସରକାର ଓଡ଼ିଆ ଅସ୍ମିତାର ମିଥ୍ୟା ପ୍ରଚାର କରିଚାଲିଥିବା ସ୍ପଷ୍ଟ ହେଉଛି। ଏନେଇ ଆମ୍ ଆଦମୀ ପାର୍ଟି ପର୍ଯ୍ୟଟନ ମନ୍ତ୍ରୀ, ପର୍ଯ୍ୟଟନ ବିଭାଗ ସଚିବଙ୍କ ନିକଟରେ ଫେରାଦ ହେବ ବୋଲି ଶ୍ରୀ ଆନନ୍ଦ କହିଛନ୍ତି।





# କନ୍ଧମାଳ ଜିଲ୍ଲା ଗାଁ ସାଥୀ ସଂଘ ବୈଠକ



**ଖଜୁରୀପଡ଼ା, ୩୧।୫(ସମିସ):** କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଗାଁ ସାଥୀ ସଂଘ ର କର୍ମକର୍ତ୍ତାଙ୍କୁ ନେଇ ଶନିବାର ଫୁଲବାଣୀ ବ୍ଲକ ଅନ୍ତର୍ଗତ କେରେଡ଼ି ପଞ୍ଚାୟତ ପମ୍ପ ହାଉସରେ ସାଙ୍ଗଠନିକ ବୈଠକ ହୋଇଥିଲା। ସଭାରେ ରାଜ୍ୟ ସରକାରଙ୍କୁ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଗାଁ ସାଥୀଙ୍କୁ ମାସିକ ବେତନ ବିଷୟରେ ଆଲୋଚନା କରାଯାଇଥିଲା। ପୁଣି ଥରେ ଭୁବନେଶ୍ୱର ଯାଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମେତ କ୍ୟାବିନେଟ ମନ୍ତ୍ରୀ ପରିଷଦକୁ ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ନେଇ ଭେଟିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୁନର୍ବାର ଦିଲ୍ଲୀ ଗସ୍ତ ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ଟିମର ସଂଗଠକ ଶେଖବତ ଭାଇ, ଜିଲ୍ଲା ସଭାପତି ବିରୁପାକ୍ଷ ମଲିକ, ସମ୍ପାଦକ ବିଚିତ୍ରବୀର୍ଯ୍ୟ ପ୍ରଧାନ, କୋଷାଧକ୍ଷ ଭୃଙ୍ଗରାଜ ମଲିକ ଏବଂ ପ୍ରତ୍ୟେକ ବ୍ଲକ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଯୋଗ ଉତ୍ସବ

**ପାରଳାଖେମୁଣ୍ଡି, ୩୧।୫(ସମିସ):** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ (ସିୟୁଟିଏମ୍) କ୍ୟାମ୍ପସରେ ଥିବା ନୂତନ ଅଡିଟୋରିୟମ୍‌ରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ସହିତ ସହଯୋଗରେ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା କ୍ୟାମ୍ପସ୍‌ରେ ଯୋଗ ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲର ପ୍ରଫେସର ସୁପ୍ରିୟା ପଟ୍ଟନାୟକ, କୁଳସଚିବ ଡ.ଅନିତା ପାତ୍ର, ଉପକୁଳପତି ପ୍ରଫେସର (ଶିକ୍ଷା) ବିଶ୍ୱଜିତ ମିଶ୍ର, ପ୍ରଶାସନ ନିର୍ଦ୍ଦେଶକ ଡ. ଦୁର୍ଗା ପ୍ରସାଦ ପାଢ଼ୀ ଏବଂ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ରାଉତରାୟ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଉଦ୍‌ଘାଟନୀ ଭାଷଣ ପ୍ରଦାନ କରି ଯୋଗତ୍ସବ ଆରମ୍ଭ ଘୋଷଣା କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାଶଙ୍କୁ 'ସେଞ୍ଚୁରିଆନ୍ ଯୋଗ ମିତ୍ର' ଓ ସେଞ୍ଚୁରିଆନ୍ ଯୋଗ ବନ୍ଧୁ ପୁରସ୍କାର ଡ. ପ୍ରଫୁଲ୍ଲ କୁମାର ପଣ୍ଡା, ଡ.ବାଲାଜୀ ପାଢ଼ୀ, ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ଏବଂ ସିୟୁଟିଏମ୍‌ରେ ଯୋଗ, ମାନବ ମୂଲ୍ୟବୋଧ ଏବଂ ଭାରତୀୟ ଜ୍ଞାନ କେନ୍ଦ୍ରର ସଂଯୋଜକ ଡ.ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ.ପ୍ରଦୀପ କୁମାର ସାହୁ ଏବଂ ତାଙ୍କ ଦଳଙ୍କ ନେତୃତ୍ୱରେ ଗଣ ଯୋଗ ଅଧିବେଶନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ଗେମ୍ ଆଣ୍ଡ ଫେମ୍‌ର ଅଧକ୍ଷ ଏବଂ କାର୍ମିକ ମନ୍ତ୍ରଣାଳୟର ମାଷ୍ଟର ଟ୍ରେନର ଡ. ସୁଭାଷ ଚନ୍ଦ୍ର ସାରଙ୍ଗୀ, ଭୁବନେଶ୍ୱରର ପ୍ରଶିକ୍ଷକ ଅଂଶୁମାଳିନୀ ଓ ଆଇଆଇଟି ଧାନବାଦର ପ୍ରଫେସର ଅଜିତ କୁମାର ବେହୁରା ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।




# ସିକପାଟାରେ ମା' କୁମାରୀ ମାରିଆଙ୍କ ସାକ୍ଷାତକାର ପର୍ବ

**ଦାରିଙ୍ଗବାଡ଼ି, ୩୧।୫(ସମିସ):** ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ ଅନ୍ତର୍ଗତ ସିକପାଟା ଗ୍ରାମରେ ଶନିବାର କୁମାରୀ ମାରିଆଙ୍କ ସାକ୍ଷାତକାର ପର୍ବ ପ୍ରତି ବର୍ଷ ଭଳି ଚଳିତବର୍ଷ ପାଳନ କରାଯାଇଥିଲା। ଏଥିରେ ଦାରିଙ୍ଗବାଡ଼ି ପାରିସ୍‌ର ମୁଖ୍ୟଯାଜକ ମୁକୁନ୍ଦଦେବ୍ ବଳିଆରସିଂ ପବିତ୍ର ଦିବ୍ୟ ଯଜ୍ଞରେ ପୌରୋହିତ୍ୟ କରିଥିବା ବେଳେ ଯାଜକ ଦୀପକ ବଳିଆରସିଂ ବାକ୍ୟ ପ୍ରଚାର କରିଥିଲେ। ଯଜ୍ଞର ରିତିକାନ୍ତି ଅନୁଯାୟୀ ଯଜ୍ଞ ଉତ୍ସର୍ଗ ହୋଇଥିବା ବେଳେ ପ୍ରଥମ ପଠନ କିରଣ ମନ୍ତ୍ରୀ ଏବଂ ଦ୍ୱିତୀୟ ପଠନ ଜନତି ଦିଗାଳ କରିଥିଲେ। ଦିବ୍ୟଯଜ୍ଞ କାର୍ଯ୍ୟକ୍ରମକୁ ଗ୍ରାମ୍ୟ ପ୍ରଚାରକ କାମେଲ ମନ୍ତ୍ରୀ ଓ ଜନତି ଦିଗାଳଙ୍କ ନେତୃତ୍ୱରେ ପରିଚାଳନା ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମନାସୀ ପ୍ରାର୍ଥନା କରିଥିଲେ। ଦିବ୍ୟଯଜ୍ଞରେ ଅକ୍ଷୟ ପରିଚ୍ଛାଙ୍କ ନେତୃତ୍ୱରେ ସଙ୍ଗୀତ ଦଳ ସଙ୍ଗୀତ ଗାନ କରିଥିଲେ। ଯାଜକ ବିନୋଦ ଦିଗାଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମୁଖ୍ୟ ଯାଜକ ମୁକୁନ୍ଦଦେବ ବଳିଆରସିଂ, ଯାଜକ ଦୀପକ ବଳିଆରସିଂ, ସେବାଭଗ୍ନୀ ଏବଂ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ଶେଷରେ କିରଣ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଯୁବକ, ଯୁବତୀ ଓ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## କନ୍ଧମାଳରେ ଚିନ୍ତା ବଢ଼ାଉଛି ତମାଖୁ ସେବନ

# ବଢୁଛି ସ୍ୱାସ୍ଥ୍ୟ ସମସ୍ୟା; ହେଉନି ସଚେତନତା

ଜି.ଉଦୟଗିରି, ୩୧।୫(ସମିସ)

ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବା ବେଳେ ଏହାର ଭୟାବହତା ଜାଣି ସୁଦ୍ଧା ବ୍ୟବହାର ବଢ଼ିବା ଚିନ୍ତାର କାରଣ ହୋଇଛି। କନ୍ଧମାଳ ଜିଲ୍ଲାରେ ଏହାର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ହୋଇଥିଲେ ମଧ ଲୋକେ ନିଶାରେ ପଡ଼ି ଏହାକୁ ସେବନ କରୁଥିବା ବେଳେ କେତେକ ଏହାର ଭୟାବହତା ନଜାଣି ସେବନ କରୁଛନ୍ତି। ଏଥିଯୋଗୁଁ ସମାଜରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତମାଖୁରେ ଅଧିକ ବିଷାକ୍ତ ପଦାର୍ଥ ରହିଥିବା ବେଳେ ସେଥିରୁ ୭୦ ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ। ତମାଖୁ ବିକ୍ରି ଉପରେ ସରକାରୀ କଟକଣା କେବଳ କାଗଜ କଲମରେ ସୀମିତ ରହିଛି। ସବୁ ଠାରେ ଖୋଲାଖୋଲି ଭାବେ ଅଧିକ ଦାମରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ତମାଖୁ ସେବନ ଅଭ୍ୟାସରୁ ମୁକୁଳିବା ପାଇଁ ବ୍ୟାପକ ସଚେତନର ଆବଶ୍ୟକତା ଥିବାବେଳେ କନ୍ଧମାଳରେ ତାହା କରାଯାଉନାହିଁ। ମେ ୩୧ ତାରିଖକୁ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଉଥିବା ବେଳେ କନ୍ଧମାଳ ଜିଲ୍ଲାରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା କୁହାଯାଉଛି। ଏହାର ସେବନ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ସହ ବିକ୍ରି ବନ୍ଦ ଉପରେ କଠୋର ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଡା.ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି। କନ୍ଧମାଳ ରେ ପୁରୁଷଙ୍କ ସହ ମହିଳା ମଧ ବହୁ ସଂଖ୍ୟାରେ ତମାଖୁ ସେବନ କରିବା ଚିନ୍ତାର କାରଣ ହୋଇଛି। ଏଥିପାଇଁ ସଚେତନତା ସୃଷ୍ଟି ହିଁ ଏକ ମାତ୍ର ଉପାୟ ବୋଲି କୁହାଯାଇଛି।

# ରୋଗୀ ଅଛନ୍ତି, ଡାକ୍ତର ନାହାନ୍ତି
# ଭଗବାନଙ୍କ ଭରସାରେ ସୋରଡ଼ା ଡାକ୍ତରଖାନା

ସୋରଡ଼ା,୩୧।୫(ସମିସ)

ଲୋକଙ୍କୁ ହାତପାହନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସରକାର ବିପୁଳ ଅର୍ଥ ବ୍ୟୟ ସହ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ବାସ୍ତବ ଚିତ୍ର ଭିନ୍ନ। ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଲାଗୁଥିବା ବେଳେ ଡାକ୍ତରଙ୍କ ବେସରକାରୀ ଡାକ୍ତରଖାନା ପ୍ରୀତି ରୋଗୀଙ୍କ ଜୀବନକୁ ଦୁର୍ବିସହ କରୁଛି। ଏପରି ଘଟଣା ଦେଖିବାକୁ ମିଳିଛି ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସୋରଡ଼ା ବ୍ଲକର ୧୫ଟି ପଞ୍ଚାୟତ ସମେତ ପଡୋଶୀ କନ୍ଧମାଳ ଜିଲ୍ଲାର ରାଇକିଆ ଓ ଦାରିଙ୍ଗବାଡି ବ୍ଲକର କିଛି ପଞ୍ଚାୟତବାସୀ ନିର୍ଭର କରନ୍ତି। ମାତ୍ର ଏଠାରେ ଅନେକ ସମୟରେ ଡାକ୍ତର ଓ କର୍ମଚାରୀ ରହୁନାହାନ୍ତି। ଫଳରେ ରୋଗୀସେବା ପ୍ରଭାବିତ ହେଉଛି।



ଖବର ନେବାରେ ଜଣାପଡିଛି ଯେ, ବିଗତ ବର୍ଷ ମାନଙ୍କରେ ଏହି ଡାକ୍ତର ଖାନାରେ ଦୈନିକ ଶହଶହ ରୋଗୀଙ୍କ ଲମ୍ବା ଲାଇନ ଲାଗି ରହୁଥିବା ବେଳେ ବର୍ତ୍ତମାନ ଖାଁ ଖାଁ। ତିନି ମହଲା ବିଶିଷ୍ଟ କୋଠା ସତେ ଯେମିତି ଭୂତକୋଠି ପାଲଟିଛି। କିଛି ବିଭାଗ ବହୁତ କଷ୍ଟରେ ଦିନେ ଅଧେ ଖୋଲା ହେଉଥିବା ଲୋକ କହିଛନ୍ତି। ମେଡିକାଲ ମ୍ୟାନେଜମେଣ୍ଟ ୟୁନିଟ ଆସିଲା ବେଳେ ମୁଖ୍ୟ ଫାଟକ ତାଲା ସହ ସମସ୍ତ କାର୍ଯ୍ୟାଳୟ ବନ୍ଦ। ଖବର ନେବାରୁ ଜଣାଗଲା ଯେ ଏହି ଭଳି ସବୁ ସମୟ ବନ୍ଦ ସହ ନିଯୁକ୍ତ କର୍ମଚାରୀ ଜଣକ ଏହି ଡାକ୍ତରଖାନା ସହ ବଡଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱ ନେଇଛନ୍ତି। ତେଣୁ ଏଠାରେ କେବେବି ରହୁନଥିବା ବେଳେ ନିଜ ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ କିଛି ପ୍ରସୂତୀ ମହିଳା କହିଛନ୍ତି। ଏପରିକି ମାସ ମାସ ଧରି ଅପେକ୍ଷା ପରେ ମଧ ସରକାରଙ୍କ ପ୍ରଦତ୍ତ ସୁରକ୍ଷିତ ମାତୃତ୍ୱ ଯୋଜନାର ଅର୍ଥ ମଧ ମିଳୁନାହିଁ। ଯଦି କେହି ବହୁତ କାକୁତି ମିନତି ହେଲେ ବାବୁ ଜଣକ କଦର୍ଥ ବ୍ୟବହାର କରୁଛନ୍ତି। ଏଥିସହିତ କୌଣସି ଦୁର୍ଘଟଣା ହେଲେ ପ୍ରାଥମିକ ଚିକିତ୍ସା ଯଥା ତଥା ପ୍ରକାରେ ତୁଲାଇ ବ୍ରହ୍ମପୁର ରେଫର କରାଉଥିବା କହିଛନ୍ତି ରୋଗୀ ସମ୍ପର୍କୀୟ। ପୂର୍ବ ଭଳି ଆଉ ସୋରଡା ଡ଼ାକ୍ତରଖାନାରେ ସେବା ମିଳୁନଥିବାବେଳେ ଅନ୍ୟ ମେଡ଼ିକାଲ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଏନେଇ ବାରମ୍ବାର ଭାରପ୍ରାପ୍ତ ଅଧୀକ୍ଷକ ଡ଼ା ଆଶିଷ କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମଦ ସହ କାର୍ ଜବତ; ଜଣେ ଗିରଫ



**ଖଲ୍ଲିକୋଟ,୩୧।୫(ସମିସ):** ବେଆଇନ ଦେଶୀ ମଦ ଚୋରାଚାଲାଣ ହେଉଥିବା ବେଳେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ପୁଲିସ ଚଢ଼ଉ କରି ୫୨୦ ଲିଟର ଦେଶୀ ମଦ ସହ ଗୋଟିଏ କାରକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିକୁ ପୁଲିସ ଗିରଫ କରିଛି। ଗୁହାରିଆପାଟରୁ ହରିପୁର କାର ଯୋଗେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଏସଆଇ ଦେବଦତ୍ତ ପ୍ରିୟଦର୍ଶୀ, କେଶବ ଷଡ଼ଙ୍ଗୀ, ଏଏସଆଇ ହରିକୃଷ୍ଣ ସାମଲ, ଉମା ଚରଣ ପ୍ରଧାନ, କନେଷ୍ଟବଳ ଅଜୟ ବେହେରା, ରମାକାନ୍ତ ନାୟକ ପ୍ରମୁଖ ମୁକୁନ୍ଦପୁର ଛକରେ ଚଢ଼ଉ କରି ୧୦ଟି ଅଖା ବସ୍ତାରେ ଥିବା ୫୨୦ ଲିଟର ଦେଶୀ ମଦ ସହ କାର ନମ୍ବର ଓଆର ୦୨ ଟି ୬୫୩୭ କୁ ଜବତ କରିଥିଲେ। ଦେଶୀ ମଦ ଚୋରା ଚାଲାଣ କରୁଥିବା ଅଭିଯୋଗ ରେ ହରିପୁର ଗ୍ରାମର ଶୁକଦେବ ଦାସଙ୍କୁ ଗିରଫ କରିଥିଲେ। ଏନେଇ ଥାନା ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।

## ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଧରାକୋଟ,୩୧।୫(ସମିସ):** ଧରାକୋଟ ବିଇଓ ଲିଙ୍ଗରାଜ ସ୍ୱାଇଁ ଓ ଏବିଇଓ ସୀମାଞ୍ଚଳ ବେହେରାଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ସଭାପତି ଶୁକ୍ରୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ରାଜ୍ୟ କିନ୍ନର ସଂଘ ସଭାପତି ସୁଇଟି ସାହୁ, ପୂର୍ବତନ ଏବିଇଓ ପ୍ରଦୀପ କୁମାର ହୋତା, ଉମା ଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଶିକ୍ଷକ ଶଙ୍କର ବେହେରା, ରଶ୍ମିତା ରାଉଳ ପ୍ରାରମ୍ଭିକ ସଙ୍ଗୀତ ଗାନ ଓ ସିଆରସିସି ଗୌରୀ ଶଙ୍କର ଶତପଥୀ ବେଦପାଠ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ



**ଧରାକୋଟ,୩୧।୫(ସମିସ):** ଧରାକୋଟ ବ୍ଲକ କୁଶଗୁମା ଗାଁ କଲ୍ୟାଣ ମଣ୍ଡପ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିସହ ନୂତନ କୃଷି ସମ୍ପର୍କୀୟ ଜ୍ଞାନ କୌଶଳ ଉପରେ ଚାଷୀ ମାନଙ୍କୁ ସଚେତନତା ସୃଷ୍ଟି ପାଇଁ କୃଷି ରଥର ଶୁଭାରମ୍ଭ କରାଯାଇଥିଲା। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମନୋଜ ସାହୁ ସଭାପତିତ୍ୱ କରିଥିଲାବେଳେ ଆଇଆଇଡବ୍ଲୁଏମର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଗୃହ ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହକାରୀ କୃଷି ଅଧିକାରୀ ଅନିଲ କୁମାର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ଶିବାନୀ ମହାନ୍ତି, ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅଧିକାରୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରାୟ ୨୫୦ ଜଣ ଚାଷୀ ଭାଇ ଭଉଣୀଙ୍କୁ ନୂତନ ବିହନର କିସମ ସମ୍ପର୍କରେ ସଚେତନତା ସହ କୃଷି ସମସ୍ୟାର ସମାଧାନ, ଚାଷୀ ପଞ୍ଜିକରଣ, ଭୂମି ପରୀକ୍ଷଣ ଉପରେ ଆଲୋକପାତ କରିଥିଲେ।

## ବିଧାନସଭା ଷ୍ଟାଣ୍ଡିଂ କମିଟିର ଛତ୍ରପୁର ଗସ୍ତ



**ଛତ୍ରପୁର, ୩୧।୫(ସମିସ):** ରାଜ୍ୟ ବିଧାନସଭାର ନବମ ଷ୍ଟାଣ୍ଡିଂ କମିଟି ଶନିବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ଗଠିତ ଏହି ଷ୍ଟାଣ୍ଡିଂ କମିଟିର ସଦସ୍ୟ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଅଧୀରଜ ମୋହନ ପାଣିଗ୍ରାହୀ, ଯୋଗେଶ କୁମାର ସିଂ ଅରବିନ୍ଦ ମହାପାତ୍ର ଓ ଅମର କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରଥମେ ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ବ୍ଲକ ପୋଟଲାମପୁର ସ୍ଥିତ ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଚାଲିଥିବା କାର୍ଯ୍ୟକୁ ବୁଲି ଦେଖିଥିଲେ। କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସଦସ୍ୟ ମାନେ ବିରକ୍ତ ପ୍ରକାଶ କରିଥିଲେ। ପରେ ମେଗା ପ୍ରକଳ୍ପର ଅନ୍ୟାନ୍ୟ ଅଧିକାରୀ ଏବଂ ଇଂଜିନିୟର ମାନଙ୍କ ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପ୍ରଥମେ କମିଟିର ସଦସ୍ୟମାନଙ୍କୁ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ଷ୍ଟାଣ୍ଡିଂ କମିଟି ଚମାଖଣ୍ଡି ସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ। ସେଠାରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରରେ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଚିପ୍ସ, ଚିଲି, ଟମାଟ ସସ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ପ୍ରସ୍ତୁତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ସେମାନଙ୍କ କାର୍ଯ୍ୟ ଦେଖି କମିଟି ଖୁସି ଜାହିର କରିଥିଲେ, ଏହି ପରିଦର୍ଶନ ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଓଡିଶା ଜୀବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଆର୍‌ଆଇ ଓ କିରାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧରାକୋଟ,୩୧।୫(ସମିସ):** ଧରାକୋଟ ତହସିଲରେ କାର୍ଯ୍ୟରତ ରାଜସ୍ୱ ନୀରିକ୍ଷକ ଯଜ୍ଞ ନାରାୟଣ ନାୟକଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ କାର୍ଯ୍ୟରତ କନିଷ୍ଠ କିରାଣି ଅମିତ ମହାନ୍ତିଙ୍କୁ ଏଠାରୁ ଅନ୍ୟତ୍ର ବଦଳି ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ରାଜସ୍ୱ ନୀରିକ୍ଷକ ଯଜ୍ଞ ନାରାୟଣ ନାୟକ, ଲକ୍ଷ୍ମଣ ନାୟକ, ରବୀନ୍ଦ୍ର ଗୌଡ଼, ଏସ ଜଗେୟା, ରଞ୍ଜନ ବରାଡ, ଆଦିତ୍ୟ ସେନାପତି, ଶ୍ରୀକାନ୍ତ ରଥ, ମନୋଜ ମାଝି, ମନ୍ଦାକିନୀ ମଲିକ, ନାଜିର ଶିବରାମ ପ୍ରଧାନ, ସୀମାଞ୍ଚଳ ମଲିକଙ୍କ ସମେତ ତହସିଲ ଅଧିନସ୍ଥ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉଭୟ କର୍ମଚାରୀଙ୍କ ସହଯୋଗୀ ମନୋଭାବ, କର୍ମଠ ଓ ସମୟ ଉପଯୋଗୀ ଗୁଣାବଳିର ଭୂରିୟଶି ପ୍ରଶଂସା କରିବା ସହ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

● ବେସରକାରୀ ଜମିରେ ନିର୍ମାଣ କାମ ବନ୍ଦ ଦାବି

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପାଟିକୋଟା ଗ୍ରାମବାସୀ



**ପାରଳାଖେମୁଣ୍ଡି,୩୧।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ପାଟିକୋଟା-ଚନ୍ଦନଖଳାରେ ଗ୍ରାମ୍ୟ ରାସ୍ତା ଓ ପାଚେରି ବେସରକାରୀ ଜମି ଦଖଲ କରି ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଛି। ଏଥିରୁ ନିବୃତ୍ତ ରହିବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପାଟିକୋଟା ଗ୍ରାମବାସୀ। ଆଜି ଏନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ପାଟିକୋଟା ଗ୍ରାମବାସୀ ବ୍ୟକ୍ତିଗତ ଜମି ପ୍ରଦାନ ପାଇଁ ପାଟିକୋଟା ଓ ଚନ୍ଦନଖଳା ଗ୍ରାମବାସୀଙ୍କ ମଧ୍ୟରେ ରାଜିନାମା ହୋଇଥିଲା। କିନ୍ତୁ ସେହି ରାଜିନାମା କାର୍ଯ୍ୟକାରୀ ହେଉ ନଥିବା ପାଟିକେଟା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୩୦ ବର୍ଷରୁ ଅଧିକ ହେବ ଚନ୍ଦନଖଳା ଗ୍ରାମକୁ ୭୦୦ ମିଟର ରାସ୍ତା ନିର୍ମାଣ ହୋଇପାରୁନି। ଏହି ରାସ୍ତା ଉପରେ ଉଭୟ ଗୋଷାଣି ଓ ଗୁମ୍ମା ବ୍ଲକର ପ୍ରାୟ ୫ରୁ ଅଧିକ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହି ୭୦୦ ମିଟର ରାସ୍ତା ତଟରେ ପାଟିକୋଟା ଗ୍ରାମବାସୀଙ୍କ ଚାଷ ଜମି ରହିଛି। ସେମାନେ ଚାହୁଁଛନ୍ତି ଚନ୍ଦନଖଳା ପର୍ଯ୍ୟନ୍ତ ହୋଇଥିବା କେନାଲକୁ ପାଟିକୋଟା ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଉ। ତାହାହେଲେ ସେମାନେ ଜମି ଦେବେ। ଆଗାମୀ ଦିନରେ ଶାନ୍ତି ବୈଠକ କରାଯାଇ ସମାଧାନ କରାଯିବ ବୋଲି ଏନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ଆଘାତରେ ଦୋକାନୀଙ୍କ ମୃତ୍ୟୁ

**ରଙ୍ଗେଇଲୁଣ୍ଡା,୩୧।୫(ସମିସ):** ଗୋଳନ୍ଥରା ଥାନା ଅଧୀନ ଅଟୋ ନଗରରେ ନିଜ ଦୋକାନରେ ୱେଲଡିଂ କାମ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଦୋକାନ ମାଲିକଙ୍କ ମୃତ୍ୟୁ ଘଟିଥିବା ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ ହୋଇଛି। ମୃତକ ହେଲେ ହଳଦିଆପଦର ଗ୍ରାମର କେଦାରନାଥ ଦଳେଇ( ୫୨)। କେଦାରନାଥ ଶନିବାର ସକାଳ ସାଢେ ୮ ଟା ବେଳେ ଅଟୋ ନଗର ସ୍ଥିତ ନିଜ ଦୋକାନରେ ୱେଲଡିଂ କାର୍ଯ୍ୟ କରୁଥିବା ବେଳେ ହଠାତ ଅସାବଧାନତାବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇ ବିଦ୍ୟୁତ ଆଘାତରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ଭଞ୍ଜନଗର,୩୧।୫(ସମିସ):** ସ୍ଥାନୀୟ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ କ୍ଷତ୍ରିୟବରପୁର ପରିସରରେ ଏକ ବିଦାୟକାଳୀନ ଏବଂ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁବାସ ଚନ୍ଦ୍ର ସାମଲ ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଦର୍ଶନ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ନୂତନ ଭାରପ୍ରାପ୍ତ ଅଧକ୍ଷ ଭାବେ ଗିରିଧର ନାୟକ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ନୂତନ ଅଧକ୍ଷଙ୍କୁ ସହଯୋଗ କରି ମହାବିଦ୍ୟାଳୟକୁ ଶୀର୍ଷରେ ଉପସ୍ଥାପିତ କରିବା ପାଇଁ ଆଶ୍ୱାସନା ଦେଇଥିଲେ।

## ବିଶ୍ୱ ତମାଖୁ ନିଷେଧ ଦିବସ



**ଛତ୍ରପୁର,୩୧।୫(ସମିସ):** ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତିବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ। ସେ ବିଷୟକୁ ଆଜି ଗମ୍ଭୀରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନ୍ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ଏହି ଆମ ସଂକଳ୍ପ ଅଭିଯାନରେ ଜିଲ୍ଲାପାଳ ଦିବ୍ୟଜ୍ୟୋତ ପରିଡା, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଅବକାରୀ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଦେବଦମ୍ପତିଙ୍କ ବିବାହ ଓ ଶୀତଳଷଷ୍ଠୀ



**ଗଞ୍ଜାମ,୩୧।୫(ସମିସ):** ଗଞ୍ଜାମ ସହର ସ୍ଥିତ କାଶୀବିଶ୍ୱନାଥ ମନ୍ଦିରରେ ଶିବ ଓ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଯାଇଛି। ପୁରୋହିତ ପ୍ରକାଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦେବ କାର୍ଯ୍ୟରେ କର୍ତ୍ତା ଭାବେ ଅରୁଣ ରାଉଳ, ବରପିତା ବିଜୟ ପାଣିଗ୍ରାହି ଓ କନ୍ୟାପିତା ରାଜେନ୍ଦ୍ର ବାରିକ ବିବାହ ମଣ୍ଡପରେ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମୁଖ୍ୟ ପୂଜକ ଉଦୟ କୁମାର ରାଉଳଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଦେବ କାର୍ଯ୍ୟକୁ ବଟକୃଷ୍ଣ ରାଉଳ, ନରସିଂହ ରାଉଳ, ଶିବ ପ୍ରସାଦ ରାଉଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗଞ୍ଜାମ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ସମସ୍ତ ମହାଦେବ ମନ୍ଦିର ମାନଙ୍କରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା।

**ଆସିକା:** ଆସିକା ସହରର ପୁଡୁଗେଶ୍ୱର ପଲି, ତ୍ରିବେଣ୍ୱର, ବାଲୁଙ୍କେଶ୍ୱର ପୀଠ ପରିସରରେ ରୀତିନୀତି ଅନୁଯାଇ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଶୈବପୀଠ ଗୁଡିକରେ ଶ୍ରଦ୍ଧାଳୁ ଭକ୍ତଙ୍କ ଗହଳି ଚହଳି ଦେଖିବାକୁ ମିଳିଥିଲା। ଶିବ ଓ ପାର୍ବତୀ ବିବାହ କାର୍ଯ୍ୟକ୍ରମରେ ବରପିତା ଓ କନ୍ୟାପିତାଙ୍କ ନଗର ପରିକ୍ରମା ଶେଷରେ ରୋଷଣିରେ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।



**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ସହର ସମେତ ସମସ୍ତ ଶୈବ ପୀଠରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ପାଇଁ ବରଯାତ୍ରୀ ପଟୁଆର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୁରୁଷୋତ୍ତମପୁର ସହର ଉତ୍ସବ ମୁଖର ହୋଇଉଠିଥିଲା। ବାବା ସ୍ୱପେଶ୍ୱର ମନ୍ଦିରରୁ ବାହାରି ଖରୁଡା ସାହି ରାଧାକୃଷ୍ଣ ମନ୍ଦିରରେ ବିଶ୍ରାମ ନେଇ ସନ୍ଧ୍ୟାରେ ବରଯାତ୍ରୀରେ ବାହାରିଥିଲେ। ସେହିପରି କପିଳେଶ୍ୱର ନିଜ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିରରେ ବିଶ୍ରାମ ନେବା ବରଯାତ୍ରୀରେ ନଗର ପରିକ୍ରମା କରିଥିଲେ। ବଜାର ସାହିରେ ସମସ୍ତ ଦେବ ଦେବୀ ଭେଟାଭେଟି ହୋଇଥିଲେ। ପୁରୁଷୋତ୍ତମପୁର ପଞ୍ଚ ଠାକୁରାଣୀ ଅସ୍ଥାୟୀ ମନ୍ଦିରରୁ ବାହାରି ବରଯାତ୍ରୀରେ ସାମିଲ ହୋଇଥିଲେ। ସାନ୍ଧ୍ୟା ଆଳତି ପରେ ସ୍ୱପ୍ନେଶ୍ୱର, କପିଳେଶ୍ୱର ବରଯାତ୍ରୀରେ ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ସହରରେ ପଞ୍ଚ ଠାକୁରାଣୀ ଯାତ୍ରା ଏ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟକୁ ଏକ ମନୋରମା ମାହୋଲ ସୃଷ୍ଟି କରିଛି। ବଡଖେରିଡାରେ କାଳେଶ୍ୱର ଠାକୁର, ଚାଟମୁଣ୍ଡଳୀରେ ବରୁଣେଶ୍ୱର ଚନ୍ଦ୍ରଶେଖରଙ୍କ ବିବାହ ନୀତି କାର୍ଯ୍ୟ ସମ୍ପନ୍ନ ହୋଇଛି।

## ବରିଷ୍ଠ ନ୍ୟାୟାଧୀଶଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରମ୍ଭା,୩୧।୫(ସମିସ):** ପଥରା କଣ୍ଡରାପଡ଼ା ଗ୍ରାମ୍ୟ ମୁଖିଆ ତଥା ୧୪ ଦେଶ ବା ଛପନ ତାଲୁକା ଉପଦେଷ୍ଟା ଯୁଧିଷ୍ଠିର ଅଧିକାରୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା ପଥରା ଗ୍ରାମବାସୀ ଆନୁକୂଲ୍ୟରେ ଛପନ ତାଲୁକାର ସଭାପତି, ସଂପାଦକ, ଉପଦେଷ୍ଟା ମଣ୍ଡଳୀ ରୁଣ୍ଡ ହୋଇଥିଲେ। ତାଙ୍କରି କାର୍ଯ୍ୟ କଳାପକୁ ଭୂୟସୀ ପ୍ରଶଂସା କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଗ୍ରାମ ସଭାପତି ଭ୍ରମର ଟହଲ, ଲମ୍ବୋଧର ବେହେରା ସଂଯୋଜନା କରିଥିଲେ। ଛପନ ତାଲୁକା ସଭାପତି ବ୍ରଜବନ୍ଧୁ ବେହେରା, ସଂପାଦକ ରାଧାମୋହନ ପୃଷ୍ଟି, ଉପଦେଷ୍ଟା ମଣ୍ଡଳୀ ଗୋବିନ୍ଦ ପ୍ରଧାନ, ଭୀମସେନ ବେହେରା, ଗୋବିନ୍ଦ ବେହେରା, ବାବାଜୀ ଟହଲ, ରଞ୍ଜନ ମଲ୍ଲିକ, ଗୁଣ୍ଡିଚା ବେହେରା, ପ୍ରହଲ୍ଲାଦ ବେହେରା, ନରେନ୍ଦ୍ର ବେହେରା, ଉଦୟନାଥ ବେହେରା, ଡ଼ମ୍ବୁରୁଧର ବେହେରା, ବାବୁଲା ବେହେରା, ସୁବଳ ଅଧିକାରୀ, ଗୋପୀନାଥ ବେହେରା, ଭାସ୍କର ବେହେରା, ଗଗନ ବେହେରା ଅନ୍ୟାନ୍ୟ ନେତୃତ୍ୱ ମଣ୍ଡଳୀ ସ୍ମୃତିଚାରଣ ପ୍ରଦାନ କରିଥିଲେ। ଶେଷରେ ଦେଶ ଯୁଧିଷ୍ଠିର ଅଧିକାରୀଙ୍କ ବଡ ପୁତ୍ର ଉମାକାନ୍ତ ଅଧିକାରୀଙ୍କୁ ଉତ୍ତରାଧିକାରୀ ଭାବେ ଅଧିକାରୀ ପଦ ଭୂଷଣ କରାଇଥିଲେ। ତାଙ୍କର ସମସ୍ତ ପୁତ୍ର ଓ ପୁତ୍ରବଧୂ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ଲୋକକଳା ଓ ଲୋକଗୀତର ମହାସଙ୍ଗମ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସମ୍ବଲପୁରକୁ ସୁନ୍ଦର ତଥା ଆଧୁନିକ ଦିଶିବା ପାଇଁ ଶ୍ରୀ ପ୍ରଧାନ ଅନେକ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁର ଚାରବାଟି ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାର ଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଏବଂ ପାର୍କର ନବୀକରଣ କାର୍ଯ୍ୟ ଆଦିର ଶୁଭାରମ୍ଭ କରିଥିଲେ। ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ। ଆଜିର ଶୁଭ ଅବସରରେ ସମ୍ବଲପୁର ସହରକୁ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଅନେକ ପଦକ୍ଷେପର ଶୁଭାରମ୍ଭ ହୋଇଛି। ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ। ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ଶ୍ରୀ ପ୍ରଧାନ ଶ୍ରୀ ଶଗଡ଼େଶ୍ୱର ମନ୍ଦିର, ତାରକେଶ୍ୱରାୟ ମନ୍ଦିର , ମାନେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ବାବା ମନ୍ଦିର, ଗୁଡ଼େଶ୍ୱର ବାବା ଆଦି ଅନେକ ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

# ବନକର୍ମଚାରୀ ଓ ପୁଲିସ ୩ ଘଣ୍ଟା ଅଟକ

**ଛେଣ୍ଡିପଦା,୩୧।୫ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, କଣଲୋଇର ପ୍ରସନ୍ନ ନାଏକ (୬୩)। ଭୋର୍ ପ୍ରାୟ ୫ଟାରେ ପ୍ରସନ୍ନ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ପ୍ରସନ୍ନ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ଅନୁଧ୍ୟାନ ପାଇଁ ବନ କର୍ମଚାରୀ ଓ ବାଗଡ଼ିଆ ପୁଲିସ୍ ଗ୍ରାମକୁ ଯାଇଥିବା ବେଳେ ଲୋକେ ସେମାନଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଛେଣ୍ଡିପଦା ରେଞ୍ଜର୍ ଶୁଭ୍ର ଶୁଚିସ୍ମିତା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଉତ୍ତେଜନା ଥମିନଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ୩ଦିନ ମଧ୍ୟରେ ସୌର ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ, ଟ୍ରେଞ୍ଚ୍ ଖନନ, ଫସଲ ନଷ୍ଟର ଶତପ୍ରତିଶତ କ୍ଷତିପୂରଣ, କାର୍ଯ୍ୟରେ ଅବହେଳା କରିଥିବା ହାତୀ ସ୍କ୍ୱାଡ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ ହାତୀ ସ୍କ୍ୱାଡ୍ ନିଯୁକ୍ତି, ଜଙ୍ଗଲରେ ଯେକୌଣସି କାର୍ଯ୍ୟ ହେଲେ ବନସୁରକ୍ଷା ସମିତିର ସୁପାରିସ ପରେ କରାଯିବା ଆଦି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ମାଝୀ ଓ ଗ୍ରାମ ସଭାପତି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପରେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ପ୍ରସ୍ତାବିତ କଣଲୋଇ ସଂରକ୍ଷିତ ଜଙ୍ଗଲରେ ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏକ ଦନ୍ତାହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହ ଲୋକଙ୍କ ଘର ଓ ଗୁହାଳ ଆଦି ଭାଙ୍ଗି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ନାହିଁ

**■ ପ୍ରତିଦିନ ହାତୀ-ମଣିଷ ଲଢ଼େଇ, ବନ ବିଭାଗର ପଦକ୍ଷେପ ଶୂନ**
**■ ପଦା ହେବାକୁ ବସିଲାଣି ସଂରକ୍ଷିତ ଜଙ୍ଗଲ, ଗାଁମୁହାଁ ହାତୀପଲ**



ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ରେଞ୍ଜରଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଛି।

# ଅମରେନ୍ଦ୍ର ମହାନ୍ତି ନୂଆ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୧।୫(ସମିସ):** ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କ୍ଷେତ୍ରରେ ଏକ ଅଦଳବଦଳ ହୋଇଛି। ଡାକ୍ତର ବିଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ପାଇବା ପରେ ବି ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ଏବେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ରାଉରକେଲାସ୍ଥିତ ଆର୍‌ଜିଏଚ୍ ଅଧୀକ୍ଷକ ଡାକ୍ତର ଶଶିଭୂଷଣ ପଟେଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ପୁରୀ ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କୁ ନର୍ସିଂ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

**କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର**

# ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ହେଲେ ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦୁଝର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ 'ବିଜୁ ହଲ୍' ଉଦ୍‌ଘାଟିତ

## ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ




**ନୂଆଦିଲ୍ଲୀ,୩୧।୫(ସମିସ):** ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ ଭାରତର ବରପୁତ୍ର ଓ ଇଣ୍ଡୋନେସିଆର 'ଭୂମିପୁତ୍ର' ବିଜୁ ପଟ୍ଟନାୟକଙ୍କ ନାମରେ ସ୍ଥାପନ ହୋଇଛି ଏକ ହଲ। ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟସ୍ତରରେ ସ୍ୱର ଉତ୍ତୋଳନ ନିମନ୍ତେ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ ପ୍ରତିନିଧି ଦଳର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହଲ୍ ଓ ସେଠାରେ ସ୍ଥାପିତ ଏକ ଫଳକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଛନ୍ତି। ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ଏହି ଖବର ଓ ଫଟୋକୁ ନିଜ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛି।

ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପ୍ରାଚୀନ। ୧୯୫୧ ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ଆମର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ତତ୍‌ମାନଙ୍କ ସହ ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ଅଦମ୍ୟ ସାହସ ପ୍ରଦର୍ଶନ କରି ଇଣ୍ଡୋନେସିଆର ନେତାମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ ସମ୍ମାନ ସହ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ବୋଲି ଅପରାଜିତା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଅନୁଗୋଳ,୩୧।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ଅନ୍ତର୍ଗତ ତଳସୀରା ଗାଁରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣକୁ ଅଟକ ରଖି ପଚାରଉଚରା କରୁଛନ୍ତି। ଶୁକ୍ରବାର ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ତଳସୀରା ଗାଁକୁ ଚାଲି ଆସିଥିଲା। ଗାଁରେ ଥିବା ଏକ ବଗିଚାରେ ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାରରେ ଶୁଣ୍ଢ ଲାଗିବାରୁ ତା'ର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ।

# ଅବସର ପୂର୍ବରୁ ଭିଜିଲାନ୍ସ ପଞ୍ଝାରେ ସହକାରୀ ଯନ୍ତ୍ରୀ

**ବ୍ରହ୍ମପୁର, ୩୧।୫ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବ୍ରହ୍ମପୁର ରାସ୍ତା ଓ କୋଠାବାଡ଼ି ଡିଭିଜନ-୧ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏନ. ଦିଲ୍ଲୀପ କୁମାର ଚୌଧୁରୀ। ଚାକିରିରୁ ଅବସର ଗ୍ରହଣ ପୂର୍ବରୁ ସେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ବିଭାଗର ୩ଜଣ ଡିଏସ୍‌ପି ଓ ୭ଜଣ ଏସ୍‌ଆଇ ଦିଲ୍ଲୀପଙ୍କ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲେ। ଦିଲ୍ଲୀପଙ୍କ ଧର୍ମନଗରସ୍ଥିତ ସ୍ପେକ୍ଟ୍ରମ ରୟାଲ ଆପାର୍ଟମେଣ୍ଟରେ ଥିବା ୨ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ମୟୂରୀବିହାରରେ ଥିବା ଦୁଇତଲ ବିଶିଷ୍ଟ କୋଠା, ହିଲପାଟଣାସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସହିଦନଗର ଇଭୋସ ଏକ୍ସୋଟିକା ଆପାର୍ଟମେଣ୍ଟରେ ଥିବା ୩ ବିଏଚ୍‌କେ ଫ୍ଲାଟରେ ଚଢ଼ଉ ହୋଇଥିଲା। ଦିଲ୍ଲୀପଙ୍କ ବ୍ରହ୍ମପୁର ସମେତ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୧୧ଟି ଦାମୀ ପ୍ଲଟ ଥିବା ସୂଚନା ଦେଇଛି ଭିଜିଲାନ୍ସ। ବ୍ରହ୍ମପୁର ଉପକଣ୍ଠ ଲାଠି, କୁକୁଡ଼ାଖଣ୍ଡି, ରତ୍ନପୂର, ଦକ୍ଷିଣପୁର ଓ ଆମ୍ବଗଡ଼ରେ ଥିବା ପ୍ଲଟ୍‌ଗୁଡ଼ିକ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ ମାପଚୁପ କରିବ। ଏହାସହ ଯନ୍ତ୍ରୀଙ୍କ ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଥିବା ଭିଜିଲାନ୍ସ ବିଭାଗ ସୂଚନା ପ୍ରଦାନ କରିଛି। ଶନିବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ରାସ୍ତା ଓ କୋଠାବାଡ଼ି ବିଭାଗ-୧ର ସହକାରୀ ନିର୍ବାହୀଯନ୍ତ୍ରୀ ଦିଲ୍ଲୀପ କୁମାର ଚୌଧୁରୀଙ୍କ ବ୍ରହ୍ମପୁର ରୟାଲ୍ ସ୍ପେକ୍ଟ୍ରମ ଆପାର୍ଟମେଣ୍ଟର ୪୦୯ ନମ୍ବର ନିଜ ଘର ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଭାବେ ଚଢ଼ଉ କରିଛି ଭିଜିଲାନ୍ସ ବିଭାଗ। ଦିଲ୍ଲୀପଙ୍କ ଉପସ୍ଥିତିରେ ଭିଜିଲାନ୍ସ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଖୋଳତାଡ଼ କରିଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଥିବା ବେଳେ କିଛି ବ୍ୟାଙ୍କ କାଗଜପତ୍ରକୁ ଜବତ କରିଛି ଭିଜିଲାନ୍ସ।



**ଘର ସମେତ ୪ ସ୍ଥାନରେ ଚଢ଼ଉ**

**■ ଏଡିଏମ୍‌ଓ ଦୁର୍ବାଦଳ ମିଶ୍ର ହତ୍ୟା ମାମଲା**

# ୨ ଅଭିଯୁକ୍ତଙ୍କୁ ଆଜୀବନ

**ସୋନପୁର,୩୧।୫(ସମିସ):** ବହୁଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଦୀର୍ଘ ୧୧ବର୍ଷ ପରେ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ମାମଲାର ଶୁଣାଣି କରି ଆଜି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ହତ୍ୟାକାରୀଦ୍ୱୟ ହେଲେ, ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ। ୨୦୧୪ ନଭେମ୍ବର ୨୧ରେ ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମଓ ଡା. ଦୁର୍ବାଦଳଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣାରେ ଜଣେ ନାବାଳକଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋନପୁର ପୁଲିସ୍ ଧରିଥିଲା। ନାବାଳକ ଅଭିଯୁକ୍ତର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ବିଚାର ଚାଲିଛି। ସରକାରୀ ଓକିଲ କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।



ଓଡ଼ିଶା ଗସ୍ତରେ ଆସିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଶନିବାର ସହଧର୍ମିଣୀ ଶ୍ରୀମତୀ ଜ୍ୟୋତି ଜାଜୁଙ୍କ ସହ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି।

# ୧୦ଟି ଆଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି,୩୧।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ଟି ବୋମାକୁ ନିଷ୍କ୍ରିୟ କରିଛନ୍ତି ସୁରକ୍ଷା ବଳ। ସୂଚନାନୁଯାୟୀ, ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ଅବୁଝମାଡ଼ ଜଙ୍ଗଲରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ଯବାନମାନେ ମାଓବାଦୀ ଖଞ୍ଜିଥିବା ୧୦ଟି ଆଇଡି ବୋମାକୁ ଠାବ କରି ଏହାକୁ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ନିଷ୍କ୍ରିୟ କରି ଦେଇଥିବା ଜଣାପଡିଛି। ଏହା ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ମନମୋହନ ସାମଲଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ନୋଟିସ

**ଭୁବନେଶ୍ୱର,୩୧।୫ (ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବିରୋଧରେ ଅସତ୍ୟପାଠ ଅଭିଯୋଗ ଆଣି ୧୫ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବୀ ପରିଷଦ।

ପରିଷଦ ପକ୍ଷରୁ କୁହାଯାଇଛି ଯେ ନିଜକୁ ଜଣେ ଆଇନଜୀବୀ ବୃତ୍ତିଧାରୀ ବୋଲି ଦର୍ଶାଇଥିବା ମନମୋହନ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଓ ଏହି ସମୟରେ ରାଜ୍ୟ ସରକାରରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ। ଆଇନଜୀବୀ ପରିଷଦର ନିୟମ ଅନୁସାରେ ଆଇନଜୀବୀ ଭାବରେ ମନମୋହନ ସାମଲ ଉପରୋକ୍ତ ଅବଧିରେ ଆଇନ ବୃତ୍ତିରୁ ବିରତ ରହିବା ଓ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଅବ୍ୟାହତି ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଆଇନବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବା କଥା। ମାତ୍ର ଶ୍ରୀ ସାମଲ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର କୌଣସି ସୂଚନା ବା ତଥ୍ୟ ପ୍ରଦାନ ନ କରି ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଓ ଓକିଲାତି ବୃତ୍ତି ଯାହାକି ଏକ ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହି ଆଇନଜୀବୀ ଅଧିନିୟମର ବିରୋଧାଚରଣ କରିଛନ୍ତି । ଗତ ୨୩.୦୫.୨୦୨୫ ରିଖରେ ଆଇନଜୀବୀ ପରିଷଦ ନିକଟରେ ଶ୍ରୀ ସାମଲ କରିଥିବା ଅଭିଯୋଗରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ସେହିପରି ୨୫.୦୧.୨୦୨୧ ରିଖ ରେ ଦାଖଲ କରିଥିବା ଭେରିଫିକେସନ ଫର୍ମ (ପାରା ୧୨)ରେ ଶ୍ରୀ ସାମଲ ନିଜକୁ ଆଇନଜୀବୀ ବୋଲି ଦର୍ଶାଇବା ସହ ନିରବଚ୍ଛିନ୍ନ ଭାବରେ ଆଇନବୃତ୍ତି ବା ଓକିଲାତି ପେଶାରେ ରହିଥିବା ଦର୍ଶାଇଛନ୍ତି । ତେଣୁ ଆଇନଜୀବୀ ପରିଷଦ ଆଡ଼ଭୋକେଟ୍ ଅଧିନିୟମର ଧାରା ୩୫ ଅନୁସାରେ ତାଙ୍କୁ ୧୫ ଦିନିଆ ନୋଟିସ ଜାରି କରିଛି ।

# ତିନି ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ

**ଭୁବନେଶ୍ୱର,୩୧।୫(ସମିସ):** ସଂଘ, ସହର ଓ ସଂସ୍ଥା ନିର୍ବିଶେଷରେ ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାଠାଗାରଅନ୍ତର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪-୫ ଜଣ ପ୍ରକାଶକଙ୍କ ପୁସ୍ତକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଜଣେ ବ୍ୟକ୍ତି ଜାଣିଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାଲିକାକୁ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି।

ସେହିପରି ଉକ୍ତ ବ୍ୟକ୍ତି ପୂର୍ବରୁ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସଂଯୋଜକ ଥିବା ବେଳେ ନିଜର ଅଜାଙ୍କ ପୁସ୍ତକ ବିକ୍ରି କରିବା, ନିଜ ପିଏଚ୍‌ଡି ଥେସିସ୍‌କୁ ପତ୍ନୀଙ୍କ ନାମରେ ପୁସ୍ତକ କରି ବିକ୍ରି କରିବା ଭଳି ଏକାଧିକ ବେଆଇନ କାର୍ଯ୍ୟ କରିଥିବା ବେଳେ ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଚୟନ କମିଟିରେ ରହି ନିର୍ଦ୍ଦିଷ୍ଟ ୪-୫ଜଣ ପ୍ରକାଶକଙ୍କୁ କାର୍ଯ୍ୟାଦେଶ ଦେବାରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଓସେପା, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା ଲାଗି ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଚିଠିର ଏକକିତା ନକଲ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ନିର୍ଦ୍ଦେଶାଳୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀକୁ ମଧ୍ୟ ପ୍ରେରଣ କରାଯାଇଛି।

ସ୍ଥାନୀୟ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରକାଶକ ସମୂହର ଏ ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକାର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼େଇ, ବିରଞ୍ଚି ନାରାୟଣ ଦାଶଙ୍କ ସମେତ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ।

**ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ**

**ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ**

# ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହେବ ୧୦୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ, ସେନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏନେଇ ପୂର୍ବ ବିଜେଡି ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର (ଫ୍ଲୋଟିଂ ସୋଲାର) ପ୍ରକଳ୍ପ ବିକଶିତ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ସମନ୍ୱିତ ଜିଆଇଏସ୍ ମ୍ୟାପିଂ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ, ରେଙ୍ଗାଲି, ଅପରକୋଲାବ୍, ଇନ୍ଦ୍ରାବତୀ ଓ ବାଲିମେଳା ଜଳଭଣ୍ଡାରରେ ଏହି ମ୍ୟାପିଂ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯିବ। ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ୫ଟି ସ୍ଥାନରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ପରେ ୧୦୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବା ସହ ଏହାଦ୍ୱାରା ପ୍ରାୟ ୧୦ଲକ୍ଷ ଘରକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରିବ।

**■ ବିଭିନ୍ନ ଜଳଭଣ୍ଡାରରେ କରାଯିବ ସମନ୍ୱିତ ଜିଆଇଏସ୍ ମ୍ୟାପିଂ**
**■ ୫ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ ପାଇଁ ଶକ୍ତି ବିଭାଗର ଯୋଜନା**

ଅପରପକ୍ଷେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର୍ ଏନର୍ଜି(ଏନଆଇଏସଇ) ଏବଂ ଆଇ-ଫରେଷ୍ଟର ଏକ ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ, ରାଜ୍ୟର ୬୭୦ବର୍ଗ କି.ମି ବିଶିଷ୍ଟ ଜଳୀୟ ଅଞ୍ଚଳରୁ ୩୩.୫ଗିଗାୱାଟ୍ କ୍ଷମତାର ଶକ୍ତି ଉତ୍ପାଦନ କରାଯାଇପାରିବ। ସେହିପରି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ତନ୍ମଧ୍ୟରୁ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରୁ ୧୧ ପ୍ରତିଶତ ଉତ୍ପାଦନ ହାସଲ କରିହେବ। ୨୦୩୦ ସୁଦ୍ଧା ଓଡ଼ିଶା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ହାସଲ କରିଛି। ଏଥିରେ ସୌର ଏବଂ ଭାସମାନ ସୌର ପ୍ରକଳ୍ପର ଭୂମିକା ସର୍ବାଗ୍ରେ ରହିବ ବୋଲି ଶକ୍ତି ବିଶେଷଜ୍ଞ ଆଶା ରଖିଛନ୍ତି। ଅଧିକରୁ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ପରିବେଶ ଉପଯୋଗୀ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାସହ ଏହା ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ମଧ୍ୟ ଭାସମାନ ସୌର ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ବହୁ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାକୁ ସୁଦୃଢ଼ କରୁଥିବା ନେଇ ଶକ୍ତି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

# ରୋଜଗାର ଦେଇଛି ଗୋଲାପ





ସାଧାରଣତଃ ଗୋଲାପଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ସର୍ବୋପରି ଏହାର କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଗୋଲାପ ଫୁଲରେ ଅନେକ ଔଷଧୀୟ ଗୁଣ ରହିଛି । ଏହାକୁ ଖାଦ୍ୟ ଭାବେ ମଧ୍ୟ ଗ୍ରହଣ କରାଯାଉଛି । ପ୍ରସାଧାନ ସାମଗ୍ରୀ ଭାବେ ଏହାର ବ୍ୟବହାର ବହୁ ଦିନରୁ ରହିଆସିଛି । ଗୋଲାପ ଫୁଲର ବହୁବିଧ ଉପଯୋଗିତା ପାଇଁ ଏହାକୁ ଅନେକ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି । ଏଇ ଯେମିତି ରାଜସ୍ଥାନ ହଲ୍‌ଦୀଘାଟି ଅଞ୍ଚଳର ମହିଳା । ସେମାନେ ଗୋଲାପରୁ ଗୁଲକନ୍ଦ, ସର୍ବତ, ଗୋଲାପ ଜଳ ଆଦି ପ୍ରସ୍ତୁତ କରି ଅର୍ଥ ଉପାର୍ଜନ କରିପାରୁଛନ୍ତି । ଏହାର ଚାହିଦା କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଏହା ମହିଳାଙ୍କ ପାଇଁ ଏକ ସ୍ଥାୟୀ ରୋଜଗାରର ମାଧ୍ୟମ ପାଲଟିଛି ।

### ବଦଳିଛି ପରିବାରର ଆର୍ଥିକ ମାନଦଣ୍ଡ

ରାଜସ୍ଥାନ ହଲ୍‌ଦୀଘାଟିରେ ଫୁଟୁଥିବା ଏହି ଚୈତ୍ରୀ ଗୋଲାପ ନିଜର ସୁଗନ୍ଧ, ରଙ୍ଗ ତଥା ଔଷଧୀୟଗୁଣ ପାଇଁ ପ୍ରସିଦ୍ଧି ଲାଭ କରିଛି । ସ୍ଥାନୀୟ କିଛି ମହିଳା ଗୋଷ୍ଠୀ ଗଠନ କରି ଗୋଲାପଫୁଲରୁ ପାରମ୍ପରିକ ପଦ୍ଧତିରେ ସର୍‌ବତ, ଗୁଲକନ୍ଦ ତଥା ଗୋଲାପଜଳ ଆଦି ତିଆରି କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରିବଟା କରି ବେଶ୍ କିଛି ରୋଜଗାର କରିଛନ୍ତି । ଏହି ଗୋଷ୍ଠୀର ଅଧ୍ୟକ୍ଷା ରୀନା ଜୈନ୍‌ଙ୍କ କହିବାନୁଯାୟୀ, ସେ ମହିଳାମାନଙ୍କୁ ୨୦-୨୦ ଟି ଗ୍ରୁପ୍‌ରେ ଭାଗ କରି ଏ ଦିଗରେ ସେମାନଙ୍କୁ ତାଲିମ ଦେଉଛନ୍ତି । ଏହା ଦ୍ୱାରା ପ୍ରତି ମହିଳା ମାସକୁ ୧୦ ରୁ-୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଏହି କାର୍ଯ୍ୟ କରି ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏଥି ସହିତ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ଦେଶ-ବିଦେଶକୁ ପହଞ୍ଚାଇଛନ୍ତି ।

### ପାରମ୍ପରିକ ବିଧିରେ ତିଆରି ଉତ୍ପାଦ

ଏହି ମହିଳାଗୋଷ୍ଠୀଙ୍କ ଦ୍ୱାରା ଗୋଲାପ ଉତ୍ପାଦ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥାଏ । ଗୋଲାପର ପାଖୁଡ଼ାକୁ ବାଛିବା, ଶୁଖାଇବା ଏବଂ ସର୍ବତ ପ୍ରସ୍ତୁତ କରିବା ଯାଏଁ, ସମସ୍ତ ପ୍ରକ୍ରିୟାର ଶୁଦ୍ଧତା ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । ପ୍ରାରମ୍ଭରେ ମହିଳାମାନେ କେବଳ ଗୋଲାପ ସର୍ବତ ଓ ଗୁଲକନ୍ଦ ପ୍ରସ୍ତୁତ କରୁଥିଲେ । କିନ୍ତୁ ଏବେ ସେମାନେ ପାନ ସର୍ବତ ସାଙ୍ଗକୁ ପୋସ୍ତ ସର୍ବତ ମଧ୍ୟ ପ୍ରସ୍ତୁତ କରୁଛନ୍ତି । ଏହି ସବୁ ଉତ୍ପାଦ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଫଳରେ ମହିଳାଙ୍କ ଆୟ ମଧ୍ୟ ବୃଦ୍ଧି ହୋଇଛି ।

### ଚୈତ୍ରୀ ଗୋଲାପ

ଚୈତ୍ରୀ ଗୋଲାପ କେବଳ, ହଲ୍‌ଦିଘାଟୀରେ ନୁହେଁ, ବରଂ ଅନ୍ତଃରାଷ୍ଟ୍ରୀୟ ବଜାରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହାର ବିଶେଷତା ଅନୁଯାୟୀ, ଏହା କେବଳ ମାର୍ଚ୍ଚ - ଏପ୍ରିଲ ଅର୍ଥାତ୍ ଚୈତ୍ର ମାସରେ ଫୁଟିଥାଏ । ସେଥିପାଇଁ ଏହାକୁ ଚୈତ୍ରୀ ଗୋଲାପ ବୋଲି କୁହାଯାଏ । କମ୍ ପାଣିରେ ମଧ୍ୟ ଏହା ଭଲ ଉତ୍ପାଦନ ହୋଇଥାଏ । ଏହାର ମହକ ଏହାକୁ ଅନ୍ୟ ଫୁଲଠାରୁ ସ୍ୱତନ୍ତ୍ର କରିଥାଏ । ହଲ୍‌ଦୀଘାଟିର ମହିଳାମାନେ ଏହାକୁ ଆର୍ଥିକ ସୁଯୋଗରେ ପରିଣତ କରି ଆତ୍ମନିର୍ଭର ହୋଇପାରିଛନ୍ତି । ସେମାନେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରିବଟା କରିପାରୁଛନ୍ତି । ଏହି ସ୍ୱତନ୍ତ୍ରତା ପାଇଁ ହଳଦୀଘାଟି ଅଞ୍ଚଳ ଏବେ ଦେଶ ବିଦେଶରେ ପରିଚିତ ହେବାକୁ ଯାଉଛି ।

# ଟମାଟୋରେ ଘର ସଫା

ଅଧିକାଂଶ ଲୋକେ ଟମାଟୋ ଅଧିକ ପାଚିଗଲେ ଏହାକୁ ଫୋପାଡ଼ି ଦିଅନ୍ତି । କିନ୍ତୁ ଏହାକୁ ନ ଫୋପାଡ଼ି ତାହାକୁ ଉପଯୋଗ କରି ଘର ସଫା କରାଯାଇପାରିବ । ଏଥିରେ ପ୍ରାକୃତିକ ଏସିଡ୍‌ର ଗୁଣ ରହିଥାଏ । ଯାହା ଦାଗ, କଳଙ୍କି ସଫା କରିବା ସହ ଘର ଚଟାଣକୁ ମଧ୍ୟ ପରିଷ୍କାର ରଖିବାରେ ସହାୟକ ହୋଇଥାଏ । ଜାଣିବା ସେ ବିଷୟରେ...

### ବାସନ ଦାଗ ଦୂର

ଷ୍ଟିଲ୍ ବାସନ, କଡ଼େଇ କିମ୍ବା ତାୱା ପୋଡ଼ି ଯାଇଥିଲେ, ଏହାକୁ ଶଢ଼ିଯାଇଥିବା ଟମାଟୋରସ ଲଗାଇ ସଫା କରିପାରିବେ । ଏଥିପାଇଁ ଶଢ଼ିଯାଇଥିବା ଟମାଟୋକୁ ଦୁଇ ଭାଗରେ କାଟି ବାସନରେ ଦାଗ ଲାଗିଥିବା ସ୍ଥାନରେ ଲଗାନ୍ତୁ । ଏହାପରେ କିଛି ସମୟ ଛାଡ଼ି ଗୋଟିଏ ସ୍କ୍ରବ୍‌ରେ ରଗଡ଼ି ପାଣିରେ ଧୋଇ ଦିଅନ୍ତୁ । ଏହା ବାସନରୁ ପୋଡ଼ାଦାଗ ଦୂର କରିଥାଏ ।

### କଳଙ୍କି ସମସ୍ୟା

ଟମାଟୋରେ ଥିବା ପ୍ରାକୃତିକ ଏସିଡ୍ କଳଙ୍କି ଦୂର କରିବାରେ ବେଶ୍ ଲାଭଦାୟୀ ହୋଇଥାଏ । ଏଥିପାଇଁ କଳଙ୍କି ଲାଗିଥିବା ଜିନିଷରେ ପ୍ରଥମେ ଟମାଟୋ ରସ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ । ଏହାକୁ ପୁରୁଣା ବ୍ରଶ୍ କିମ୍ବା ସ୍କ୍ରବ୍‌ରେ ରଗଡ଼ି ସଫା କରନ୍ତୁ । ଏପରି କରିବା ଦ୍ୱାରା କଳଙ୍କି ଛାଡ଼ିଯାଏ ।

### କିଚେନ୍ ବେସିନ୍

ଅନେକ ସମୟରେ ରୋଷେଇ କରିବାବେଳେ କିଚେନ୍ ସିଙ୍କ୍ ଏବଂ ସ୍ଲାବ୍‌ରେ ତେଲ, ମସଲା ଛିଟିକା ପଡ଼ିଯାଏ । ଏହା ଶୁଖିଗଲେ ଛଡ଼ାଇବା ମୁସ୍କିଲ୍ ହୋଇଯାଏ । ଏପରିସ୍ଥଳେ ଟମାଟୋ ପେଷ୍ଟ ପ୍ରସ୍ତୁତ କରି ଏହାକୁ ରୋଷେଇ ଘର ସ୍ଲାବ୍ କିମ୍ବା ସିଙ୍କ୍‌ରେ ଲଗାନ୍ତୁ । ଏହାପରେ ସ୍କବ୍‌ରେ ଘଷି ସଫା କରନ୍ତୁ ।

### ଚମକାନ୍ତୁ ବାଥରୁମ୍ ଟାଇଲ୍

ଟମାଟୋରେ ଥିବା ଏସିଡ୍ ଟାଇଲ ଏବଂ କାଚକୁ ସଫା କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଟମାଟୋ ରସକୁ ଟାଇଲରେ ଲଗାଇ ୧୦-୧୫ ମିନିଟ୍ ରଖି ବ୍ରଶ୍‌ରେ ଘଷିଦିଅନ୍ତୁ । ଏହା ଦ୍ୱାରା ଟାଇଲ୍‌ରେ ଲାଗିଥିବା ମଇଳା ପରିଷ୍କାର ହୋଇ ଉଜ୍ଜ୍ୱଳ ଦିଶିଥାଏ ।



# ମଖାନା ଫେସ୍‌ପ୍ୟାକ୍

ମଖାନା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଏହା ଆଣ୍ଟି ଏଜିଙ୍ଗ୍, ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର । ଯାହା ଚର୍ମ କୁଞ୍ଚନ, ବୟସ ଛାପ ଆଦିକୁ ଦୂର କରିଥାଏ । ତେଣୁ ତ୍ୱଚାକୁ ସର୍ବଦା ଯୁବା ରଖିବାକୁ ଚାହୁଁଥିଲେ ମଖାନା ଫେସ୍‌ପ୍ୟାକ୍ ଲଗାଇପାରିବେ ।

### ମଖାନା - ମହୁ

ପ୍ରଥମେ ମଖାନାକୁ ଗୋଟିଏ ଜାର୍‌ରେ ନେଇ ପାଉଡର ପ୍ରସ୍ତୁତ କରନ୍ତୁ । ଏଥିରେ ଏକ ଚାମଚ ମହୁ ଓ ଦୁଇ ଚାମଚ କ୍ଷୀର ଦେଇ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହାକୁ ଲଗାଇବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇ ଉଜ୍ଜ୍ୱଳ ଦିଶିଥାଏ ।

### ମଖାନା - ଦହି

ଗୋଟିଏ ପାତ୍ରରେ ଅଳ୍ପ ମଖାନା ପାଉଡ୍‌ର ନେଇ ସେଥିରେ ଦୁଇଚାମଚ ଦହି ଓ ଏକ ଚାମଚ ହଳଦୀଗୁଣ୍ଡ ମିଶାଇ ଗୋଳାଇ ଦିଅନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୨୦ ମିନିଟ୍ ରଖନ୍ତୁ । ଏହା ଶୁଖିଯିବା ପରେ ଧୋଇ ଦିଅନ୍ତୁ । ଏହି ଫେସ୍‌ପ୍ୟାକ୍ ଚର୍ମକୁଞ୍ଚନ ଦୂର କରିବାରେ ସହାୟକ ହୋଇଥାଏ । ଏହାକୁ ନିୟମିତ ଲଗାଇଲେ ସୁଫଳ ମିଳିଥାଏ ।

### ମଖାନା ଓ ଆଲୋଭେରା

ପ୍ରଥମେ ମଖାନା ପାଉଡର ସହ ଦୁଇଚାମଚ ଆଲୋଭେରା ଜେଲ୍ ଓ ଏକ ଚାମଚ ଗୋଲାପ ଜଳ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।

### ମଖାନା ଓ ବେସନ

ମଖାନା ଗୁଣ୍ଡକୁ ଗୋଟିଏ ପାତ୍ରରେ ନେଇ ସେଥିରେ ଏକ ଚାମଚ ବେସନ ଓ ଲେମ୍ବୁରସ ମିଶାଇ ଗୋଳାଇ ଦିଅନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ । ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କୁ ଏଥିରୁ ବେଶୀ ସୁଫଳ ମିଳିଥାଏ ।

### ମଖାନା ଓ ମୁଲ୍‌ତାନି ମାଟି

ପ୍ରଥମେ ମଖାନାକୁ ପେଷି ପାଉଡର ପ୍ରସ୍ତୁତ କରନ୍ତୁ । ସେଥିରେ ଏକ ଚାମଚ ମୁଲତାନି ମାଟି ଓ ଏକ ଚାମଚ ଗୋଲାପ ଜଳ ମିଶାଇ ଏକ ପତଳା ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଥାଏ ।







# ଖରାଦିନିଆ କେଶର ଯତ୍ନ

ସାଧାରଣତଃ ଖରାଦିନେ ତ୍ୱଚା ସାଙ୍ଗକୁ କେଶ ମଧ୍ୟ ପ୍ରଭାବିତ ହୋଇଥାଏ । ଟାଣଖରା, ଗରମ ଓ ଝାଳ ଯୋଗୁ କେଶମୂଳ ଅଧିକ ତେଲିଆ ହୋଇଯାଏ । ଫଳରେ ସେହି ସ୍ଥାନରେ ରୂପି ଜମି କେଶରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ କିଛିଟା ସରଳ ଉପାୟ ଆପଣାଇ କେଶକୁ ଖରାରୁ ସୁରକ୍ଷା ଦେଇପାରିବେ ।

### ଧୋଇବା ପୂର୍ବରୁ ଲଗାନ୍ତୁ ତେଲ

ବିଶେଷ କରି ଟାଣଖରାରୁ କେଶକୁ ସୁରକ୍ଷା ଦେବାପାଇଁ ସପ୍ତାହରେ ଥରେ କିମ୍ବା ଦୁଇଥର ତେଲ ଲଗାନ୍ତୁ । ଏହାକୁ କେଶରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ । ଏହାପରେ କେଶରେ କଣ୍ଡିସନର୍ ଲଗାନ୍ତୁ । ଚାହିଁଲେ ହାଇଡ୍ରେଟିଙ୍ଗ୍ ମାସ୍କ ମଧ୍ୟ ଲଗାଇପାରିବେ । ଏହା କେଶକୁ ନରମ କରିବା ସହ ଚମକ ବୃଦ୍ଧି କରିଥାଏ ।

### ଗରମ ଉପକରଣରୁ ଦୂରେଇ ରୁହନ୍ତୁ

ସାଧାରଣତଃ କେଶମୂଳ ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ହେୟାର୍ ଷ୍ଟ୍ରେଟ୍‌ନର୍, ଡ୍ରାୟର୍ ତଥା କର୍ଲର ବ୍ୟବହାରରୁ ଦୂରେଇ ରୁହନ୍ତୁ । କାରଣ ଏହା କେଶକୁ ରୁକ୍ଷ କରିଥାଏ । ତେଣୁ ଯଥା ସମ୍ଭବ ଏସବୁ ଉପକରଣରୁ ଦୂରେଇ ରହିବା ଆବଶ୍ୟକ ।

### ଖରାରୁ କେଶ ସୁରକ୍ଷା

ଟାଣଖରାରେ କେଶ ନଷ୍ଟ ହେବାର ବେଶୀ ସମ୍ଭାବନା ଥାଏ । ତେଣୁ ଘରୁ ବାହାରକୁ ଯାଉଥିଲେ ଧଳା କିମ୍ବା ହାଲୁକା ରଙ୍ଗ ସ୍କାର୍ଫରେ କେଶକୁ ଘୋଡ଼ାଇ ରଖନ୍ତୁ । ଏହା କେଶକୁ ଧୂଳି, ପ୍ରଦୂଷଣ ଆଦିରୁ ସୁରକ୍ଷା ଦେଇଥାଏ ।

# ଆଖି ମେକ୍‌ଅପ୍

ମହିଳାମାନେ ସୁନ୍ଦର ତଥା ଗ୍ଲାମରସ୍ ଦିଶିବାକୁ ଚାହାନ୍ତି । ଏଥିପାଇଁ ଅନେକେ କନ୍‌ସିଲର୍, ଫାଉଣ୍ଡେସନ୍, ଲିପ୍‌ଷ୍ଟିକ୍ ଓ ବ୍ଲଶ୍‌କୁ ଗୁରୁତ୍ୱ ଦେଇଥାନ୍ତି । ହେଲେ ଆଖି ମେକ୍‌ଅପ୍ ପ୍ରତି ଏତେ ଧ୍ୟାନ ଦିଅନ୍ତିନି । କିନ୍ତୁ ଆଖି ମେକ୍‌ଅପ୍ ବିନା ମେକଅପ୍ ଅଧୁରା । ତେଣୁ ଆଖି ମେକ୍‌ଅପ୍‌କୁ ସୁନ୍ଦର କରି ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାଇ ମେକ୍‌ଅପ୍ କରିପାରିବେ ।

### ପ୍ରଥମେ ମଏଶ୍ଚରାଇଜର୍

ଆଖି ପତାରେ ଆଇସ୍ୟାଡୋ ଲଗାଇ ପୂର୍ବରୁ ପ୍ରଥମେ ଏହାକୁ ଭଲ ଭାବେ ମଏଶ୍ଚରାଇଜ୍ କରିବା ଆବଶ୍ୟକ । ଏହା ଦ୍ୱାରା ଆଖିପତା ଆର୍ଦ୍ରତା ସହ ନରମ ରହିଥାଏ । ତେଣୁ ଏହା ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ସେହିପରି ଆଖି ସମ୍ବେଦନଶୀଳ ହୋଇଥିଲେ ହାଇଡ୍ରେଟିଙ୍ଗ୍ କ୍ରିମ୍ ମଧ୍ୟ ଲଗାଇପାରିବେ ।

### ୱାଟର୍ ପ୍ରୁଫ୍ ଆଇ ମେକ୍‌ଅପ୍

ବିଶେଷ କରି ଖରାଦିନେ ୱାଟର୍ ପ୍ରୁଫ୍ ଆଇଲାଇନର୍, କାଜଲ୍ ଓ ମସ୍କାରା ଆଦି ବ୍ୟବହାର କରିପାରିବେ । ଏହା ଟାଣଖରା କିମ୍ବା ଝାଳରେ ମଧ୍ୟ ସହଜରେ ଲିଭେନି । ତେଣୁ ମେକ୍‌ଅପ୍‌ରେ କୌଣସି ଫରକ୍ ପଡ଼େନି । ସେହିପରି ଏହାକୁ ଲଗାଇବା ପରେ ପାଖାପାଖି ଆଠ ଘଣ୍ଟା ଯାଏ କୌଣସି ଟଚ୍‌ଅପ୍ କରିବାକୁ ପଡ଼ି ନଥାଏ ।

### ଆଖି ପ୍ରାଇମର୍‌ର ବ୍ୟବହାର

ଆଖି ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଆଖିରେ ପ୍ରାଇମର୍ ଲଗାଇପାରିବେ । ଏହା ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ସେହିପରି ଏହା ଆଖିର ପାଖାପାଖି ସ୍ଥାନକୁ ଓଦା ହେବାରୁ ମଧ୍ୟ ସୁରକ୍ଷା ଦେଇଥାଏ । ଏହା ଦ୍ୱାରା ଆଖି ମେକ୍‌ଅପ୍ ଦୀର୍ଘ ସମୟ ଯାଏ ସତେଜ ରହିଥାଏ ।

### ଗ୍ଲିଟର୍ ଆଖି

ସ୍ମୋକି ଆଇ ବଦଳରେ ଏକ ଗ୍ଲିଟର୍ ମେକ୍‌ଅପ୍ କରିପାରିବେ । ଏଥିପାଇଁ ଗୋଲାପୀ, ସୁନେଲି ଓ ସବୁଜ ରଙ୍ଗର ଆଇସ୍ୟାଡୋ ଲଗାନ୍ତୁ । ଏଥିରୁ ଏକ କୁଲ୍ ଲୁକ୍ ମିଳିଥାଏ । ସେହିପରି ଚାହିଁଲେ ଆଉଟ୍‌ଫିଟ୍ ଅନୁସାରେ, ମ୍ୟାଚିଙ୍ଗ୍ କରି ଗ୍ଲିଟର୍ କିମ୍ବା ସିମର୍ ଆଇସ୍ୟାଡୋ ଲଗାଇପାରିବେ । ଏହା ଆଖିକୁ ସୁନ୍ଦର ଓ ଆକର୍ଷଣୀୟ କରିଥାଏ ।







ମୋ ହାଣ୍ଡିଶାଳରୁ...

# ଦହି ଉପମା

### ଆବଶ୍ୟକ ସାମଗ୍ରୀ

ସୁଜି - ୨୦୦ ଗ୍ରାମ୍, ଦହି - ଏକ କପ୍, କଟା ଅଦା - ଅଧା ଚାମଚ, କଟା କଞ୍ଚାଲଙ୍କା - ଦୁଇଟି, ଧନିଆପତ୍ର, କଟା ପିଆଜ - ଅଧା କପ୍, ବୁଟ ଡାଲି - ଅଧା କପ୍, ଚିନାବାଦାମ - ଅଳ୍ପ, ଭୃର୍ସୁଙ୍ଗପତ୍ର - ଏକ ପାଖୁଡା, ଶୁଖିଲା ଲଙ୍କା - ଦୁଇଟି, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍ ନେଇ ସେଥିରେ ଏକ କପ୍ ଦହି ଦେଇ, କଟା କଞ୍ଚାଲଙ୍କା, କଟା ଅଦା, ଧନିଆପତ୍ର, ଲୁଣ ସାଙ୍ଗକୁ ଅଧା ଗ୍ଲାସ୍ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ପରେ ଚୁଲା ଲଗେଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇ ଆସିଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ବୁଟ ଡାଲି, ଚିନାବାଦାମ, କଟା ପିଆଜ ଓ ଭୃର୍ସୁଙ୍ଗ ପତ୍ର ଦେଇ ଭାଜନ୍ତୁ । ଏହାପରେ ସେଥିରେ ସୁଜି ମିଶାନ୍ତୁ । ସୁଜି ଭାଜି ହୋଇ ଆସିଲେ ସେଥିରେ ପୂର୍ବରୁ ରଖିଥିବା ଦହି ପାଣିକୁ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଧୀରେ ଧୀରେ ବହଳିଆ ହୋଇ ଆସିଲେ ଗ୍ୟାସ୍ ବନ୍ଦ କରି ଢାଙ୍କୁଣୀରେ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢ଼ାଙ୍କୁଣୀ ଖୋଲି ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।




ସକାଳ
THE SAKALA
www.sakalaepaper.com

## ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

# ପ୍ରଥମ ଶ୍ରେଣୀରେ କରୁନଙ୍କ ୪ର୍ଥ ଦ୍ୱିଶତକ

**କେଣ୍ଟବୁରୀ, ୩୧।୫ (ଏଜେନ୍ସି):** କରୁନ ନାୟାରଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ଏଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧିନ



ଭାରତ-ଏ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସରେ ୧୨୫.୧ ଓଭରରେ ୫୫୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କରୁନ ନାୟାର ୨୦୪ ରନର ମାରାଥନ ପାଳି ଖେଳିଥିଲେ। ୨୮୧ ବଲର ଏହି ପାଳିରେ ସେ ୨୬ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୯୨, ଧ୍ରୁବ ଜୁରେଲ ୯୪, ଯଶସ୍ୱୀ ଜୟସ୍ୱାଲ ୨୪, ଶାର୍ଦ୍ଦୁଳ ଠାକୁର ୨୭ ରନ କରିଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଲାୟନ୍ସ ଶେଷ ଖବର ସୁଦ୍ଧା ୩୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୩୩ ବର୍ଷୀୟ କରୁନଙ୍କ ଏହା ୪ର୍ଥ ଦ୍ୱିଶତକୀୟ ପାଳି। ୨୦୧୫-୧୬ ରଣଜୀ ଟ୍ରଫି ସିଜନରେ କର୍ଣ୍ଣାଟକ ପକ୍ଷରୁ ପ୍ରତିନିଧିତ୍ୱ କରି ତାମିଲନାଡୁ ବିପକ୍ଷରେ ୩୨୮ ରନ କରିଥିଲେ। ଯାହା ତାଙ୍କର ଶ୍ରେଷ୍ଠ ପାଳି ହୋଇ ରହିଛି। ସେହିଭଳି ଇଂଲଣ୍ଡ ମାଟିରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ଏଥିପୂର୍ବରୁ ସେ ୨୦୨୪ରେ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥାମ୍ପଟନ ପକ୍ଷରୁ ଖେଳି ଗ୍ଲାମରଗନ ବିପକ୍ଷରେ ୨୦୨ ରନ କରିଥିଲେ।

# ଜାତୀୟ ସବ୍‌ଜୁନିଅର ଉଷୁରେ ଓଡ଼ିଶାକୁ ୧୭ ପଦକ



**ଭୁବନେଶ୍ୱର, ୩୧।୫ (ସମିସ):** ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୧୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ସହ ୪ ରୌପ୍ୟ ଓ ୧୧ କାଂସ୍ୟ ରହିଛି। ବାଳକ ୨୬ କିଗ୍ରା ମଜନୁ ମୁଣ୍ଡା ଓ ବାଳିକା ୨୨ କିଗ୍ରାରେ ରଶ୍ମିତା ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ସୁଶାନ୍ତ ଗାଗରାଇ, ପ୍ରିୟତମ ମୁଣ୍ଡା, ଆୟୂଷ ଦାସ ଓ ଦିରେନ୍ଦ୍ର ଦାସ ରୌପ୍ୟପଦକ ହାସଲ କରିଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ୍ ୫୯ ଜଣ ଖେଳାଳି ଓ ୬ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ୩୧।୫ (ସମିସ):** ଆଇଆଇଟି ଭୁବନେଶ୍ୱର ଓ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ (ଇକୋର୍ସା)ର ମିଳିତ ସହଯୋଗରେ ରବିବାର ସକାଳ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ (୨୧.୧ କିମି) ଅନୁଷ୍ଠିତ ହେବ। ଅଲିମ୍ପିଆନ ଦୂତୀ ଚାନ୍ଦ ଏହି ହାଫ୍ ମାରାଥନର ନେତୃତ୍ୱ ନେବେ। ହାଫ୍ ମାରାଥନ ବ୍ୟତୀତ ୨ କିମି, ୫ କିମି ଓ ୧୦ କିମି ରେସ ଆୟୋଜିତ ହେବ। ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏଥିରେ ରଖାଯାଇଛି। ରବିବାର ଭୋର୍ ୪ଟା ୩୦ରେ ଜଟଣୀ ରେଳବାଇ କ୍ରିକେଟ୍ ଷ୍ଟାଡିୟମରୁ ଏହି ହାଫ୍ ମାରାଥନ ଆରମ୍ଭ ହେବ। ଆଇଆଇଟି ଭୁବନେଶ୍ୱରରୁ ଏହା ୟୁଟର୍ଣ୍ଣ ନେଇ ପୁନର୍ବାର କ୍ରିକେଟ୍ ଷ୍ଟାଡିୟମରେ ସମାପ୍ତ ହେବ। ଏଥିରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଆଦିରୁ ୧୨୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା ଅଂଶଗ୍ରହଣ କରିବେ ବୋଲି ଇକୋର୍ସା ପକ୍ଷରୁ କୁହାଯାଇଛି। ଏହି ହାଫ୍ ମାରାଥନର ଟି-ଶାର୍ଟକୁ ଶନିବାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍ୱା ଉଦ୍‌ଘାଟନ କରିଥିଲେ।

## ଏସିଆନ୍ ଆଥ୍‌ଲେଟିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ

# ଶ୍ରାବଣୀଙ୍କୁ ରୌପ୍ୟ; ଜାତୀୟ ରେକର୍ଡ ସହ ଅନିମେଶଙ୍କୁ କାଂସ୍ୟ

**ଗୁମି, ୩୧।୫ (ଏଜେନ୍ସି)**

ଦକ୍ଷିଣ କୋରିଆରେ ଶେଷ ହୋଇଥିବା ୨୮ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଅନ୍ତିମ ଦିବସରେ ଶନିବାର ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ଦେଶର ଜଣାଶୁଣା ଧାବକ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଧାବିକା ଶ୍ରାବଣୀ ନନ୍ଦ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ସଫଳତା ପାଇଛନ୍ତି।



ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ର ଫାଇନାଲରେ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ଜାପାନର ତୋୱା ଉଜାୱା (୨୦.୧୨) ଓ ସାଉଦୀ ଆରବର ଅବଦୁଲାଜିଜ୍ ଆତଫି (୨୦.୩୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନିମେଶଙ୍କ ଏହି ଟାଇମିଂ ନୂଆ ଜାତୀୟ ରେକର୍ଡ ହୋଇଛି। ନିକଟରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୪୦ ସେକେଣ୍ଡରେ ଫିନିଶ କରି ରେକର୍ଡର ଅଧିକାରୀ ରହିଥିଲେ। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପ୍ରଶିକ୍ଷକ ମାର୍ଟିନ ଓନ୍ସ ଅନିମେଶଙ୍କ ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ମହିଳା ୪ ଗୁଣା ୧୦୦ ମିଟର ରିଲେ୍ ରେସରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟପଦକ ଜିତିଥିଲା। ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ସମେତ ଏସ୍. ସ୍ନେହା, ଅଭିନ୍ୟା ସେଟ୍ଟୀ ଓ ନିତ୍ୟା ଗାନ୍ଧେ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୪୩.୨୮ ସେକେଣ୍ଡ ସହ ଚାଇନା ରିଲେ ଦଳ ସ୍ୱର୍ଣ୍ଣପଦକ ହାତେଇନେଇଥିଲା। ଭାରତୀୟ ରିଲେ ଦଳ ଏଠାରେ ରୌପ୍ୟ ଜିତିବା ସହ ୨୦୦୦ ମସିହା ପରେ ପ୍ରଥମଥର ଲାଗି ଏସିଆନ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟରେ ପଦକ ସଫଳତା ପାଇଛି।

### ଜାଭେଲିନରେ ସଚିନଙ୍କୁ ରୌପ୍ୟ

ପୁରୁଷ ଜାଭେଲିନ ଥ୍ରୋ'ରେ ଭାରତର ଯୁବ ଆଥ୍‌ଲେଟ୍ ସଚିନ ଯାଦବ ଅଳ୍ପକେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସଚିନ ୮୫.୧୬ ମିଟର ଫିଙ୍ଗି ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ୮୬.୪୦ ମିଟର ସହ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଶନିବାର ଅନ୍ୟ ଭାରତୀୟ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ରୌପ୍ୟ ଏବଂ ମହିଳା ୮୦୦ ମିଟରରେ ପୂଜା ଓ ମହିଳା ୪୦୦ ମିଟର ହର୍ଡଲ୍ସରେ ବିତ୍ୟା ରାମରାଜ କାଂସ୍ୟ ପଦକ ଜିତିଛନ୍ତି।

### ଭାରତକୁ ୨୪ ପଦକ

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଚଳିତ ୨୬ତମ ସଂସ୍କରଣରେ ଭାରତ ୨୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୧୯ ସ୍ୱର୍ଣ୍ଣ ସହ ମୋଟ୍ ୨୬ ପଦକ ଜିତି ଚାଇନା ପ୍ରଥମ ସ୍ଥାନ ହାସଲ କରିଛି।


ଅନିମେଶ

## ଫ୍ରେଞ୍ଚ ଓପନ୍

# ଚତୁର୍ଥ ରାଉଣ୍ଡରେ ସିନର, ଜ୍ୱେରେଭ

**ପ୍ୟାରିସ,୩୧।୫(ଏଜେନ୍ସି):** ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ବ୍ରିଟେନର ୫ମ ସିଡ୍ ଜ୍ୟାକ ଡ୍ରାପର ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମାଚ୍‌ରେ ସିନର ୬-୦, ୬-୧, ୬-୩ ସିଧା ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହକାଙ୍କୁ, ଡ୍ରାପର ୬-୨, ୬-୪, ୬-୨ ସିଧା ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ, ଜ୍ୱେରେଭ ୬-୨, ୭-୬, ୬-୧ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### ପେଗୁଲା, ଆନ୍ଦ୍ରିଭା ପ୍ରି-କ୍ୱାର୍ଟରରେ

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି ଜେସିକା ପେଗୁଲା ୩-୬, ୬-୪, ୬-୨ ସେଟ୍‌ରେ ଚେକ ଖେଳାଳି ମାର୍କେଟା ଭଣ୍ଡ୍ରୋଉଶୋଭାଙ୍କୁ, ଷଷ୍ଠ ସିଡ୍ ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ୬-୩, ୬-୧ ସିଧା ସେଟ୍‌ରେ ୩୨ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ, ୧୭ତମ ସିଡ୍ ଅଷ୍ଟ୍ରେଲିଆର ଡାରିଆ କାସାଟକିନା୬-୧, ୭-୫ ସେଟ୍‌ରେ ସ୍ପେନର ୧୦ମ ସିଡ୍ ପଉଲା ବଡୋସାଙ୍କୁ ହରାଇ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଯୁଗଳରେ ଭାରତର ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା, ଯୁକି ଭାମ୍ବ୍ରୀ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।


ମୀରା ଆନ୍ଦ୍ରିଭା

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ବରଗଡ଼, ଢେଙ୍କାନାଳ, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୩୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ ଏକଦିବସୀୟ ମ୍ୟାଚରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଛି। ଶ୍ରେୟାଂଶୁ ମହାନ୍ତି (୫.୫-୧-୨୭-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୮.୫ ଓଭରରେ ମାତ୍ର ୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ୧୭ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶ୍ରେୟାଂଶୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୪୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ଦିଗବିଜୟ ଦେହୁରୀଙ୍କ ୪୦ ରନ ସହାୟତାରେ ୨୩.୩ ଓଭରରେ ୯୩ ରନରେ ସୀମିତ ରହିଥିଲା। ଜବାବରେ ବାଲେଶ୍ୱର ୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସଙ୍କେତ ପଣ୍ଡା ୧୩ ରନରେ ୩ଟି ୱିକେଟ୍ ନେଇଥିଲେ।

ରେଭେନଶା ଗ୍ରାଉଣ୍ଡ-୧ରେ ନୂଆପଡ଼ା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୧୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେକ୍ ହାୟତ୍ ସର୍ବାଧିକ ୪୫ ରନ କରିଥିଲେ। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୬ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ନୂଆପଡ଼ା ୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ସେକ୍ ହାୟତ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟମ୍ୟାଚରେ ରାଉରକେଲା ୪ ୱିକେଟରେ ଗଞ୍ଜାମକୁ, ଭୁବନେଶ୍ୱର-ଏ ୧୪୧ ରନରେ ପାରାଦୀପକୁ ଓ କଟକ-ଏ ୨୦୬ ରନରେ କନ୍ଧମାଳକୁ ମାତ୍ ଦେଇଛି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୩ ୱିକେଟ୍), ରାଉରକେଲାର ଖୁସଓ୍ୱନ୍ତ ସାନ୍ଧୁ (୫ ୱିକେଟ୍) ଓ ଭୁବନେଶ୍ୱର-ଏ'ର ଅର୍ନବ ଶତପଥୀ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ପିକେଏଲ୍ ଖେଳାଳି ନିଲାମୀ

# ଶାଦଲୋଇଙ୍କ ମୂଲ୍ୟ ୨.୨୩ କୋଟି ଟଙ୍କା

**ମୁମ୍ବାଇ,୩୧।୫(ଏଜେନ୍ସି):** ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ୨୦୨୫ ସଂସ୍କରଣ ପାଇଁ ମୁମ୍ବାଇରେ ଖେଳାଳି ନିଲାମୀ ଚାଲୁ ରହିଛି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିଲାମୀରେ ଇରାନର ତାରକା ଡିଫେଣ୍ଡର ମହମ୍ମଦ ରେଜା ଶାଦଲୋଇ ୨.୨୩ କୋଟି ଟଙ୍କାରେ ଗୁଜରାଟ ଜିଆଣ୍ଟସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଯୋଗେଶ ୧.୨୫ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ, ଦୀପକ ୮୬ ଲକ୍ଷ ଟଙ୍କାରେ ପାଟଣା ପାଇରେଟ୍ସ ଦଳରେ ସାମିଲ ହୋଇଛନ୍ତି। ଦୀପକ ପ୍ରଥମ ଖେଳାଳି ଭାବେ ନିଲାମୀରେ ୫୦ ଲକ୍ଷ ପାର କରିଥିଲେ।




## ଆଇପିଏଲ୍ ୧୮ | ଆଜି କ୍ୱାଲିଫାୟର-୨


# ୧୧ ବର୍ଷ ପରେ ଫାଇନାଲ ଲକ୍ଷ୍ୟରେ ପଞ୍ଜାବ

**ଅହମ୍ମଦାବାଦ, ୩୧।୫ (ଏଜେନ୍ସି)**

ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ସୁପର୍ ସନ୍‌ଡେ'ରେ ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୨ରେ ଆସନ୍ତାକାଲି ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ସହ ପଞ୍ଜାବ କିଙ୍ଗ୍‌ସ ସାମ୍ନାସାମ୍ନି ହେବେ। ଉଭୟ ମୁମ୍ବାଇ ଓ ପଞ୍ଜାବ ଲାଗି ଏହା ସେମିଫାଇନାଲ ସଦୃଶ ହୋଇଛି। ଅର୍ଥାତ୍ ଯେଉଁ ଦଳ ଏହି ମ୍ୟାଚରେ ବିଜୟୀ ହେବ ମଙ୍ଗଳବାର ଫାଇନାଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ପୂର୍ବରୁ କ୍ୱାଲିଫାୟର-୧ରେ ଆର୍‌ସିବି ୮ ୱିକେଟ୍‌ରେ ପଞ୍ଜାବକୁ ମାତ୍ ଦେଇ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।



ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପାଇଁ କ୍ୱାଲିଫାୟର-୨ ବେଶ୍ ଗୁରୁତ୍ୱବହନ କରୁଛି। କ୍ୱାଲିଫାୟର-୧ରେ ପଞ୍ଜାବ ରଜତ ପାଟିଦାରଙ୍କ ଆର୍‌ସିବି ନିକଟରୁ ଏକପାଖିଆ ଭାବେ ୮ ୱିକେଟ୍‌ରେ ହାରି ସିଧାସଳଖ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲା ପଞ୍ଜାବ ପାଇଁ 'କର ବା ମର' ସଦୃଶ ହୋଇଛି। ଯଦି ପଞ୍ଜାବ ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୧୧ ବର୍ଷ ପରେ ଆଇପିଏଲ୍ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ଶେଷ ଓ ପ୍ରଥମଥର ଲାଗି ପଞ୍ଜାବ ୨୦୧୪ରେ ଫାଇନାଲ ଖେଳିଥିଲା। ଏଥିରେ କିନ୍ତୁ ଦଳ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପାଇଁ ବ୍ୟାଟିଂରେ ପ୍ରଭସିମରନ ଓ ଆୟର ଯଥାକ୍ରମେ ୫୧୭ ଓ ୫୧୬ ରନ କରି ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ବୋଲିଂରେ ଅର୍ଶଦୀପ୍ ସିଂହ ୧୮ ୱିକେଟ୍ ନେଇ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ମୁମ୍ବାଇ ଏଲିମିନେଟରେ ୨୦ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ୱାଲିଫାୟର-୨ରେ ପହଞ୍ଚିଛି। ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚରେ ୮୧ ରନ କରି ଫର୍ମକୁ ଫେରିବା ଏବଂ ଇଂଲଣ୍ଡର ଅଭିଜ୍ଞ ୱିକେଟ୍‌କିପର ଜନ୍ନୀ ବେୟାରଷ୍ଟୋ ୪୭ ରନର ଦ୍ରୁତ ପାଳି ଖେଳିବା ମୁମ୍ବାଇର ବ୍ୟାଟିଂ ଲାଇନଅପ୍‌କୁ ଆହୁରି ସୁଦୃଢ଼ କରିଛି। ଯଦି ଏହି ମ୍ୟାଚରେ ମୁମ୍ବାଇ ବିଜୟୀ ହୁଏ ତେବେ ୭ଥର ଲାଗି ଫାଇନାଲ ଖେଳିବ।




| କ୍ୱାଲିଫାୟର-୨ | |
|---|---|
| ମୁମ୍ବାଇ ବନାମ ପଞ୍ଜାବ | |
| ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS